

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୬ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 May 2026
Vol.No. 36 ■ No.128 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ପ୍ରତିରକ୍ଷା, ଗ୍ୟାସ ଓ ତୈଳ ଭଣ୍ଡାର କ୍ଷେତ୍ରରେ ଭାରତ-ୟୁଏଇ ରାଜିନାମା

ନୂଆଦିଲ୍ଲୀ,୧୫/୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୫ ଦେଶୀୟ ଗସ୍ତରେ ଯାଇ ପ୍ରଥମ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍ସରେ ପହଞ୍ଚିଛନ୍ତି। ସେଠାରେ ତାଙ୍କର ମାତ୍ର ଅଢ଼େଇ ଘଣ୍ଟାର ରହଣି ମଧ୍ୟରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଏଲ୍‌ପିଜି ଯୋଗାଣ ଓ ରଣନୈତିକ ତୈଳ ଭଣ୍ଡାର କ୍ଷେତ୍ରରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର ହୋଇଛି। ଏଥିସହିତ ଭାରତର ଭିତ୍ତିଭୂମି ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରେ ୟୁଏଇ ୫ ବିଲିଅନ ଡଲାରର ନିବେଶ କରିବ ବୋଲି ମଧ୍ୟ ପ୍ରତିଶ୍ରୁତ ଦେଇଛି। ଗୁଜରାଟର ଦ୍ୱାରକା ଜିଲ୍ଲା ଅନ୍ତର୍ଗତ ଭାଡ଼ିନାରଠାରେ ଏକ ଜାହାଜ ମରାମତି ପୁଞ୍ଜ ସ୍ଥାପନ ପାଇଁ ମଧ୍ୟ ଦୁଇ ଦେଶ ମଧ୍ୟରେ ରାଜିନାମା ହୋଇଛି। ୟୁଏଇ ରାଷ୍ଟ୍ରପତି ମହମ୍ମଦ ବିନ୍ ଜାୟେଦ ଅଲ ନାହୟାନ୍ ଏବଂ ମୋଦୀଙ୍କ ଉପସ୍ଥିତିରେ ଏହି ରାଜିନାମାଗୁଡ଼ିକ ସ୍ୱାକ୍ଷର ହୋଇଛି। ଉଲ୍ଲେଖଯୋଗ୍ୟ ଭାରତ ଓ ୟୁଏଇ ଗତ କିଛିବର୍ଷ



ମଧ୍ୟରେ ଆର୍ଥିକ ସହଯୋଗିତାକୁ ବଢ଼ାଇଛନ୍ତି। ବିଶେଷକରି ଦୁଇ ଦେଶ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଯୋଗ ରାଜିନାମା ସ୍ୱାକ୍ଷର ପରେ ଏହା ବଢ଼ିଛି। ଏଥିପାଇଁ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ୧୦୦ ବିଲିଅନ ଡଲାର ଟପିଛି। ଆଗାମୀ ଦିନରେ ଏହାକୁ ୨୦୦ ବିଲିଅନ ଡଲାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁଏଇ ଗସ୍ତ ଅବସରରେ ସ୍ୱାକ୍ଷରିତ ହୋଇଛି ବଡ଼ ଚୁକ୍ତି। ଏହା ମଧ୍ୟରେ ରହିଛି ୫ ବିଲିଅନ୍ ଡଲାରର ପୁଞ୍ଜିନିବେଶ, ପ୍ରତିରକ୍ଷା ସହଯୋଗ ଏବଂ ଶକ୍ତି କ୍ଷେତ୍ରରେ ରଣନୈତିକ ଭାଗୀଦାରି । ଇରାନ ଆମେରିକା ଯୁଦ୍ଧ ମଧ୍ୟରେ ହର୍ମୁଜ ପ୍ରଣାଳୀରେ ପରିବହନ ବନ୍ଦ ରହିଥିବାରୁ ସାରା ବିଶ୍ୱରେ ଦେଖା ଦେଇଛି ଶକ୍ତି ସଂକଟ । ଏହି ଅସ୍ଥିରତା ଭିତରେ ସ୍ଥିରତା, ପରସ୍ପର ସମ୍ପର୍କ ମଜଭୁତ ରଖିବା ଏବଂ ଆର୍ଥିକ ସ୍ଥିରତା ଉପରେ ଗୁରୁତ୍ୱ ଦେଇଛନ୍ତି ଉଭୟ ରାଷ୍ଟ୍ର । ୟୁଏଇ ଭାରତର ବିଭିନ୍ନ ପ୍ରକଳ୍ପରେ ୫ ବିଲିୟନ ଆମେରିକୀୟ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରକାଶ କରିଛି । ଏହି ଅର୍ଥ ଭାରତର ପରିବହନ, ବନ୍ଦର ଏବଂ ଲଜିଷ୍ଟିକ୍ସ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ । ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଏକ ନୂତନ ଶିଖରରେ ପହଞ୍ଚିବ ବୋଲି ଆଶା କରାଯାଉଛି । ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ସ୍ୱରୂପ, ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହା ଅଧୀନରେ ଉଭୟ ଦେଶ ମିଳିତ ସମରାଭ୍ୟାସ, ଗୋପନୀୟ ସୂଚନା ଆଦାନପ୍ରଦାନ ଏବଂ ପ୍ରତିରକ୍ଷା ସାମଗ୍ରୀର ସହ-ଉତ୍ପାଦନ ଉପରେ ଗୁରୁତ୍ୱ ଦେବେ। ଶକ୍ତି କ୍ଷେତ୍ରରେ ଭାରତର ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ୟୁଏଇ ସହ ଏନର୍ଜି ଡିଲ୍ ହୋଇଛି । ଏଥିରେ ପାରମ୍ପରିକ ତୈଳ ଓ ଗ୍ୟାସ ସହିତ ଅକ୍ଷୟ ଶକ୍ତି ଏବଂ ଗ୍ରୀନ ହାଇଡ୍ରୋଜେନ ଉପରେ ଗୁରୁତ୍ୱ ଦିଆଯାଇଛି । ପେଟ୍ରୋଲିୟମ ଭଣ୍ଡାର ଉପରେ ମଧ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏଲପିଜି ଯୋଗାଣ ନେଇ ହୋଇଥିବା ଚୁକ୍ତିରେ ଭାରତକୁ ସ୍ଥିର ଏବଂ ଦୀର୍ଘକାଳୀନ ଶକ୍ତି ଯୋଗାଣ ସୁନିଶ୍ଚିତ କରିବ । ଏହାଦ୍ୱାରା ଦୀର୍ଘସମୟ ପାଇଁ ପ୍ରାଥମିକତା ଭିତ୍ତିରେ ୟୁଏଇ ଭାରତକୁ ଏଲ୍‌ପିଜି ଯୋଗାଣ କରିବ । ଏଥିରେ ଭାରତର ଘରୋଇ ଏଲପିଜି ଆବଶ୍ୟକତାର ପ୍ରାୟ ୪୦ ପ୍ରତିଶତ ପୂରଣ ହେବ। ପ୍ରଧାନମନ୍ତ୍ରୀଙ୍କ ୟୁଏଇ ଗସ୍ତରେ ଗୁଜରାଟର ଭାଡିନାରରେ ଏକ ଜାହାଜ ମରାମତି କ୍ଲଷ୍ଟର ସ୍ଥାପନ ପାଇଁ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ◆◆ପୃଷ୍ଠା ୭

# ଜୁନ ୨୧ରେ ପୁଣି ଥରେ ନିଟ୍ ପରୀକ୍ଷା

ନୂଆଦିଲ୍ଲୀ,୧୫/୫ : କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍. ଟି. ଏ.) ନିଟ୍. (ୟୁ. ଜି.) ଜୁନ ୨୧ ୨୦୨୬ର ପୁନଃପରୀକ୍ଷା କରିବାକୁ ଘୋଷଣା କରିଛି। କେବଳ ଏନ୍. ଟି. ଏ. ର ଅଫିସିଆଲ୍ ୱେବସାଇଟରେ ପ୍ରକାଶିତ ସୂଚନା ଉପରେ ବିଶ୍ୱାସ କରିବାକୁ ଏଜେନ୍ସି ସୋସିଆଲ ମିଡିଆରେ ପରୀକ୍ଷାର୍ଥୀ ଏବଂ ପିତାମାତାଙ୍କୁ ନିବେଦନ କରିଛି। ଏଜେନ୍ସି କୌଣସି ସୂଚନା କିମ୍ବା ସହାୟତା ପାଇଁ ନିଟ୍ ୟୁଜି ଇ-ମେଲ ଏବଂ ହେଲ୍ପଲାଇନ୍ ନମ୍ବର ୦୧୧-୪୦୭୫୯୦୦୦ ଏବଂ ୦୧୧-୬୯୨୨୭୭୦୦ ଜାରି କରିଛି।ଇତି ମଧ୍ୟରେ ଗତକାଲି





ବିଳମ୍ବିତ ରାତିରେ ଶିକ୍ଷା ମନ୍ତ୍ରୀଙ୍କ ବାସଭବନରେ ନିଟ୍ ପରୀକ୍ଷା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ◆◆ପୃଷ୍ଠା ୭

# ରାଜ୍ୟ ସରକାର କର୍ମଚାରୀଙ୍କୁ 'ସାବିତ୍ରୀ ଭେଟି': ବଢ଼ିଲା ୨ ପ୍ରତିଶତ ମହଙ୍ଗାଭତ୍ତା

ଭୁବନେଶ୍ୱର, ୧୫/୫ (ନି.ପ୍ର): ସାବିତ୍ରୀ ଅମାବାସ୍ୟା ପୂର୍ବରୁ ରାଜ୍ୟ ସରକାର ରାଜ୍ୟର ସରକାରୀ କର୍ମଚାରୀଙ୍କୁ ସାବିତ୍ରୀ ଭେଟି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ସମ୍ପ୍ରତି ଇରାନ୍-ଆମେରିକା ଯୁଦ୍ଧ ଯୋଗୁଁ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଓ ଶକ୍ତି ସଙ୍କଟରେ ଏହି ଭତ୍ତାବୃଦ୍ଧି କିଛି ପରିମାଣରେ ଆଶ୍ୱସ୍ତି ଆଣିବା ଆଶା କରାଯାଉଛି। ବର୍ଦ୍ଧିତ ମହଙ୍ଗାଭତ୍ତା ଯୋଗୁଁ, ସରକାରୀ କର୍ମଚାରୀଙ୍କ ମୋଟ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇବ। ଏହା ୨୦୨୬ ଜାନୁଆରି ପହିଲାରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମଇ ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନ ଭୋଗୀ ମାନଙ୍କ ଟିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ମଇ ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ରାଜ୍ୟର ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

# ସିବିଆଇ ପଞ୍ଝାରେ ନିଟ ପ୍ରଶ୍ନପତ୍ର ଲିକ୍‌ର କିଙ୍ଗପିନ ପ୍ରଫେସର କୁଲକର୍ଣ୍ଣି

ନୂଆଦିଲ୍ଲୀ,୧୫/୫ : ଦେଶର ୨୨ ଲକ୍ଷ ପିଲାଙ୍କ କ୍ୟାରିୟର ସହ ଖେଳିଥିବା ନିଟ ୟୁଜି ପ୍ରଶ୍ନପତ୍ର ଲିକର କିଙ୍ଗ ପିନଙ୍କୁ ଗିରଫ କରିଛି ସିବିଆଇ। ପୁଣେ ଭିତ୍ତିକ କେମେଷ୍ଟ୍ରୀ ଲେକଚରଙ୍କୁ ସିବିଆଇ ବାନ୍ଧିବାକୁ ସକ୍ଷମ ହୋଇଛି। ଏହି ପ୍ରଫେସର ଜଣଙ୍କ ଅନେକ ନିଟ ଆଶାୟୀଙ୍କୁ ଗୋଟିଏ ଗୁପ୍ତ ଟ୍ୟୁସନ ସେସନ୍ସ ଜରିଆରେ ପ୍ରଶ୍ନ ଗୁଡ଼ିକ ଦେଇଥିଲେ ବୋଲି ସିବିଆଇ କହିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପିଭି କୁଲକର୍ଣ୍ଣି। ସେ ନିଟ ପରୀକ୍ଷା କରୁଥିବା ନ୍ୟାଶନାଲ ଟେଷ୍ଟିଂ



ଏଜେନ୍ସି(ଏନଟିଏ) ପକ୍ଷରୁ ପରୀକ୍ଷା ପ୍ରକ୍ରିୟାରେ ସାମିଲ ଥିଲେ। ମେ' ୩ରେ ହୋଇଥିବା ନିଟ ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ସହ ତାଙ୍କର ସିଧାସଳଖ ଲିଙ୍କ ଥିଲା। ମେ' ୩ରେ ହୋଇଥିବା ନିଟ ୟୁଜି ପରୀକ୍ଷା ଏବେ ପରୀକ୍ଷା ପ୍ରଶ୍ନପତ୍ର ଲିକ ଯୋଗୁ ବାତିଲ ହୋଇ ସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରଫେସର କୁଲକର୍ଣ୍ଣି ବର୍ଷବର୍ଷ ଧରି ନିଟ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲରେ ମଧ୍ୟ ରହିଥିଲେ। କୁଲକର୍ଣ୍ଣି ହେଉଛନ୍ତି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର। ତାଙ୍କୁ ସିବିଆଇ ମେ' ୧୪ରୁ ଜେରା କରିବାକୁ ଉଠାଇ ନେଇଥିଲା। ଏବେ ତାଙ୍କୁ ବିଧିବଦ୍ଧ ଭାବେ ଗିରଫ କରାଯାଇଛି। ପ୍ରଫେସର କୁଲକର୍ଣ୍ଣି ଓ ଆଉ ଜଣେ ଅଭିଯୁକ୍ତର ◆◆ପୃଷ୍ଠା ୭

# ଓଡ଼ିଶାରେ ଏସଆଇଆର: ୩୦ ମଇରୁ ଘରକୁ ଘର ପରିଦର୍ଶନ କରିବେ ବିଏଲଓ

## ସେପ୍ଟେମ୍ବର ୬ ରେ ପ୍ରକାଶ ପାଇବ ଚୂଡାନ୍ତ ଭୋଟର ତାଲିକା

ଭୁବନେଶ୍ୱର, ୧୫/୫ (ନି.ପ୍ର): ରାଜ୍ୟର ହେବାକୁ ଥିବା ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ



ଅନୁଯାୟୀ, ୦୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି।୨୦ ମଇ ୨୦୨୬ ରୁ ୨୯ ମଇ ୨୦୧୬ ପର୍ଯ୍ୟନ୍ତ ପ୍ରିଂଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ। ଏହାପରେ ୩୦ ମଇ ରୁ ୨୮ ଜୁନ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ୨୮ ଜୁନ୨୦୨୬ ସୁଦ୍ଧା ◆◆ପୃଷ୍ଠା ୭

# ରାଜ୍ୟରେ ପେଟ୍ରୋଲ, ଡିଜେଲର ଅଭାବ ନାହିଁ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୫/୫ (ନି.ପ୍ର): ରାଜ୍ୟରେ ପେଟ୍ରୋଲ, ଡିଜେଲର ଅଭାବ ନାହିଁ । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପର୍ଯ୍ୟାପ୍ତ ପରିମାଣର ତୈଳ ମହଜୁଦ୍ ଅଛି। ଆତଙ୍କିତ ହୋଇ ତେଲ ନକିଣିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ। ଟାଙ୍କିରେ ବହୁତ ଭିଡ଼ ବଢ଼ିଯିବାରୁ ଅଳ୍ପ ଅଳ୍ପ ତେଲ ଦେଉଛନ୍ତି ମାଲିକ। ଏନେଇ ସରକାରଙ୍କ ପକ୍ଷରୁ କିଛି ନିୟମ କରାଯାଇ ନାହିଁ। ୧୩ ଦିନ ପାଇଁ ଷ୍ଟକ୍ ଓଡ଼ିଶାରେ ଅଛି ।

# ମଇ ୧୮ ଓ ୨୫ ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଆସନ୍ତା ମଇ ୧୮ ଓ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମଇ ୧୮ ତାରିଖ ଓ ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଲୋକସେବା ଭବନ ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଭୁବନେଶ୍ୱର ଲୋକସେବା ଭବନ ଆଗରେ ଜଣେ ମହିଳା ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ନିଆଁ ଲଗାଇବା ପୂର୍ବରୁ ୧ ନମ୍ବର ଗେଟ୍ ଆଗରେ ସେଠାରେ ଉପସ୍ଥିତ ଏସ୍ଏସ୍ବି ଯବାନ ମହିଳାଙ୍କୁ କାବୁ କରିଥିଲେ। ଏହି ସମୟରେ ମହିଳା ଜଣକ ବାଣପୁର ପୋଲିସ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ବିନା ଦୋଷରେ ପୋଲିସ୍ ମିଛ କେସ୍ ରୁଜୁ କରି ତାଙ୍କୁ ଗିରଫ କରିଥିବା ଏବଂ ସେ ୩ ମାସ ଜେଲରେ କାଟିଥିବା ଅଭିଯୋଗ କରିଛନ୍ତି।

# ତେଲ ପାଇଁ ସାରା ରାଜ୍ୟରେ ହାହାକାର: କେଉଁଠି ବନ୍ଦ ତ କେଉଁଠି ଲମ୍ବା ଲାଇନ୍

■ପେଟ୍ରୋଲ, ଡିଜେଲ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି
■ରାଜ୍ୟରେ ବଢ଼ିଲା ବସ୍ ଭଡ଼ା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୫ (ନି.ପ୍ର): ସଂଗୀନ-ସାଂଘାତିକ-ଅସମ୍ଭାଳ। କେଉଁଠି ଛାନିଆ, କେଉଁଠି ଆତଙ୍କ। ଅଧରାତି ହେଉ କି ଉଦୁଉଦିଆ ଖରାବେଳ। କିଲୋମିଟର କିଲୋମିଟର ଯାଏଁ ଲମ୍ବିଛି ଲୋକଙ୍କ ଲମ୍ବା ଧାଡ଼ି। ରାଜଧାନୀରୁ ରାଉରକେଲା ଯାଏଁ ତୈଳ ସଂକଟର ସଂଗୀନ ଚିତ୍ର ଭିତରେ ସବୁକୁ ବଳିଯାଇଛି ଶ୍ରୀକ୍ଷେତ୍ର ପୁରୀ । ଯିଏ ଯାହା ପାଇଲା, ହାତରେ ଯାହା ପଡ଼ିଲା ଟେକିନେଇ ଆସିଛନ୍ତି ପେଟ୍ରୋଲ୍ ପାଇଁ। ପ୍ଲାଷ୍ଟିକ୍ ବୋତଲ ତ ବୋତଲ, ମାଳମାଳ ଟିଣ ଓ ବାଲଟି ଧରି ବି ପାଇଁ ଲାଇନରେ ଲୋକେ। ଜାର୍-ଜାରକିନ ଏପରିକି ପାଣି ବୁହା କେନ୍ ଭର୍ତ୍ତି କରି ପେଟ୍ରୋଲ୍ ଟେକିନେଇଛନ୍ତି। ଆଗକୁ ତେଲ ନ ମିଳିବା ଆଶଙ୍କାରେ ଲୋକେ ଏମିତି ପେଟ୍ରୋଲ-ଡିଜେଲ୍ ବୋହିଲେ ଯେ, ଶେଷରେ ପୋଲିସ ଆସି ତାଗିଦ୍ କରିବାକୁ ପଡ଼ିଥିଲା।



ରାଜଧାନୀ ଭୁବନେଶ୍ୱରରେ ତ କାଲିଠୁ ଲାଗିରହିଛି ଅଣାୟତ ସ୍ଥିତି। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପରେ ରାତି ସାଢେ ୧୨ଟାରେ ବି ତେଲ ପକେଇବାକୁ ଅପେକ୍ଷା କରିଥିଲେ ଶହଶହ ଗାଡ଼ି । କେବଳ ଏଇ ଗୋଟିଏ ନୁହେଁ, ସ୍ମାର୍ଟସିଟିର ସବୁ ପେଟ୍ରୋଲ ପମ୍ପର ଅବସ୍ଥା ଏମିତି । ଛିଡ଼ା ହେବା ତ ଛାଡ଼ନ୍ତୁ, ସୋରିଷ ବୁଣିବାକୁ ଜାଗା ନାହିଁ । କେଉଁଠି ଟାଙ୍କି ବନ୍ଦ ଆଉ କେଉଠି ରାତିଦିନ ମେଳା ଭଳି ଗହଳି ଲଗାଇଛନ୍ତି ଗ୍ରାହକ। ରାସ୍ତା ଉପରେ ବି ଧାଡ଼ି କରି ନିଜ ପାଳିକୁ ଅପେକ୍ଷା କରୁଛନ୍ତି । ଭିଡ଼ ଏଭଳି ହେଉଛି ଯେ, ପୋଲିସ ମୁତୟନ ହେବାକୁ ବାଧ ହେଲେଣି। ତଥାପି ଘଣ୍ଟା ଘଣ୍ଟା ଅପେକ୍ଷା କଲେ ବି ତେଲ ଠୋପେ ମିଳୁନି। ବାଲେଶ୍ୱର, କେନ୍ଦ୍ରାପଡ଼ା, ଜୟପୁର, ରାଉରକେଲାରେ ଟାଙ୍କିରେ ବି ସମାନ ଅବସ୍ଥା । ଅଧିକାଂଶ ପମ୍ପରେ ନିର୍ଦ୍ଦିଷ୍ଟ ପରିମାଣର ◆◆ପୃଷ୍ଠା ୭

# ଉନ୍ନାଓ ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ କାଏମ

ନୂଆଦିଲ୍ଲୀ,୧୫/୫ : ୨୦୧୭ ମସିହାର ବହୁ ଚର୍ଚ୍ଚିତ ଉନ୍ନାଓ ନାବାଳିକା ଦୁଷ୍କର୍ମ ମାମଲାରେ ଆଜି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ ଉପରେ ଦିଲ୍ଲୀ ହାଇକୋର୍ଟ ଜାରି କରିଥିବା ସ୍ଥଗିତାଦେଶକୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଗ୍ରୀଷ୍ମକାଳୀନ ଅବକାଶ ପୂର୍ବରୁ ସେଙ୍ଗରଙ୍କ ସଜା ସ୍ଥଗିତ ରଖିବା ଆବେଦନ ଉପରେ ନୂତନ ଭାବେ ଶୁଣାଣି କରାଯାଉ। ଏହା ସହିତ ସେଙ୍ଗରଙ୍କ ଦୋଷୀ ସାବ୍ୟସ୍ତ ହେବା ଏବଂ ଆଜୀବନ କାରାଦଣ୍ଡାଦେଶ ବିରୋଧରେ



ହୋଇଥିବା ମୁଖ୍ୟ ଅପିଲ୍‌ର ଚୂଡ଼ାନ୍ତ ନିଷ୍ପତ୍ତି ଆଗାମୀ ଦୁଇ ମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟଙ୍କୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ପୁନର୍ବିଚାର କରିବାକୁ କହିଛନ୍ତି। ପୋକ୍ସୋ ଆକ୍ଟ ଅଧୀନରେ ଜଣେ ନିର୍ବାଚିତ ବିଧାୟକଙ୍କୁ ଆଇପିସିର ଧାରା ୨୧ ଅନୁଯାୟୀ ଜନସେବକ ଭାବେ ଗ୍ରହଣ କରାଯାଇପାରିବ କି ନାହିଁ, ସେ ନେଇ କୋର୍ଟ ସ୍ପଷ୍ଟୀକରଣ ଚାହିଁଛନ୍ତି। ପୂର୍ବରୁ ୨୩ ଡିସେମ୍ବର ୨୦୨୫ରେ ଦିଲ୍ଲୀ ହାଇକୋର୍ଟ ନିଜ ଆଦେଶରେ କହିଥିଲେ ଯେ ସେଙ୍ଗର ପୋକ୍ସୋ ଆକ୍ଟର ଧାରା ୫(ସି) ଅଧୀନରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ଜଣେ ନିର୍ବାଚିତ ପ୍ରତିନିଧି ଭାବେ ଜନସେବକ ସଂଜ୍ଞା ଅଧୀନରେ ଆସୁନାହାନ୍ତି। ଏହାସହ ସେଙ୍ଗର ୭ ବର୍ଷରୁ ଅଧିକ ସମୟ ଜେଲ୍‌ରେ କାଟି ସାରିଥିବା ଦର୍ଶାଇ ହାଇକୋର୍ଟ ◆◆ପୃଷ୍ଠା ୭

# ମାଲକାନଗିରି ମହାବିଦ୍ୟାଳୟ ବ୍ୟବହାରିକ ପ୍ରଶିକ୍ଷଣ ଓ ସାମୁଦାୟିକ ସହଭାଗିତା କାର୍ଯ୍ୟକ୍ରମ

ମାଲକାନଗିରି, ୧୫/୦୫ (ନି.ପ୍ର): ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଯୁକ୍ତ ତିନି ଚତୁର୍ଥ ସେମିଷ୍ଟର ଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ବ୍ୟବହାରିକ ପ୍ରଶିକ୍ଷଣ ଓ ସମୁଦାୟିକ ସହଭାଗିତା କାର୍ଯ୍ୟକ୍ରମ ମାଲକାନଗିରି ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନାମାଙ୍କନ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଚିତରଞ୍ଜନ ବାରିକ ଶୁଭାରମ୍ଭ କରିଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ରେ ବାଣିଜ୍ୟ ବିଭାଗର ୨୩ ଜଣ ଛାତ୍ର ଛାତ୍ରୀ ବ୍ୟବହାରିକ ପ୍ରଶିକ୍ଷଣରେ ଯୋଗଦାନ କରିଛନ୍ତି। ମୁଖ୍ୟ ଅତିଥି ରୂପେ ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ପରିଚାଳକ ବିନୋଦ କୁମାର ବିଶୋଇ ବ୍ୟାଙ୍କ ର କାର୍ଯ୍ୟ ପନ୍ଥା ଏବଂ ବ୍ୟାଙ୍କର ସେବା ବିଷୟରେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟ ବକ୍ତା ରୂପେ ସୌମ୍ୟ ରଞ୍ଜନ ବେହେରା କ୍ଷେତ୍ର ଅଧିକାରୀ ଏବଂ ରୋହିତ କୁମାର ତପ, କୃଷି ଓ ବାଣିଜ୍ୟ କ୍ଷେତ୍ର ଅଧିକାରୀ ଯୋଗଦାନ କରି ବ୍ୟାଙ୍କ ର ସୁବିଧା କୃଷିୟ ବାଣିଜ୍ୟକୁ ବୃଦ୍ଧି କରିବାରେ କିପରି ସାହାଯ୍ୟ କରେ ସେ ବିଷୟରେ ଆଲୋପାତ କରିଥିଲେ ।

କାର୍ଯ୍ୟକ୍ରମ ସଂଯୋଜକ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ଡ଼କ୍ଟର ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ବିଷୟରେ ସମ୍ପୂର୍ଣ ପରାମର୍ଶ ଦେଇଥିଲେ। ପ୍ରତ୍ୟକ ଛାତ୍ର ୧୨୦ ଘଂଟା କିମ୍ୱା ୩୫ ଦିନ ପ୍ରଶିକ୍ଷଣ ନେଲା ପରେ ଏକ ପ୍ରୋଜେକ୍ଟ ପ୍ରଦାନ କରି ଡିପ୍ଲୋମା ସାର୍ଟିଫିକେଟ ପାଇଁ ଯୋଗ୍ୟ ବିବେଚିତ ହେବେ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଅଭିଜ୍ଞ ପ୍ରଶିକ୍ଷଣ ନେଇ ଗୁଣବତା ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା । ସେହିପରି କଳା ଛାତ୍ରମାନେ ଅଙ୍ଗନୱାଡ଼ି, ଗୋଷ୍ଠି କେନ୍ଦ୍ର, ବିଦ୍ୟାଳୟ ଏବଂ ବିଭିନ୍ନ ବିଭାଗରେ ନିଜ ନିଜ ଅଂଚଳରେ ପ୍ରଶିକ୍ଷଣ ନେଇପାରିବେ। ପ୍ରଶିକ୍ଷଣ ପରେ ନିଯୁକ୍ତି ପାଇବା ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରାଯାଇଅଛି । ଏହା ପ୍ରଥମ ଥର ଆୟୋଜନ କରାଯାଇଥିବାରୁ ଛାତ୍ର ଛାତ୍ରୀଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି । କାର୍ଯ୍ୟକ୍ରମ ଶେଷରେ ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ୮୫ ବ୍ୟାଗ୍ ପାଣି ପାଉଚ ଜବତ

ପୁରୀ, ୧୫/୦୫ (ନି.ପ୍ର):ପୁରୀ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରିଣୀ ରାଜେଶ୍ୱରୀ ପତି ତାଙ୍କ ଟିମ ଓ ପୋଲିସ ମିଳିତ ଚଢ଼ଉ କରି ବ୍ରହ୍ମଗିରି ପଣସପଦା ଠାରୁ ୮୫ଟି ପାଣି ପାଉଚ ଭର୍ତି ଥିବା ବ୍ୟାଗ୍ ଜବତ କରିଛନ୍ତି । ପାଣି, ଥଣ୍ଡା ପାନୀୟ ମଧ ଜବତ କରାଯାଇଛି । ପାଣି ଗୁଡିକୁ ସେହି ଠାରେ ନଷ୍ଟ କରାଯାଇଛି । ଏବଂ ତାଙ୍କ ବିରୋଧରେ ଏଫଏସଏସ ଆକ୍ଟ ଦଫା ଲାଗୁ କରାଯାଇଛି । ସେହି ପାଣି ପାଉଚରେ ନିର୍ମାଣ ତାରିଖ, ଏକ୍ସପାରୀ ଡେଟ ଓ ଫେକ ଠିକଣା ଲେଖାଥିବା ଦେଖାଯାଇଥିଲା । ପୁରୀ ଜିଲ୍ଲାରେ ଏପରି ବିନା ଅନୁମତିରେ ଅନେକ ପାଣି କମ୍ପାନୀ ଥଣ୍ଡା ପାନୀୟ, ଘୋଳଦହି ବିକ୍ରି ବଢୁଥିବା ବେଳେ ସବୁ ସ୍ଥାନରେ ଚଢ଼ଉ ହେଉନଥିବା ଅଭିଯୋଗ ହେଉଛି। ଆଗକୁ ରଥଯାତ୍ରା ଆସୁଛି । ଏହି ପରିପ୍ରେକ୍ଷୀରେ ବେନାମୀ ପାଣି କମ୍ପାନୀ ଘରେ ଘରେ ପାଣି କାରଖାନା କରି ବଜାରକୁ ଛାଡୁଥିବା ବେଳେ ଏହାକୁ ପିଇ ରଥଯାତ୍ରୀ ମାନେ ଝାଡା ବାନ୍ତିରେ ପଡିବାର ସମ୍ଭାବନା ରହିଛି ବୋଲି ଜନତା କହୁଛନ୍ତି ।

# ହର ଘର ଜଳ ଯୋଜନା: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ୩ଟି ଗ୍ରାମରେ ଲୋକେ କେବେ ପାଇବେ ପାଣି ?

ବୌଦ୍ଧ, ୧୪ ମେ (ହି.ସ.) - ଜିଲାରେ ଦୀର୍ଘ ବର୍ଷ ହେଲା ହର ଘର ଜଳ ଯୋଜନା କାର୍ଯ୍ୟକାରୀ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଥିବା ୩ ଟି ଗ୍ରାମରେ ଲୋକେ ଆଜି ମଧ ଏହି ଯୋଜନାର ସୁଫଳ ପାଇପାରିନାହାନ୍ତି। ଏହି ୩ ଟି ଗ୍ରାମ ଇତିମଧରେ ନବ ଗଠିତ ପୌରପରିଷଦରେ ସାମିଲ ହୋଇଥିଲେ ମଧ ଏଦିଗରେ କେହି ଦୃଷ୍ଟି ଦେଉନାହାନ୍ତି । ନିରବ ରହିଯାଇଛନ୍ତି ଜିଲା ପ୍ରଶାସନ ଓ ପୌରପରିଷଦ କର୍ତୃପକ୍ଷ । ଜିଲାପାଳ ଜଳପରିମଳ ମିଶନର ସମୀକ୍ଷା ବୈଠକରେ ହର ଘର ଜଳ ଯୋଜନାକୁ ସବୁ ଅଂଚଳରେ କାର୍ଯ୍ୟାକାରୀ କରାଯିବ ବୋଲି ନିର୍ଦେଶ ଦେଇଛନ୍ତି । ଜିଲାପାଳବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ଜିଲ୍ଲା ଜଳପରିମଳ ମିଶନର ବିଭାଗୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଗ୍ରାମ୍ୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ପଲ୍ଲବୀ ସାମଲ, ଗ୍ରାମ୍ୟ ବିକାଶ ଅଧିକ୍ଷଣ ଯନ୍ତ୍ରୀ ମଧୁସ୍ମିତା ଦଳାଇ, ସମସ୍ତ ବ୍ଲକର ବିଡିଓ, ବିଦ୍ୟୁତ ବିଭାଗ ଯନ୍ତ୍ରି, କାର୍ଯ୍ୟ ନିର୍ବାହୀ ସଂସ୍ଥା ଏଲ ଆଣ୍ଡ ଟି ର ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସମୀକ୍ଷାରୁ ଜଣାଗଲାଯେ ବୌଦ୍ଧ ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୮୪ ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିପାଇଁ ୭୨ ଟି ଓଭର ହେଡ ଟାଙ୍କି ରୁ ୨୭୩ ଟି ଗ୍ରାମକୁ ହର ଘର ଜଳ ଯୋଜନାରେ ସାମିଲ କରାଯିବ । ସେହିପରି କଂଟାମାଳ ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୯୨ ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୫୯ ଟି ଓଭର ହେଡ ଟାଙ୍କି ରୁ ୧୫୯ ଟି ଗ୍ରାମ କୁ ହର ଘର ଜଳ ଯୋଜନାରେ ସାମିଲ କରାଯିବ । ହରଭଙ୍ଗା ବ୍ଲକରେ ଗୋଟିଏ ମେଗା ଜଳ ଯୋଗାଣ ପ୍ରକଳ୍ପରୁ ୩୩୮ ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିପାଇଁ ୩୮ ଟି ଓଭର ହେଡ ଟାଙ୍କି ରୁ ବିଭିନ୍ନ ଗ୍ରାମ କୁ ହର ଘର ଜଳ ଯୋଜନାରେ ସାମିଲ କରାଯିବ । ସମସ୍ତ ଯୋଜନା ପାଇଁ ୫୨୪.୭୩ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାହୋଇଛି । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ସମାପ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ଓ ଏତଦବ୍ୟତୀତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଉପୁଜିଥିବା ବିଭିନ୍ନ ବାଧାକୁ ତତ୍ପରତାର ସହିତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ କହିଲେଯେ ଜଳ ଯୋଗାଣ ଓ ବିଦ୍ୟୁତ ଯୋଗାଯୋଗ କ୍ଷେତ୍ରରେ କୌଣସି ଅବହେଳାକୁ ବରଦାସ୍ତ କରାଯିବନାହିଁ । ସମୟ କ୍ରମେ ସମସ୍ତ ବିଦ୍ୟୁତ ସବ ଷ୍ଟେସନ ସହିତ ସୋଲାର ପାୱାର ସଂଯୁକ୍ତ ହେବ । ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମାନଙ୍କୁ ବିଦ୍ୟୁତ ବିଭାଗ ୨୪ ଘଂଟିଆ ବିଦ୍ୟୁତ ଯୋଗାଇଦେବେ । ବିଡିଓ ମାନେ ପ୍ରତ୍ୟେକ ଗ୍ରାମ ତଦାରଖ କରି ଜଳ ଯୋଗଣ ପାଇପରେ ବେଆଇନ ଭାବରେ ଘର ମାନଙ୍କୁ ଲାଗିଥିବା ପାଣି ପମ୍ପ ସବୁ ପୋଲିସ ସହାୟତାରେ ଜବତ କରିବେ । ଜିଲ୍ଲାରେ ସମୟ କ୍ରମେ ପ୍ରତି ଗ୍ରାମରେ ହର ଘର ଜଳ ଯୋଜନାକୁ କାର୍ଯ୍ୟକାରୀ କରାଯିବ । ଉପସ୍ଥିତ ଏଲଏଣ୍ଡ ଟି କମ୍ପାନୀର ପ୍ରକଳ୍ପ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସମସ୍ତ ପ୍ରକଳ୍ପ ଧାର୍ଯ୍ୟ ସମୟ ସୀମା ମଧରେ ସମ୍ପୂର୍ଣ କରିବାପାଇଁ କଡ଼ା ତାଗିଦ କରିଥିଲେ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ରୁରାଲ ଡେଭଲପମେଂଟ ବିଭାଗ, ସମସ୍ତ ବ୍ଲକର ବିଡିଓ, ବିଦ୍ୟୁତ ବିଭାଗ, ପୂର୍ତ ବିଭାଗ, ଜାତୀୟ ରାଜପଥ ବିଭାଗ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥା ଏଲ ଆଣ୍ଡ ଟିର ଅଧିକାରୀମାନେ ପରସ୍ପର ମଧରେ ସମନ୍ୱୟ ରଖି ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମକୁ ଶତ ପ୍ରତିଶତ ସଫଳ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ଶେଷରେ ଅଧିକ୍ଷଣ ଯନ୍ତ୍ରୀ ପଲ୍ଲବୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟ୍ରିଙ୍ଗିଆ ମା' ଗୃହରେ ଷଷ୍ଠତମ ପ୍ରତିଷ୍ଠା ଦିବସ ପାଳିତ

କନ୍ଧମାଳ, ୧୫/୦୫ (ନି.ପ୍ର): ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ଏକ ମହତ୍ୱପୂର୍ଣ୍ଣ ଦିଗ ହୋଇଥିବା ବେଳେ ସେ ମଧରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ମାତୃ ଓ ଶିଶୁ ମୃତ୍ୟୁହାର କମାଇବାରେ ସୁରକ୍ଷିତ ଓ ଆନୁଷ୍ଠାନିକ ପ୍ରସବର ମହତ୍ୱ ଯଥେଷ୍ଟ ଅଧିକ ରହିଛି । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ଗର୍ଭବତୀଙ୍କ ନିକଟରେ ସୁଷମ ଆହାରର ଗୁରୁତ୍ୱର ବାର୍ତା ପହଂଚାଇବା ଓ ଘରୋଇ ପ୍ରସବକୁ ହ୍ରାସ କରି ଆନୁଷ୍ଠାନିକ ପ୍ରସବ ବଢାଇବାକୁ ଜିଲ୍ଲା ସ୍ୱାସ୍ଥ୍ୟସମିତି କନ୍ଧମାଳଙ୍କ ତରଫରୁ ସ୍ଥାନେ ସ୍ଥାନେ ମା ଗୃହ ସ୍ଥାପନ କରାଯାଇଛି । ସେହିପାରି କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାତୀ' ର ସହଯୋଗରେ ମଇ ମାସ ୨୦୨୦ ମସିହା ଠାରୁ ଫୁଲବାଣୀ ବ୍ଲକର କଟ୍ରିଙ୍ଗିଆ ଠାରେ ଏକ ମା ଗୃହ ପରିଚାଳିତ କରାଯାଉଛି । ଏହି ମା ଗୃହ ଆଜି ତା'ର ଷଷ୍ଠ ବାର୍ଷିକ ପାଳନ କରି ସୁରକ୍ଷିତ ପ୍ରସବ ନିମନ୍ତେ ସୁଷମ ଆହାରର ଆବଶ୍ୟକତା ଓ ଆନୁଷ୍ଠାନିକ ପ୍ରସବର ଗୁରୁତ୍ୱ ଶିର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ । ଏହି ଆଲୋଚନାଚକ୍ରରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ସୁକାନ୍ତି ପ୍ରଧାନ ଉପସ୍ଥିତ ରହି ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ଆଗଧାଡିର ସ୍ୱାସ୍ଥ୍ୟସେବିକା/ସେବକ ମାନେ ଆହୁରି ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ । ଅନୁଷ୍ଠାନର କୋଷାଧକ୍ଷ ସାନ୍ତନୁ କୁମାର ମିଶ୍ର ଯୋଗଦେଇ ମା ଗୃହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୂଖ୍ୟ ଏବଂ ଏହାର ସେବା ସମ୍ପର୍କରେ ଅବଗତ କରାଇଥିଲେ, ଯାହାକି ମାତୃ ଓ ଶିଶୁ ମୃତ୍ୟୁ ହାରକୁ କମାଇବାରେ ସହାୟକ ହେଉଛି । ଆହୁରି ମଧ ଆଜି ପର୍ଯ୍ୟନ୍ତ ଏହି କଟ୍ରିଙ୍ଗିଆ ମା ଗୃହ ରେ ଆଡିମିଶନ୍ ନେଇ ୨୦୦୦ ରୁ ଅଧିକ ଗର୍ଭବତୀ ସେବା ପାଇଛନ୍ତି ବୋଲି କହିଥିଲେ । ଏହା ବ୍ୟତିତ ସେ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସକୁ ଦୂରେଇ ଗର୍ଭାବସ୍ଥାରେ ବିଭିନ୍ନ ସୁଷମ ଆହାର ସେବନ କରିବା ସହ ଉପଯୁକ୍ତ ବିଶ୍ରାମ ନେବା ଓ ଅପହଂଚ ଅଂଚଳର ଗର୍ଭବତୀମାନେ ଅନୁଷ୍ଠାନରେ ପ୍ରସବ କରାଇବା ନିମନ୍ତେ ସଠିକ୍ ସମୟ ପୂର୍ବରୁ ମା ଗୃହରେ ଅବସ୍ଥାପିତ ହେବାକୁ ଅନୁରୋଧ କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରି ମନିସା ଖମାରି, ଏ.ଏନ୍.ଏମ୍. ବିଜୟଲକ୍ଷ୍ମୀ ବେହେରା ଓ ସସ୍ମିତା ସାହୁ, ଅଙ୍ଗନଓଡି କର୍ମି ସରସ୍ୱତି ସାହୁ ଏବଂ ଆଶା କର୍ମି ଝୁନା କହଁର ଉପସ୍ଥିତ ରହି ଆନୁଷ୍ଠାନିକ ପ୍ରସବକୁ ବଢାଇବାକୁ ହେଲେ ଲୋକ ଭାଗିଦାରିତାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି କହିଥିଲେ । ମା ଗୃହ ତରଫରୁ ସାମନ୍ତି ଦିଗାଲ ସଭା ପରିଚାଳନା କରିଥିବା ବେଳେ ଗିତାଞ୍ଜଳୀ କହଁର, ଗିତାଞ୍ଜଳୀ ମୁଖୀ, ସସ୍ମିତା ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସେବା ପାଇଥିବା ମା ମାନଙ୍କୁ ପଚାରିବାରୁ ସେବା ଅତି ଉଚ୍ଚକୋଟିର ବୋଲି କହିବା ସହ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତଙ୍କୁ ସାଧୁବାଦ ଦେଇ ଅନ୍ୟ ମା ମାନଙ୍କୁ ଉତ୍ସାହିତ କରିବାକୁ ମତବ୍ୟକ୍ତ କରିଥିଲେ ।

# କନ୍ଧମାଳର ଲୋକପ୍ରିୟ ଓ ସ୍ୱାଦିଷ୍ଟ ମାଳ ଆଳୁର ଚାହିଦା ଯଥେଷ୍ଟ: ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ

କନ୍ଧମାଳ, ୧୫/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଅନେକ ଆଂଚଳିକ ଚାଷ ଉତ୍ପାଦନ ରହିଛି ସେଥିରୁ ଅତି ସ୍ୱାଦିଷ୍ଟ ମାଳ ଝୁଡ଼ଙ୍ଗ, ମାଳ ବିନ୍ସ ଏବଂ ମାଳ ଆଳୁ ଅନ୍ୟତମ । ଶୀତ ଋତୁର ଆରମ୍ଭ ରେ ଏହି ସବୁର ଉତ୍ପାଦନ ହୋଇଥାଏ । ସେଥିମଧ୍ୟରୁ ବିନ୍ସ ଓ ଝୁଡ଼ଙ୍ଗ ଅତି ଅଳ୍ପ ପରିମାଣର ଏବଂ କମ ସମୟ ମଧରେ ଆଦାୟ ହୁଏ ଯାହା ଆଂଚଳିକ ଲୋକଙ୍କ ସମେତ ବାହାର ଜିଲ୍ଲା ଲୋକେ ମଧ ସଂଗ୍ରହ କରିଥାଆନ୍ତି। ହେଲେ ମାଳ ଆଳୁ ପୂର୍ବରୁ ଅଧିକ ପରିମାଣରେ ଉତ୍ପାଦନ ହେଉଥିଲା । ଏହାର ବିଶେଷତ୍ୱ ହେଲା ଏହି ଆଳୁ ଅନ୍ୟ ଆଳୁ ତୁଳନାରେ ଅଧିକ ଦିନ ଧରି ଗଛିତ ରଖାଯାଇପାରିବ। ଏଥି ସହିତ ଏହାର ସ୍ୱାଦ ମଧ ଅନ୍ୟ ଆଳୁ ତୁଳନାରେ ଅଧିକ ସ୍ୱାଦିଷ୍ଟ ଅଟେ । ବିଶେଷଜ୍ଞଙ୍କ ମତରେ ଏହି ଆଳୁ ଡାଏବେଟିସ୍ ରୋଗୀ ମଧ ଖାଇ ପାରିବେ। ତେଣୁ ଏହାର ଚାହିଦା ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ରହିଛି। ଯେଉଁମାନେ ଏହି ଆଳୁ ଥରେ ଖାଇଛନ୍ତି ସେମାନେ ପର ବର୍ଷ ପୁଣି ଏହାର ଉତ୍ପାଦନ ଋତୁରେ ପୁଣି ଖୋଜି ଥାଆନ୍ତି। ଜିଲ୍ଲାର ଏହି ବିରଳ ଉତ୍ପାଦନର ଯଥେଷ୍ଟ ଅଧିକ ଚାହିଦା ଥିବାବେଳେ ସେହି ଅନୁପାତରେ ଏହାର ଉତ୍ପାଦନ ହୋଇ ପାରୁନାହିଁ। ଏହା ବାବଦରେ ବଡବଡିଆଙ୍କ ସମେତ ସମସ୍ତ ସ୍ତରର ଲୋକେ ଏହାର ସ୍ୱାଦ ନେଇଛନ୍ତି। ଏହା କନ୍ଧମାଳର ମାଟିରେ ହିଁ ଭଲ ଏବଂ ଅଧିକ ଉତ୍ପାଦନ ହୋଇଥାଏ।

# ସ୍ୱାତୀ ପକ୍ଷରୁ ଖଞ୍ଜାଗୁଡାଠାରେ କୃଷିଭିତିକ ଦିନିକିଆ ତାଲିମ କାର୍ଯ୍ୟକ୍ରମ

କନ୍ଧମାଳ, ୧୫/୦୫ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କୃଷୀ ବିଭାଗ, କନ୍ଧମାଳଙ୍କ ମିଳିତ ସହଯୋଗରେ ଚକାପାଦ ବ୍ଲକ୍ ବ୍ରହ୍ମଣପାଦ ଗ୍ରାମପଂଚାୟତର ଖଞ୍ଜାଗୁଡା ଠାରେ କୃଷିଭିତିକ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏ ବର୍ଷଟିକୁ ଆର୍ନ୍ତଜାତୀକ ମହିଳା କୃଷକ ବର୍ଷ ଭାବେ ପାଳନ କରାଯାଉଥିବାରୁ ଏହି କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ମହିଳା ମାନଙ୍କର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟକ୍ରମରେ ଚକାପାଦ ବ୍ଲକ୍ ସହ କୃଷି ଅଧିକାରୀ ଶିବାନୀ ପ୍ରଧାନ, ବ୍ଲକ୍ ବୈଷୟିକ ପରିଚାଳକ ରାଧାରମଣ ଶର୍ମା, ପଂଚାୟତ କୃଷି ପରିଦର୍ଶକ ଶତୃଘନ ମହାକୁଡ, ବ୍ରହ୍ମଣପାଦ ସରପଂଚ ରଶ୍ମିତା ମଲ୍ଲିକ ଓ ସ୍ଥାନୀୟ ପଂଚାୟତ ପ୍ରତିନିଧି ରିତା କହଁର ଯୋଗଦେଇ ବିଭିନ୍ନ ଚାଷ କାର୍ଯ୍ୟରେ ମହିଳା ମାନଙ୍କ ଅବଦାନକୁ ବଖାଣିବା ସହିତ ଧାନ କାଟିବା ପୂର୍ବରୁ ବା ଧାନ କାଟିବା ପରେ କିପରି ବିଭିନ୍ନ ଡାଲି ଜାତୀୟ ଫସଲ ଅମଳ କରି ହେବ ତାହା ଉପସ୍ଥାପନା କରିଥିଲେ ଏବଂ ଜମିର ଉର୍ବରତା ବଢାଇବାକୁ ହେଲେ ଧନିଚା ଚାଷ ଜରୁରି ବୋଲି କହିଥିଲେ । ସାଧାରଣରେ ଯଦି ଦେଖାଯାଏ କନ୍ଧମାଳ ଜିଲ୍ଲାରେ କୃଷି କ୍ଷେତ୍ରରେ ମହିଳା ମାନଙ୍କର ଦାୟିତ୍ୱ ଯଥେଷ୍ଟ ଅଧିକ । ଅନୁଷ୍ଠାନର ସଂପାଦକ ହରି ଶଙ୍କର ରାଉତ ଉପସ୍ଥିତ ରହି ବର୍ତମାନ ସମୟକୁ ଖାପଖୁଆଇ କିପରି ଜଣେ ଚାଷୀ ଆଗକୁ ବଢିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି ଏବଂ ଯୁବପିଢି ମାନେ ଏଥିପ୍ରତି ସଜାଗ ନହେଲେ ଆଗାମି ଦିନରେ କୃଷୀ କ୍ଷେତ୍ରରେ ଘୋର ସଙ୍କଟ ଦେଖାଦେବ ବୋଲି କହିଥିଲେ । ଏହା ପରେ ବ୍ରହ୍ମଣପାଦ ସରପଂଚ ଆଗାମି ଦିନରେ କିପରି ଅଧିକ ଚାଷୀ ଏହି ଡାଲି ଜାତୀୟ ଫସଲ ଏବଂ ମଟର ଓ ବିରି ଚାଷ କରିବେ ସେ ବିଷୟରେ ଏକ ଯୋଜନା ପ୍ରସ୍ତୁତ କରିଥିଲେ ।

# ଓଡ଼ିଶା ମେଟାଲିକ୍ସ ବିରୋଧରେ ଗ୍ରାମବାସୀଙ୍କ ତୀବ୍ର ଆନ୍ଦୋଳନ: ୯ ଦଫା ଦାବିପତ୍ର ଦେଲେ ପ୍ରଶାସନକୁ

ଝାରସୁଗୁଡ଼ା, ୧୫/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ମରାକୁଟା ପଂଚାୟତ ସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନା ସମ୍ମୁଖରେ ସ୍ଥାନୀୟ ଗ୍ରାମବାସୀ ଓ ପୁରୁଣା କର୍ମଚାରୀଙ୍କ ଧାରଣା ଆଜି ଦ୍ୱିତୀୟ ଦିନରେ ପହଂଚିଛି। ଜମେରା, ମରାକୁଟା, ଏଚ୍ କଂଟାପାଲି ଗ୍ରାମ ପଂଚାୟତ ସହିତ ବ୍ରଜରାଜନଗର ପୌରାଚଂଳର ବହୁ ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ସଦାକର କୁମ୍ଭାର ଧାରଣାସ୍ଥଳରେ ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଗ୍ରାମବାସୀ ଓ ପୁରୁଣା କର୍ମଚାରୀ ସଂଘ ପକ୍ଷରୁ ୯ ଦଫା ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଆନ୍ଦୋଳନକାରୀ ମାନଙ୍କ ଅଭିଯୋଗ ଅନୁଯାୟୀ, ଓଡ଼ିଶା ମେଟାଲିକ୍ସ କମ୍ପାନୀ ବିନା ଅନୁମତିରେ ଇବ୍ ନଦୀରୁ ବେଆଇନ ଭାବେ ଜଳ ଉଠାଣ କରୁଛି। ସେହିପରି ୧୦ ଏକରରୁ ଅଧିକ ଜଙ୍ଗଲ ଜମି ଦଖଲରେ ରଖି ବ୍ୟବହାର କରାଯାଉଥିବା ମଧ ଅଭିଯୋଗ ହୋଇଛି। ସ୍ଥାନୀୟ ଅଂଚଳର ଉନ୍ନତି ପାଇଁ ଖର୍ଚ୍ଚ କରିବା ପରିବର୍ତେ କମ୍ପାନୀ ପ୍ରଦୂଷଣ ସୃଷ୍ଟି କରୁଥିବା ଏବଂ ସ୍ଥାନୀୟ ଯୁବକମାନଙ୍କୁ ଅବହେଳା କରି ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେଉଥିବା ନେଇ ମଧ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ବାରମ୍ବାର ଜିଲ୍ଲା ପ୍ରଶାସନଙ୍କୁ ଅଭିଯୋଗ କରାଯାଇଥିଲେ ମଧ କମ୍ପାନୀ ବିରୋଧରେ କୌଣସି କଠୋର କାର୍ଯ୍ୟନୁଷ୍ଠାନ ନିଆଯାଉନାହିଁ। ବରଂ ପ୍ରଶାସନ କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ରାଜନୈତିକ ଚାପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଦାବିପତ୍ରରେ ଏମଏସପି କମ୍ପାନୀରୁ ଛଟେଇ ହୋଇଥିବା ପୁରୁଣା କର୍ମଚାରୀଙ୍କୁ ପୁନଃ ସ୍ଥାୟୀ ନିଯୁକ୍ତି, ବେଆଇନ ଭାବେ ଦଖଲ ହୋଇଥିବା ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିକୁ ମୁକ୍ତ କରିବା, ଜମିହରା ପରିବାରର ଜଣେ ସଦସ୍ୟଙ୍କୁ ଚାକିରି, ପ୍ରଦୂଷଣ ନିୟନ୍ତ୍ରଣ, ଇବ ନଦୀରୁ ବେଆଇନ ଜଳ ଉଠାଣ ବନ୍ଦ କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଭଳି ଦାବି ସମ୍ମିଳିତ ରହିଛି। ତହସିଲଦାର ସଦାକର କୁମ୍ଭାର କହିଛନ୍ତି ଯେ, ଆନ୍ଦୋଳନକାରୀଙ୍କ ସମସ୍ତ ଦାବି କମ୍ପାନୀ କର୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ସେହିପରି କମ୍ପାନୀକୁ ଅପରାହ୍ନ ୪ଟା ସୁଦ୍ଧା ଦାବିପତ୍ର ଉପରେ ସ୍ପଷ୍ଟ ଉତର ଦେବାକୁ ନିର୍ଦ୍ଦେଶ ମଧ ଦିଆଯାଇଛି। କମ୍ପାନୀ ପକ୍ଷରୁ ଆସୁଥିବା ଉତରରେ ଗ୍ରାମବାସୀ ସନ୍ତୁଷ୍ଟ ହେବେ କି ଆନ୍ଦୋଳନ ଆହୁରି ତୀବ୍ର ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଝାରସୁଗୁଡ଼ାରେ ମା' ମାହେଶ୍ୱରୀ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ

ଝାରସୁଗୁଡ଼ା, ୧୫/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଖଡୁରା ସମାଜର ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। ୨୦୨୩ ମସିହାରୁ ଚାଲିଥିବା ପ୍ରୟାସରେ ନିର୍ମିତ ଖଡୁରା ଜାତିର କୁଳଦେବୀ ମା' ମାହେଶ୍ୱରୀଙ୍କ ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ଇଣ୍ଡଷ୍ଟ୍ରିଆଲ ଅଂଚଳସ୍ଥ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମେ ୩ରୁ ୭ ତାରିଖ ପର୍ଯ୍ୟନ୍ତ ବେଦ ସଂକୀର୍ତନ ଓ ଧାର୍ମିକ ଆଚାରବିଧି ମଧ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମନ୍ଦିର ସଭାପତି ଶଙ୍କରପ୍ରସାଦ ପାତ୍ର ଓ ଜିଲ୍ଲା ଖଡୁରା ସମାଜର ସଭାପତି ପ୍ରଫୁଲ୍ଲ ଟହଲୁ ସାହୁଙ୍କ ତତ୍ୱାବଧାନରେ ଆଚାର୍ଯ୍ୟ ପ୍ରଭାତ ମିଶ୍ର ଏବଂ ତାଙ୍କ ସହଯୋଗୀ ପଣ୍ଡିତମାନଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ମହୋତ୍ସବରେ ଝାରସୁଗୁଡ଼ା ଜିଲ୍ଲାର ବହୁ ଗଣମାନ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ସମାଜସେବୀ ଉପସ୍ଥିତ ଥିଲେ। ଛତିଶଗଡ଼, ଝାରଖଣ୍ଡ ଓ ଓଡ଼ିଶାର ବିଭିନ୍ନ ଅଂଚଳରୁ ଆସିଥିବା ହଜାର ହଜାର ଖଡୁରା ସମାଜର ଶ୍ରଦ୍ଧାଳୁ ମା' ମାହେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା।

# ଅସହ୍ୟ ତାତିରେ ସିଝୁଛି ଜୟପୁର, ସମସ୍ୟା ବଢ଼ାଉଛି ବିଦ୍ୟୁତର ଲୁଚକାଳି ଖେଳ: ବିଭିନ୍ନ ସ୍ଥାନରେ ମନଇଛା ବିଦ୍ୟୁତକାଟ୍

ଜୟପୁର, ୧୫/୦୫ (ନି.ପ୍ର): କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି ଓ ଏହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ଓ ପ୍ରବଳ ଖରାତାତି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଲୁଚକାଳି ଏହି ଦୁଃଖକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଗତ ଦୁଇ- ତିନି ଦିନ ହେଲା ତାପମାତ୍ରା ବୃଦ୍ଧି ପାଇଛି । ଏହି ତାପମାତ୍ରା ଭିତରେ ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ ମନଇଛା ବିଦ୍ୟୁତ୍ କାଟ ହେଉଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି ଓ ଅନ୍ୟପକ୍ଷରେ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି । ସହର ଗ୍ରୀଷ୍ମ ସମୟରେ ସବୁବେଳେ ଚର୍ଚ୍ଚାରେ ରହିଥାଏ । ଜୟପୁର ସହର ସମେତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇଥାଏ । ଏହି କ୍ରମରେ ଚଳିତ ବର୍ଷ କିଛି ଦିନ ହେଲା ଜୟପୁର ସହରରେ ଯିବା ଆସିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ସଂଧ୍ୟା ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତା ଖାଲି ପଡିଛି । ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଜିଲ୍ଲାର ପ୍ରାୟ ସବୁଆଡେ ତାପମାତ୍ରା ବୃଦ୍ଧି ପାଇଛି । ଗତ ପ୍ରାୟ ଗୋଟିଏ ସପ୍ତାହ ହେଲା ପ୍ରତ୍ୟେକ ଦିନ ତାପମାତ୍ରା ବୃଦ୍ଧି ପାଇଛି । ଖରା ସହ ଝାଞ୍ଜିପବନ ଯୋଗୁ ଦିନ ୧୦ଟାରୁ କିଛି ଦିନ ହେଲା ମନଇଛା ବିଦ୍ୟୁତ୍ କାଟି ଦିଆଯାଉଛି । ଏନେଇ କାରଣ ପଚାରିଲେ ବିଭାଗୀୟ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି ଓ ଜୟପୁର ସହରରେ ଯେତେବେଳେ ଲୋକମାନେ ତତଲା କଢେଇରେ ଭାଜି ହେଉଛନ୍ତି ସେହି ସମୟରେ ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ଅସନ୍ତୋଷ ବଢାଉଛି । ଅପରାହ୍ନ ୨ଟାରେ ବି ବିଦ୍ୟୁତ୍ କାଟି ଦିଆଯାଉଛି । ଏହା ଫଳରେ ଲୋକେ ଗରମରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧରାତିରେ ମଧ ମନଇଚ୍ଛା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦିଆଯାଉଛି । ତେବେ ଶକ୍ତି ବିଭାଗ ମନ୍ତ୍ରୀ ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ ନ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଟାଟା ପାୱାର କିନ୍ତୁ ନିଜ ମନଇଛା କାରବାର ଚଳାଇଛି । ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ବେଖାତିର କରୁଛି । ଏନେଇ ଟାଟା ପାୱାର ଅଧିକାରୀଙ୍କୁ ପଚାରିଲେ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ କୁଲର, ଏସି ଚଳାଉଛନ୍ତି । ସେହିଭଳି ରନ୍ଧନ ଗ୍ୟାସ୍ ଅଭାବ ଯୋଗୁ ମଧ ଲୋକେ ଇଣ୍ଡକ୍ସନ ଓ ହିଟର ବ୍ୟବହାର ବଢାଇଛନ୍ତି । ମରାମତି ପାଇଁ ବିଦ୍ୟୁତ୍ କାଟିବାକୁ ପଡୁଥିବା ସେ କହିଛନ୍ତି ।

# ଗୁଳୁଦିପଶି ବଡ଼ବନ୍ଧରେ ଗାଧୁଆ ଘାଟ ପ୍ରହସନ : ଗାଧୁଆ ଘାଟ ପାଲଟିଛି ମରଣଯନ୍ତା

ଚମ୍ପୁଆ, ୧୫/୦୫ (ନି.ପ୍ର): ଗ୍ରାମାଂଚଳର ବିକାଶ ନିମନ୍ତେ ସରକାର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚମ୍ପୁଆ ବ୍ଲକରେ ଅଧିକାରୀଙ୍କ ମନମାନି ଏବଂ ମାରଣନୀତି ଯୋଗୁଁ ଅନୁଦାନ ଅର୍ଥ ହରିଲୁଟ ହେଉଥିବାରୁ ଯୋଜନାର ବିପରୀତ ପ୍ରତିଫଳନ ଦେଖିବାକୁ ମିଳୁଛି। ଫଳରେ ଦିନକୁ ଦିନ ଲୋକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହିପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା, ଚମ୍ପୁଆ ବ୍ଲକ, କାଶୀପାଳ ପଂଚାୟତରେ।

ସୂଚନା ଅନୁଯାୟୀ, କାଶୀପାଳ ପଂଚାୟତ ଅନ୍ତର୍ଗତ ଗୁଳୁଦିପୋଷି ଗ୍ରାମର ବଡବନ୍ଧରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆର୍ଥିକ ବର୍ଷ ୨୦୨୫-୨୬, ଅଟକଳ ମୂଲ୍ୟ ତିନି ଲକ୍ଷ କୋଡିଏ ହଜାର ଛଅ ଶହ ପଚିଶ ଟଙ୍କା ଅନୁଦାନରେ ଏକ ଗାଧୁଆ ଘାଟ ନିର୍ମାଣ କରା ଯାଇଅଛି। ଏହି ଗାଧୁଆ ଘାଟର କାର୍ଯ୍ୟନିର୍ବାହୀ ସଂସ୍ଥା ପଂଚାୟତ ସମିତି ଚମ୍ପୁଆ ରହିଥିବା ବେଳେ ସୁଚନା ଫଳକରେ ଏହାର କାର୍ଯ୍ୟାରମ୍ଭ ତାରିଖ ୨୦-୨-୨୦୨୬ ରହିଛି, କିନ୍ତୁ କାର୍ଯ୍ୟର ଶେଷ ତାରିଖ ଲେଖା ଯାଇନାହିଁ । ତେବେ ଏହି ଗାଧୁଆ ଘାଟ ଅତି ନିମ୍ନମାନର ହୋଇଥିବାରୁ ଏହାର ସ୍ଥାଇତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ତା ସହିତ ଏହା ଏକ ଗାଧୁଆ ଘାଟ ନୁହେଁ ତ ମରଣ ଯନ୍ତା ନିର୍ମାଣ କରା ଯାଇଛି । ଏହି ଘାଟର ପାହାଚ ଏମିତି ତିଆରି ହୋଇଛି ଯେ ଉପର ପାହାଚ ରେ ପାଦ ଦେଉ ଦେଉ ସିଧା ଯାଇ ପାଣିରେ ପଡ଼ିବାର ସମ୍ଭାବନା ରହିଛି। ଯାହା ଫଳରେ ଏହି ଘାଟରେ ଗାଧୋଇବାକୁ ଯାଇଥିବା ଲୋକ ସୁରକ୍ଷିତ ଭାବେ ଘରକୁ ଫେରିବ କି ହାତ ଗୋଡ଼ ଭାଙ୍ଗି ଡାକ୍ତରଖାନାକୁ ଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣ କାର୍ଯ୍ୟ ସମୟରେ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବା ସହିତ କାର୍ଯ୍ୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ସଲାସୁତରାରେ ପକେଟ ଗରମ କରୁଥିବାରୁ ଏପରି କାର୍ଯ୍ୟ ହୋଇଥିବା କୁହାଯାଉଛି।

ଅନ୍ୟପକ୍ଷେ ଏହି ଗୁଳୁଦିପଶି ବଡ଼ ବନ୍ଧ ଚମ୍ପୁଆ ବ୍ଲକ ପ୍ରଶାସନୀକ ଅଧିକାରୀ ଓ ଠିକାଦାରଙ୍କ ଚରାଭୂଇଁ ପାଲଟିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗ୍ରାମବାସୀଙ୍କ ସାମାଜିକ କ୍ରିୟା କର୍ମ ଠାରୁ ନେଇ ଯେକୌଣସି ଭଲମନ୍ଦ କାର୍ଯ୍ୟ ପାଇଁ ଉକ୍ତ ବନ୍ଧ ଏକମାତ୍ର ସାହା ଭରସା ଥିବାବେଳେ ବନ୍ଧର ସୁରକ୍ଷା, ଉର୍ନ୍ନତିକରଣ ପାଇଁ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ନ ଦେଇ ବନ୍ଧରେ କେବଳ ଗାଧୁଆ ଘାଟ ନିର୍ମାଣ କରି ଅନୁଦାନ ଟଙ୍କା ହଡପ କରାଯାଉଛି। ବନ୍ଧ ପଙ୍କରେ ଭର୍ତ୍ତି ହୋଇ ଗଲାଣି କିନ୍ତୁ ଦୀର୍ଘ ବର୍ଷ ଧରି ପଙ୍କ ଉଦ୍ଧାର ହୋଇ ପାରୁନାହିଁ । ବନ୍ଧକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନ ଥିବାରୁ ଲୋକେ କାଦୁଅ ପଚ ପଚରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସେଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନଥିବା ବେଳେ ଉକ୍ତ ବନ୍ଧରେ ଆବଶ୍ୟକ ନ ଥାଇ ଗୋଟିଏ ପରେ ଗୋଟିଏ କରି ସାତଟି ଗାଧୁଆ ଘାଟ ନିର୍ମାଣ ହୋଇ ସାରିଲାଣି। ନୂତନ ଭାବେ ନିର୍ମାଣ କରାଯାଇଥିବା ଘାଟ ମଣିଷ ମାରିବା ପାଇଁ ନିର୍ମାଣ କରାଯାଇଛି। କାର୍ଯ୍ୟ ସମୟରେ ଉପସ୍ଥିତ ନ ରହି କେବଳ ବନ୍ଧରେ ଗାଧୁଆ ଘାଟ ନିର୍ମାଣ ଆଳରେ ବିଭାଗୀୟ ଅଧିକାରୀ ମାନେ ଯୋଜନାବଦ୍ଧ ଭାବେ ଠିକାଦାର ମାନଙ୍କ ସହ ମିଶି ବାରମ୍ବାର ଅନୁଦାନ ଟଙ୍କାକୁ ହରିଲୁଟ କରିଛନ୍ତି। ଏଠାରେ ନିମ୍ନ ମାନର ଗାଧୁଆ ଘାଟ ନିର୍ମାଣ କରି ଯେନ ତେନ ପ୍ରକାରେ କାମ ସାରିଦେଇ ଅନୁଦାନ ଟଙ୍କାକୁ ଚଳୁ କରିଥିବାରୁ ଏହା ଉପରେ ଉଚ୍ଚକର୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବୀ ହେଉଛି।

# ବୋଉର ସାବିତ୍ରୀ ପେଡ଼ି.... ଆଉ ଟାଟା ନଗରରେ ସାବିତ୍ରୀ ବ୍ରତ



## ବାଦଲ ଭୂୟାଁ



ମୋ ମାମୁଁ ଘର ଜଗତସିଂହପୁର ବାଲିଶି ମୌଜା ସନ୍ନିକଟ ବାରିଡିଆ ଗାଁ। ମୋ ଅଜା ଭ୍ରମରବର ରାୟ ଜଣେ ବିଶିଷ୍ଟ କବି ଥିଲେ। ୧୯୭୭ରେ ସେ ସାହିତ୍ୟ ଏକାଡେମୀ ସମ୍ମାନ ପାଇଥିଲେ। ହଁ, ସାବିତ୍ରୀ ବ୍ରତ ଦିନ କଥା ମନେପଡୁଛି। ମାମୁଁଘର ଭାର ଆସିଥାଏ ପ୍ରାୟ ଦୁଇ ତିନି ଦିନ ପୂର୍ବରୁ। ବୋଉ ପାଇଁ ସେ ସମୟର ଶାଢ଼ୀ, ଶଙ୍ଖା, ସିନ୍ଦୂର, ଅଳତା, କଜଳପାତି, ସହିତ ଫଳ ଭାର ଭାବରେ ନଡ଼ିଆ ତ ପ୍ରଥମ ଏହା ସହ ସପୁରୀ, ଆମ୍ବ, ଜାମୁକୋଳି, କେନ୍ଦୁ, ପଣସ, ପିଜୁଳି ପ୍ରମୁଖ। ଏହା ସହିତ ପାଟିଆ, ନଡ଼ିଆ ପଡ଼ିଥିବା ଗୁଡ଼ ଉଖୁଡ଼ା, ବଡ଼ ବଡ଼ ଜିଲାପି, ବଡ଼ ଲଡୁ, ସିଜ ପିଠା, କାକରା, ଫେଣୀ ସବୁ ଆସୁଥିଲା। ବୋଉର ସାଜ ସହିତ ବାପାଙ୍କ ପାଇଁ ଧୋତି, ଗାମୁଛା ଓ ବ୍ରାହ୍ମଣ ପୂଜାରୀଙ୍କ ପାଇଁ ପ୍ରଣବସ୍ତ୍ର ଲୁଗା ଆଦି ଆସିଥାଏ। ବୋଉ, ବଡ଼ି ଭୋରରୁ ଉଠି ଗାଧୋଇପାଧୋଇ ତା ପୂଜା କାମରେ ଲାଗିପଡ଼େ। ବ୍ରାହ୍ମଣ ନନା ଆସିବା ପର୍ଯ୍ୟନ୍ତ। କିନ୍ତୁ ମୁଁ ଆଉ ମୋ ଭାଇଭଉଣୀଙ୍କ ମନ କେବଳ ଲାଗିଥାଏ ଭାରରେ ଆସିଥିବା ମିଠା, ଉଖୁଡ଼ା, ପିଜିପିଠା ଆଉ ଲଡୁ ଉପରେ। କାରଣ ସେ ସବୁ ପୂଜା ହେବା ପରେ ହିଁ ଘରେ ଯିଏ ଖାଇ ପାରୁଥିଲେ। ସାବିତ୍ରୀ ବ୍ରତ ଦିନ ନୂଆ ଶାଢ଼ୀ ଶଙ୍ଖା ସିନ୍ଦୂର, ଅଳିତା ପିନ୍ଧି ସତରେ ମୋ ବୋଉ ବହୁତ ସୁନ୍ଦର ଦିଶୁଥିଲା। ତା ସେ ଦିନର ମୁହଁ ଏବେ ବି ମୋ ଆଖି ସାମ୍ନାରେ ଭାସି ଆସୁଛି। ଘରେ ମୋ ସହଧର୍ମିଣୀ ସୀମା, ଏଠାରେ ଟାଟା ନଗରରେ ସାବିତ୍ରୀ ବ୍ରତ ପାଳୁଥିବା ସମୟରେ ବୋଉ କଥା କିଛୁ କେଜାଣି କାହିଁକି ଭାରି ମନେପଡ଼େ।

ସାବିତ୍ରୀ ବ୍ରତ ଓଡ଼ିଆ ରୀତିନୀତି ଓ ଯୁଗ ଯୁଗ ଧରି ଗଢ଼ି ଆସିଥିବା ଏକ ପାରମ୍ପରିକ ଏମିତି ଦିନଟିଏ, କେବଳ ଓଡ଼ିଶା ବା ଟାଟା ନଗର କି ଦିଲ୍ଲୀ ନୁହେଁ ଆମେରିକା ହେଉ କି ଚାଇନା, ୟୁରୋପ ହେଉ କି ଗଲ୍ଫ ଦେଶ। ମୋ ଜାଣିବାରେ ଆମର ଅନେକ ଓଡ଼ିଆ ପରିବାରରେ ଭାଉଜମାନେ ସାବିତ୍ରୀ ପାଳିଥାନ୍ତି। ଆମ ଟାଟା ନଗରରେ ପ୍ରୀତି ଭାଉଜ, ପୂଜା ଭାଉଜ, ସ୍ନିଗ୍ଧା ଭାଉଜ, ଜୟଶ୍ରୀ ଭାଉଜ, ସୁଖଶ୍ରୀ ଭାଉଜ, ସୁଜାତା ଭାଉଜ ଓ ନିବେଦିତା ଭାଉଜ ପ୍ରମୁଖ। ତେବେ ସାବିତ୍ରୀ ବ୍ରତ ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ପ୍ରାୟତଃ ମଧ୍ୟାହ୍ନ ସମୟରେ ହିଁ କୁଳ ପୁରୋହିତଙ୍କ ଦ୍ୱାରା ନିର୍ବାହ ହୋଇଥାଏ। କେହି କେହି ନିଜ ଠାକୁର ଘର ବା ପୂଜାଘର, ଘର ସାମ୍ନାରେ ଛାମୁଁଡ଼ିଆ ବାନ୍ଧି ପୂଜାସ୍ଥଳୀ ସ୍ଥାପନ କରିଥାନ୍ତି, କେତେକ ଜଗନ୍ନାଥ ମନ୍ଦିର ବା ବିଷ୍ଣୁ ମନ୍ଦିରରେ ଥିବା ମା'ସାବିତ୍ରୀଙ୍କ ବିଗ୍ରହ ପାଖରେ ପୂଜାର୍ଚ୍ଚନା କରିଥାନ୍ତି। ଏମିତିକେ ଆମ ପୁରୀ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କ ନୀତିକାନ୍ତିରେ ସାବିତ୍ରୀ ବ୍ରତର ପରମ୍ପରା ରହିଛି। ସେ ଦିନ ଅନେକ ବ୍ରତଚାରିଣୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ମାଆ ଲକ୍ଷ୍ମୀ ହିଁଙ୍କ ମନ୍ଦିର ଦର୍ଶନ କରି ବେଢ଼ା ପରିକ୍ରମା କରିଥାନ୍ତି ଓ ବଟ ଗଣେଶଙ୍କ ପାଖରେ ସଂକଳ୍ପ ବ୍ରତ ବାନ୍ଧି ଆନନ୍ଦ ବଜାରରେ ମହାପ୍ରସାଦ ଗ୍ରହଣ କରିଥାନ୍ତି ଓ କେତେକ ବ୍ୟକ୍ତି ଅସହାୟ ମାନଙ୍କୁ ଦାନ, ଧର୍ମ ମଧ କରିଥାନ୍ତି। ହଁ, ଆମ ଟାଟା ନଗରରେ ସାବିତ୍ରୀ ବ୍ରତ କଥା ଲେଖୁଛି।

ଝାଡ଼ଖଣ୍ଡରେ ଓଡ଼ିଆ ସବୁଠି ଭର୍ତ୍ତି। ବିଶେଷକରି ଉତ୍କଳ ଆସୋସିଏସନ ପରିସର ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଳମୁରୀ ଉତ୍କଳା ସମାଜ ପରିସରସ୍ଥିତ ଜଗନ୍ନାଥ ମନ୍ଦିର, ଶାସ୍ତ୍ରୀ ନଗର ବାଙ୍ଗଳ ସମିତି ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଲପାହାଡ଼ି ସ୍ଥିତ ଜଗନ୍ନାଥ ମନ୍ଦିର, ଖାସମହଲ ରେଲୱେ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ଆମ ଓଡ଼ିଆ ଭାଉଜ ମାନେ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ଏହି ଦିନ ଜଗନ୍ନାଥ ମନ୍ଦିରରେ ଭିଡ଼ ହୋଇଥାଏ ଓ ମହାପ୍ରସାଦ ପ୍ରସ୍ତୁତ ହୋଇଥାଏ। ଆମ ଓଡ଼ିଆ ଭାଷାବାସୀମାନଙ୍କ ପ୍ରମୁଖ ସ୍ଥାନ ଗୁଡ଼ିକ ହେଉଛି ସାକଚୀ, କଦମା, ସୋନାରୀ, ବର୍ମା ମାଇନ୍ସ, ସିଦ୍ଧଗୋଡ଼ା, ବାରେଡ଼ି, ବିଜୟା ଗାର୍ଡେନ, ବିର୍ସା ନଗର, ଆଦିତ୍ୟପୁର, ଟାଟାନଗର, ଖାସମହଲ, କରାଣ୍ଡି, ପର୍ଶୁଡିହ ପ୍ରମୁଖ ଅଞ୍ଚଳରେ ଥିବା ଓଡ଼ିଆଙ୍କ ଘରେ ସାବିତ୍ରୀ ବ୍ରତ ପାଳିତ ହୋଇଥାଏ। ଆମ ଝାଡ଼ଖଣ୍ଡରେ ବ୍ରତ ପୂଜା ସମ୍ପର୍କରେ ଲେଖୁଥିବାବେଳେ ଏଠାରେ କହି ରଖେ ପଣ୍ଡିତ ଗୋପୀନାଥ ମିଶ୍ର ହେଉଛନ୍ତି ଜାମସେଦପୁରର ପ୍ରତିଷ୍ଠିତ କର୍ମକାଣ୍ଡ ପୁରୋହିତ ଓ ବିଶିଷ୍ଟ ଯଜ୍ଞ ପୂଜକ, ତନ୍ତ୍ରଜ୍ଞାନୀ। ତେବେ ଜାମସେଦପୁରରେ କେଦାର ନନା ଓ ବାଇଧର ନନାଙ୍କ ନାଁ ମଧ ବେଶ ଜଣାଶୁଣା। ବାରିଡିହର ଚକ୍ରଧର ନନା, କଦମାର ଶଙ୍କର ନନା, ପ୍ରଭାକର ନନା, ଗନୁ ନନା, କାଶିଡିଅର ନିରଞ୍ଜନ ନନା, କେଦାର ନନା, ଲମ୍ବୋଦର ନନା, ପ୍ରଦୀପ ନନା ଓ ମଣ୍ଟୁ ନନା, ଗୌରାଙ୍ଗ ନନା ଆଦି ପୂଜା ପାର୍ବଣ କ୍ଷେତ୍ରରେ ଜଣେ ଜଣେ ପ୍ରତିଷ୍ଠିତ ଓ ସୁନାମ ଧନ୍ୟ ଓଡ଼ିଆ ନନା। ବିଶେଷକରି ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଳୟରେ ସେମାଙ୍କର ପୂଜାର୍ଚ୍ଚନା ପୁରାପୁରି ନିଆରା। ଆମ ଉତ୍କଳ ଆସୋସିଏସନର ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ହେଉଛନ୍ତି ଶ୍ରୀକାନ୍ତ ମିଶ୍ର। ତାଙ୍କ ପରି ଜଣେ ନୀତି ନିଷ୍ଠ ସରଳ, ଜ୍ଞାନଗର୍ଭୀ ଅଥଚ ନିରବ ସାଧକ ଭାବେ ସମାଜରେ କମ ମିଳିବେ। ଆମ ଝାଡ଼ଖଣ୍ଡରେ ସାବିତ୍ରୀ ବ୍ରତ ସମ୍ପର୍କରେ ଯେତିକି ତଥ୍ୟ ସଂଗ୍ରହ କଲି ପାଖାପାଖି ଆବହମାନ ସମୟରୁ ଜଗନ୍ନାଥ ମନ୍ଦିରରେ ମା'ଲକ୍ଷ୍ମୀଙ୍କ ନିକଟରେ ଏହି ବ୍ରତ ପାଳନ ହୋଇଥାଏ। କଦମାସ୍ଥିତ ଜଗନ୍ନାଥ ମନ୍ଦିର ବାହାରେ ବୁଲି ମାଉସୀଙ୍କ ପୂଜା ସାମଗ୍ରୀ ଫୁଲ ଦୋକାନ ପାଇବେ। ସେ ମଧ ଏଠାରେ ତିନି ପିଢ଼ି ଧରି ରହିଲେଣି। ଆଦିତ୍ୟପୁର ଜଗନ୍ନାଥ ମନ୍ଦିର ଯିବାର ପଛ ପଟ ମୁଖ୍ୟ ରାସ୍ତାର ଡାହାଣ ପଟକୁ ଜଗନ୍ନାଥ ଭାଇଙ୍କ ଫୁଲ ଦୋକାନ। ତାଙ୍କ ଗୋସେଇଁ ବାପା ଜାମସେଦପୁରରେ ପୂଜାପାଠ କାମ କରି ପରବର୍ତ୍ତୀ ପିଢ଼ି ପାଇଁ ଏକ ପ୍ରକାର କ୍ଷେତ୍ର ପ୍ରସ୍ତୁତ କରିଥିଲେ। ବର୍ମା ମାଇନ୍ସର ଓଡ଼ିଆ ଭାଇ ବଲ୍ଲଭ ସାହୁଙ୍କ ଲୁଗା ଦୋକାନାରେ ପୂଜା ପୋଷାକ, ଉଭୟ ବ୍ରାହ୍ମଣ ଯଜ୍ଞପୂଜକ ଓ ମହିଳା ପୁରୁଷଙ୍କପାଇଁ ମିଳିଥାଏ। ସେ ଏ ସବୁ ଜିନିଷ ବିଳାସପୁର, ବାରାଣାସୀ ଓ ତ୍ରିଚୁରରୁ ମଗାଇ ଥାନ୍ତି। ତେବେ ଜାମସେଦପୁରରେ ତୁଳସୀ ଓ ବିଭିନ୍ନ ପ୍ରକାର ଫୁଲର ଅଭାବ ନାହିଁ କିନ୍ତୁ ନତିଦିନ ନାଇଟ ବସରେ ଏବଂ ରାତି ଟ୍ରେନରେ ଓଡ଼ିଶାରୁ ଅନେକ ଫୁଲ ଓ ବିଭିନ୍ନ ପୂଜା ଦ୍ରବ୍ୟ ପାଇଁ ଆବଶ୍ୟକୀୟ ଜିନିଷ ସବୁ ଆସିଥାଏ।

ଏ କ୍ଷେତ୍ରରେ ଜାମସେଦପୁରର ଜଣେ ବିପୁଳ ଭାଇ ବେଶ ପରିଚିତ। ସାବିତ୍ରୀ ବ୍ରତ ଦିନ ତମାମ ଜାମସେଦପୁରର ଓଡ଼ିଆଙ୍କ ଘରେ ଘରେ ପୁଣ୍ୟମୟ ଆନନ୍ଦମୟ ଭାବଧାରା ଛୁଟି ପଡ଼େ। ସକାଳୁ ଘରର ପ୍ରବେଶ ପଥରେ ଆମ୍ବଡାଳିଆ, କଳସୀ ଓ ତୁଳସୀ ପୂଜା ସହିତ ପାହାନ୍ତି ପ୍ରହର ସମୟରୁ ପୂଜା କାର୍ଯ୍ୟ ସହ ସୂର୍ଯ୍ୟଙ୍କୁ ବନ୍ଦାପନା ଓ ଜଳଦାନ କରାଯାଇଥାଏ। ଝୋଟି ଚିତାରେ ଘର ବାହାର ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି କରେ। ଅନେକ ସହୃଦୟ ଓ ବିତ୍ତଶାଳୀ ଓଡ଼ିଆ ଭାଇ ଭଉଣୀମାନେ ଏହି ଦିନରେ ବିଭିନ୍ନ ଦାନ କରିଥାନ୍ତି। ଅନ୍ନଦାନ, ବସ୍ତ୍ରଦାନ ଓ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି। ଆଜିକାଲି ସ୍ଥାନର ଦୂରତା ଓ ଜଞ୍ଜାଳ ବ୍ୟସ୍ତତା ଭାରର ପରମ୍ପରା ଜାଗାରେ ଫୋନ ପେ ବା ଗୁଗୁଲ ପେରେ ମନ ପସନ୍ଦର ଶାଢ଼ୀ ଓ ଫଳ ପୂଜା ସାମଗ୍ରୀ ପାଇଁ ପଇସା ପଠାଇଥାନ୍ତି। କେଜାଣି କାହିଁକି, ସେ ଦିନଟି ଲାଗିଥାଏ ସତେଯେପରି ଜାମସେଦପୁରଟି ଏକ ଓଡ଼ିଆ ଭାବନାର ଏପରି ମଜ୍ଜୁଭୁତ ମୂଲକ, ଯେଉଁଠି ହଜାର ହଜାର ଭାଇଭଉଣୀ, ମା ମାଉସୀ, ପିଲମାନେ ବିଭିନ୍ନ ମନ୍ଦିରରେ ଏକତ୍ରିତ ହୋଇଥାନ୍ତି। ସାବିତ୍ରୀ ବ୍ରତର ତତ୍ତ୍ୱ ହେଉଛି ଜଣେ ସ୍ତ୍ରୀଙ୍କ ପାଇଁ ତାଙ୍କ ସ୍ୱାମୀ ଜୀବନ ସର୍ବସ୍ୱ। ନାରୀର ଅନ୍ୟତମ ଶ୍ରେଷ୍ଠ ଧର୍ମ ହେଉଛି ସ୍ୱାମୀଙ୍କ ସେବା କରିବା। ଏକମନ, ଏକ ପ୍ରାଣ, ଏକ ଆତ୍ମା ଗୃହରେ ସର୍ବଦା ଶାନ୍ତି ବିରାଜିତ କରିଥାଏ। 'ଲକ୍ଷ୍ମୀ ପୁରାଣ'ରେ ଲେଖା ହେଉଛି - 'ପତି ସେବା ବିନା ନାହିଁ ନାରୀଙ୍କର ଗତି, ପତିପ୍ରାଣା ନାରୀ କରେ ଦେବଲୋକେ ଗତି।'

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର

# ନାରୀ ଓ ସାବିତ୍ରୀ ଓଷା

## 'ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ'



## ସୋମନାଥ ଦାଶ

ବାର ମାସରେ ତେର ପର୍ବ । ଏହି ସବୁ ପର୍ବପର୍ବାଣୀ ଆମ ସଂସ୍କୃତି ଏବଂ ପରମ୍ପରାର ପ୍ରତୀକ । ପ୍ରତ୍ୟେକ ପର୍ବ ପର୍ବାଣୀରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହା ପାଳନ କରାଯାଉଥିବାରୁ ସେ ଦିନଟି ସାବିତ୍ରୀ ଅମାବାସ୍ୟା ଭାବରେ ପରିଚିତ । ସଧବା ନାରୀମାନଙ୍କ ଦ୍ୱାରା ପାଳିତ ହେଉଥିବା ବ୍ରତ ଗୁଡ଼ିକ ମଧ୍ୟରୁ ଏହା ଏକ ଶ୍ରେଷ୍ଠ ବ୍ରତ । ସତୀ, ସାଧ୍ୱୀ ପତିବ୍ରତ ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପନ୍ଥା ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଲକ୍ଷ୍ୟ । ସଧବା ନାରୀ ପାଇଁ ତାର ସ୍ୱାମୀ ସର୍ବସ୍ୱ । ସାବିତ୍ରୀ ବ୍ରତ ପାଳନ କରି ନାରୀ ନିଜ ପତିଙ୍କ ପାଳନ କରି ନାରୀ ନିଜ ପତିଙ୍କ ଦୀର୍ଘାୟୁ କାମନା କରିଥାଏ ।

ସାବିତ୍ରୀ ବ୍ରତ କଥାରେ ଉଲ୍ଲେଖ ରହିଛି ଯେ ଜ୍ୟେଷ୍ଠ କୃଷ୍ଣ ଅମାବାସ୍ୟା ଦିନ ଦେଶାଧିପତି ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ ବିବାହ କରିଥିଲେ । ରାଜ୍ୟ ହରାଇ ପିତାମାତାଙ୍କ ସହିତ ବଣରେ ରହୁଥିଲେ ସତ୍ୟବାନ । ବିବାହର ଏକ ବର୍ଷ ପରେ ସେ ମୃତ୍ୟୁବରଣ କରିବେ ବୋଲି ବିଧି ନିର୍ଦ୍ଦିଷ୍ଟ ଥିଲା । ତେଣୁ ବର୍ଷେ ପରୂରିବାର ୩ ଦିନ ପୂର୍ବରୁ ସାବିତ୍ରୀ କଠୋର ଧ୍ୟାନରେ ବସିଲେ । ୪ର୍ଥ ଦିନ ଅର୍ଥାତ୍ ଯେଉଁ ଦିନ ସତ୍ୟବାନଙ୍କର ମୃତ୍ୟୁ ହେବାର ଥିଲା ସେ ଦିନ ଶାଶୁ ଶ୍ୱଶୁରଙ୍କୁ ପ୍ରଣାମ କରି ପତିଙ୍କୁ ଧରି ସାବିତ୍ରୀ ବଣକୁ ଗଲେ । ସେଠାରେ ସତ୍ୟବାନ କାଠ କାଟୁ ଥିବା ବେଳେ ମସ୍ତକରେ ପୀଡ଼ା ଅନୁଭବ କଲେ ଏବଂ ସାବିତ୍ରୀଙ୍କ କୋଳରେ ମସ୍ତକ ଧରି ଚିରଦିନ ପାଇଁ ଆଖି ବୁଜିଲେ । ଏହାପରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସତ୍ୟବାନ ଶରୀରରୁ ଅଙ୍ଗୁଳି ପରିମିତ ଜୀବନକୁ ଫାସରେ ବାନ୍ଧି ଦକ୍ଷିଣାଭିମୁଖୀ ଯାତ୍ରା କରିବା ମାତ୍ରକେ ସାବିତ୍ରୀ ତାଙ୍କର ଅନୁଗମନ କଲେ । ଯମରାଜ ଯେତେ ବୁଝାଇଲେ ସେ ବୁଝିଲେ ନାହିଁ । ତେଣୁ ଯମତାଙ୍କୁ ସତ୍ୟବାନଙ୍କ ଜୀବନ ବ୍ୟତୀତ ଅନ୍ୟ ଯାହା ମାଗିଲେ ଦେବେ ବୋଲି କହିଲେ । ସାବିତ୍ରୀ କହିଲେ ମୋର ଅନ୍ଧ ଶ୍ୱଶୁରଙ୍କୁ ଚକ୍ଷୁଦାନ କରି ତେଜସ୍ୱ କରନ୍ତୁ । ଯମରାଜ ତଥାସ୍ତୁ କହିଲେ । ଶେଷରେ ସେ ନିଜ ପାଇଁ ଶହେ ପୁତ୍ର ମାଗିଲେ । ଯମରାଜ ତଥାସ୍ତୁ କହନ୍ତେ



ବୁଦ୍ଧିମତୀ ସତୀ ସାବିତ୍ରୀ କହିଲେ ଆପଣ ମୋର ପତିଙ୍କୁ ନେଇ ଯାଉଛନ୍ତି ମୁଁ ପୁତ୍ରବତୀ ହେବି କିପରି । ଶେଷର ସାବିତ୍ରୀଙ୍କ ପାଖରେ ପରାଜୟ ସ୍ୱୀକାର କରି ଯମରାଜ ସତ୍ୟବାନଙ୍କୁ ଜୀବନ ଫେରାଇ ଦେଇଥିଲେ । ସତ୍ୟବାନ ପୁନଃ ଜୀବନ ଲାଭ କରି ସାବିତ୍ରୀଙ୍କୁ ଧରି ଆଶ୍ରମକୁ ଫେରିଲେ ଏବଂ ପିତାଙ୍କ ଚକ୍ଷୁଲାଭ, ରାଜ୍ୟ ଲାଭ କରିଥିବା ଦେଖି ସମସ୍ତ କଥା ଶୁଣି ପତିବ୍ରତା ନାରୀର ପ୍ରଶଂସା କଲେ । ସତ୍ୟବାନ ସିଂହାସନରେ ବସିଲେ, ସାବିତ୍ରୀ ନାରୀ ଜଗତରେ ଚିରଦିନ ପୂଜ୍ୟା ଏବଂ ସ୍ମରଣୀୟ ହୋଇ ରହିଲେ । ସାବିତ୍ରୀ ବ୍ରତ ଦିନ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସହ ଅନେକ ବ୍ରତଧାରିଣୀ ମହାପ୍ରସାଦ ସେବନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ମା'ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି।

ସାବିତ୍ରୀ ନାମ ସ୍ମରଣ କରି ଯେଉଁ ନାରୀ ପବିତ୍ର ମନରେ ସାବିତ୍ରୀ ବ୍ରତ କରିବ ସେ ନାରୀ ଜନ୍ମେ ଜନ୍ମେ ସଧବା ରହିବ ଓ ପତି ପରାୟଣ ହୋଇ ପୁତ୍ରବତୀ, ଧନବତୀ ହେବ ଏବଂ ଅନ୍ତିମ କାଳରେ ବୈକୁଣ୍ଠପ୍ରାପ୍ତି ହେବ । ବିଭିନ୍ନ ଅଞ୍ଚଳରେ ନାନା ବିଧିରେ ସାବିତ୍ରୀବ୍ରତ ପାଳନ ହୋଇଥାଏ । କେତେକ ସ୍ଥାନରେ ଶୀଳପୁଆ ହୋଇ ବଟମୂଳରେ, ଚଉରା ମୂଳରେ ପୂଜା କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିରରେ ପୂଜା କରାଯାଏ । ଏହି ବ୍ରତରେ ସାବିତ୍ରୀ ଦେବୀ, ଯମଦେବତା ଏବଂ ସତ୍ୟବାନଙ୍କୁ ପୂଜା କରାଯାଇଥାଏ । କେତେକ ସ୍ଥାନରେ ମଧ ସାବିତ୍ରୀ ଦେବୀ ଯମଦେବତା ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମ ନାରାୟଣଙ୍କୁ ପୂଜା କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ଉଲ୍ଲେଖ ରହିଛି - 'ପତି ସେବା ବିନା ନାହିଁ ନାରୀଙ୍କର ଗତି, ପତିପ୍ରାଣା ନାରୀ କରେ ଦେବ ଲୋକେ ଗତି ।'

ସାବିତ୍ରୀ ବ୍ରତ ପାଳନରେ ସ୍ୱତନ୍ତ୍ରତା ହେଉଛି ଏହି ପୂଜାରେ ଅଗ୍ନିଦ୍ୱାରା ସିଦ୍ଧ କୌଣସି ପଦାର୍ଥ ଠାକୁରଙ୍କୁ ନୈବେଦ୍ୟ ରୂପେ ଅର୍ପଣ କରାଯାଏ ନାହିଁ । ବିଭିନ୍ନ ପ୍ରକାର ଫଳ ଓ ଧୁଆ ମୁଗ ହିଁ ଏଥିପାଇଁ ଦରକାର ହୋଇଥାଏ । ସାବିତ୍ରୀ ବ୍ରତ କଥାରୁ ଜଣାଯାଏ ଯେ ସ୍ତ୍ରୀ ମାନେ ଶୀଳ ପୁଆକୁ ପଞ୍ଚାମୃତରେ ଶୁଦ୍ଧପୁତ କରି ସ୍ନାନ କରାଇ ସାବିତ୍ରୀ ରୂପରେ ଥାପନ୍ତି । ଫୁଲ ଚନ୍ଦନ, ଧୂପ ଦୀପ ଓ ନୈବେଦ୍ୟ ତାଙ୍କଠାରେ ଅର୍ପଣ କରନ୍ତି । କଇଁ, କଳାମାଳି ଓ ନୂଆ ଲୁଗା ରଖାଯାଏ । ଆମ୍ବ ପଣସ, ଖଜୁରି, ତାଳ, ନଡ଼ିଆ, ମୁଗ ବତୁରା, ସପୁରୀ ପ୍ରଭୃତି ପୂଜା କରାଯାଏ । ଓଡ଼ିଆ ଘରର ବୋହୂମାନେ ପାହାନ୍ତାରୁ ଉଠି ଗାଧୁଆ ସାରନ୍ତି ପାଟପଟନୀ ପରିଧାନ କରି ଶୁଦ୍ଧ ମନରେ ସାବିତ୍ରୀ ପୂଜାରେ ମନ ଦିଅନ୍ତି । ଉପବାସ ରୁହନ୍ତି । ପୂର୍ବ ରାତିରେ ମୁଗ ବତୁରାଇ ଥାଆନ୍ତି । ଅପରାହ୍ନରେ ପୂଜା ଶେଷ ହେଲେ ଗଜାମୁଗ, ତାଳ, ନଡ଼ିଆ, ଖଜୁରି, କୋଳି, ପଣସ, ଆମ୍ବ ଓ ସପୁରୀ ପ୍ରଭୃତି ଫଳ ଆହାର କରନ୍ତି । ପୌରାଣିକ ପୃଷ୍ଠଭୂମି ଅନୁସାରେ ସାବିତ୍ରୀ ମଦ୍ର ନରପତି ଅଶ୍ୱପତିଙ୍କର କନ୍ୟା ଏବଂ ସେ ଶାଲ୍ୱ

ସାବିତ୍ରୀ ବ୍ରତ କଥା ବିଚାର କଲେ ତିନୋଟି ଦୃଷ୍ଟିକୋଣ ଆମ ସାମ୍ନାକୁ ଆସିଥାଏ। ପ୍ରଥମ କଥାଟି ହେଲା ମା'ସାବିତ୍ରୀଙ୍କ ଆଶୀର୍ବାଦରୁ ଅଶ୍ୱପତିଙ୍କର ସାବିତ୍ରୀ ନାମ୍ନୀ କନ୍ୟା ଲାଭ ହେଲା। ଦ୍ୱିତୀୟ କଥାଟି ହେଉଛି ନିଜ ଭକ୍ତି ବଳରେ ସତୀ ସାବିତ୍ରୀ ସ୍ୱାମୀଙ୍କ ଜୀବନ ଫେରାଇ ଆଣିବାର ସମର୍ଥ ହେଲେ ସବୁଠାରୁ ଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବ୍ରତରେ ଜଗତର ସ୍ରଷ୍ଟା ଓ ଆଦର୍ଶ ଦମ୍ପତି ଲକ୍ଷ୍ମୀ-ନାରାୟଣଙ୍କର ଆଶୀର୍ବାଦ ଭିକ୍ଷା ହୋଇଥାଏ। ଏହି ବ୍ରତରେ ବଟବୃକ୍ଷ ମୂଳରେ ପୂଜାର୍ଚ୍ଚନା ହୋଇଥାଏ। ବ୍ରତଚାରିଣୀମାନେ ଆନନ୍ଦ ମନରେ ପୂଜା ଓ ପୁଷ୍ପାଞ୍ଜଳୀ ପ୍ରଦାନ କରି ଘିଅ ଦୀପରେ ବନ୍ଦାପନା ସହ ଯମ ଦେବତାଙ୍କୁ ପୂଜା କରି ସ୍ତୁତି କରିଥାନ୍ତି - 'ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ, ସର୍ବଜୀବାପହରାୟ ନମୋ ବୈବସ୍ୱତାୟଚ।'

+କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ
ପରାମର୍ଶଦାତା,
'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭,
ସିଡିଏ, କଟକ,
ମୋ : ୭୦୦୮୦୦୦୮୯୮

# ସଧବା ସ୍ତ୍ରୀମାନଙ୍କ ମହାପର୍ବ : ସାବିତ୍ରୀ ଓଷା



## ଦଶରଥ ହେମ୍ବ୍ରମ୍

ଉତ୍କଳୀୟ ସଂସ୍କୃତି ତଥା ପରମ୍ପରା ଅନୁସାରେ ସାବିତ୍ରୀ ଅମାବାସ୍ୟା ବା ସାବିତ୍ରୀ ଓଷା ହେଉଛି ଓଡ଼ିଆ ସଧବା ସ୍ତ୍ରୀଙ୍କ ପାଳିତ ଏକ ମୁଖ୍ୟ ଓଷା। ଜ୍ୟେଷ୍ଠ ଅମାବାସ୍ୟା ଦିନ ଏହି ସାବିତ୍ରୀ ଓଷା ପାଳନ କରାଯାଏ। ସଧବା ସ୍ତ୍ରୀମାନେ ଏହିଦିନ ଉପବାସ କରନ୍ତି। ଅନ୍ନ ଗ୍ରହଣ କରନ୍ତି ନାହିଁ। ପୂଜା ଶେଷ କରିବା ପରେ ସେମାନେ ଫଳାହାର କରନ୍ତି। ପୂଜା ସରିବା ପରେ ସ୍ୱାମୀଙ୍କଠୁ ଆର୍ଶୀବାଦ ନେଇ ଓଷା ବା ବ୍ରତ ଭାଙ୍ଗିଥାନ୍ତି। କିନ୍ତୁ ତା' ପୂର୍ବରୁ ସଧବା ସ୍ତ୍ରୀମାନେ ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ସମୟରେ ସାବିତ୍ରୀ ଉପାଖ୍ୟାନ ପାଠ କରନ୍ତି। ସେମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବା ହେବା ଏବଂ ନିଜ ପତିଦେବଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳ ମନାସି ଏହି ଓଷା କରିଥାନ୍ତି। ଏହି ପୂଜାର ଆରାଧ୍ୟା ଦେବୀ ହେଉଛନ୍ତି ମା' ସାବିତ୍ରୀ, ଯିଏକି ବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ। ସାବିତ୍ରୀ ସାଧ୍ୱୀ ମହିଳାଙ୍କର ଆଦର୍ଶ ଓ ପ୍ରତିମୂର୍ତ୍ତୀ। ଦେବୀ ସାବିତ୍ରୀଙ୍କ ମାନବୀ ସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣା କିପରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିଥିଲା, ତାହାକୁ ଆଧାର କରି ମା' ସାବିତ୍ରୀଙ୍କୁ ମହିମାନ୍ୱିତ କରାଯାଏ। ସାବିତ୍ରୀ ଅମାବାସ୍ୟା ବା ସାବିତ୍ରୀ ଓଷା/ବ୍ରତ ସହିତ ଅନେକ ପୁରାଣ ଜଡ଼ିତ ରହିଛି। ମଦ୍ର ଦେଶର ଅଶ୍ୱପତି ନାମରେ ଜଣେ ରାଜା ରାଜତ୍ୱ ସମୟରେ ସାବିତ୍ରୀଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଯଜ୍ଞର ଆୟୋଜନ କରିଥିଲେ। ଦେବୀ ସନ୍ତୁଷ୍ଟ ହୋଇ ରାଜା ମାଗିଥିବା ବର ଅନୁସାରେ ଏକ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଲେ କିନ୍ତୁ ରାଜାଙ୍କୁ ପୁତ୍ରସନ୍ତାନ ଲାଭ କରିବା ଯୋଗ ନ'ଥିବା ସୂଚାଇ ଦେଇ ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ। ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା, ଯାହାଙ୍କ ନାମ ସାବିତ୍ରୀ ରଖାଗଲା। ସାବିତ୍ରୀ (ଗାୟତ୍ରୀ)ଙ୍କୁ ଉପାସନା କରି ତାଙ୍କ ଆଶୀର୍ବାଦରୁ କନ୍ୟା ସନ୍ତାନଟିଏ ଲାଭ ହେବାରୁ ଅଶ୍ୱପତି ରାଜା ତାଙ୍କ ପୁତ୍ରୀଙ୍କର ନାମ ସାବିତ୍ରୀ ରଖିଥିଲେ। ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରିଥିଲେ। ପରେ ସେ ତାଙ୍କ ସହଚରୀମାନଙ୍କ ସହ ପତି ଅନ୍ୱେଷଣାର୍ଥେ ଭ୍ରମଣ କରିବାକୁ ବାହାରିଲେ।



ସାବିତ୍ରୀ ଭ୍ରମଣ କରୁ କରୁ ଏକ ବନବାସୀଙ୍କୁ ଦେଖିଲେ। ସେ ବନବାସୀ ହେଉଛନ୍ତି ସତ୍ୟବାନ। ବଣରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ତାଙ୍କ ପିତାମାତାଙ୍କର ସେବା କରୁଥିଲେ। ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେ ମୁଗ୍ଧ ହୋଇ ଐଶ୍ୱର୍ଯ୍ୟ ଭୋଗଲାଳସା ତ୍ୟାଗ କରି ତାଙ୍କ ସଙ୍ଗରେ ଜୀବନଯାପନ କରିବା ପାଇଁ ସଂକଳ୍ପ କରିନେଲେ। ସତ୍ୟବାନଙ୍କୁ ପତିରୂପେ ମନୋନୀତ କରି ରାଜଧାନୀକୁ ଫେରି ପିତାଙ୍କୁ ଜଣାଇଥିଲେ। କିନ୍ତୁ ରାଜା ଅଶ୍ୱପତି ଏହି ପ୍ରସ୍ତାବରେ ରାଜି ନଥିଲେ, କାରଣ ଭବିଷ୍ୟବାଣୀ ଅନୁସାରେ ସତ୍ୟବାନଙ୍କ ପରମାୟୁ ମାତ୍ର ଏକ ବର୍ଷ। ତେଣୁ ନିଜ ମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କରିଥିଲେ। ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତ୍ତିରେ ଅଟଳ ରହିବାରୁ ସତ୍ୟବାନଙ୍କ ସହିତ ଯଥାରୀତି ବିବାହ ସମ୍ପନ୍ନ ହୋଇଥିଲା। ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସାବିତ୍ରୀ ତାଙ୍କ ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୁ ଓ ଶ୍ୱଶୁରଙ୍କ ସେବା କରିବାରେ ଲାଗିଲେ। ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର-ଓଷା କଲେ। ଯେଉଁଦିନ ଏକ ବର୍ଷ ପୂର୍ଣ୍ଣ ହେବ ସେହିଦିନ ତାଙ୍କ ସ୍ୱାମୀଙ୍କର ପରମାୟୁ ଶେଷ ହେବ। ସତ୍ୟବାନଙ୍କ ମୃତ୍ୟୁ ଦିନ ଅର୍ଥାତ ଶେଷ ଦିନ ସତ୍ୟବାନ ସହିତ ସାବିତ୍ରୀ ମଧ ଫଳମୂଳ ଓ ସମିଧ ସଂଗ୍ରହ କରିବାକୁ ବଣକୁ ଗଲେ। ବଣରେ ସତ୍ୟବାନ ଅଶ୍ୱସ୍ତି ବୋଧ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ। ତାହାହିଁ ସତ୍ୟବାନଙ୍କର ମହାନିଦ୍ରା ଅର୍ଥାତ ମୃତ୍ୟୁ ଥିଲା। ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେହିଠାରେ ବସିରହିଲେ। ରାଜା ଦ୍ୱିମୋତ ସେନଙ୍କର ପୁତ୍ର ସତ୍ୟବାନଙ୍କର ପତ୍ନୀ ସାବିତ୍ରୀଙ୍କର ଏକାଗ୍ରତା, ପବିତ୍ରତା, ଧର୍ମ ଆଗରେ ହାର୍ ମାନି ଯାଇଥିଲେ ଯମରାଜା। ସାବିତ୍ରୀଙ୍କର ପତିଭକ୍ତି ଓ ସ୍ତୁତିପାଠରେ ଯମରାଜ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କୁ ପୁନଃ ଜୀବିତ କରାଇ ଆୟୁଦାନ କଲେ। ଏହିଦିନ ଥିଲା ଜ୍ୟେଷ୍ଠ ଅମାବାସ୍ୟା। ତେଣୁ ପ୍ରତ୍ୟକ ସଧବା ସ୍ତ୍ରୀମାନେ ଏହିଦିନ ସାବିତ୍ରୀଙ୍କ ନିକଟରେ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି। ପୌରାଣିକ କଥାକୁ ମନେ ପକାଇ ସଧବା ସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା ପାଇଁ ଏହି ଓଷା ପ୍ରତିବର୍ଷ ପାଳନ କରିନ୍ତି।

ସଧବା ସ୍ତ୍ରୀମାନଙ୍କ ପାଇଁ ସବୁଠାରୁ ବଡ଼ ପର୍ବ ହେଉଛି ସାବିତ୍ରୀ ଓଷା। ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା ପାଇଁ ମହାସତୀ ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରିଥାନ୍ତି। ଏହି ପବିତ୍ର ଦିନରେ କେହି କେହି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରନ୍ତି ତ ପୁଣି ଅନ୍ୟମାନେ ଘରକୁ ପୂଜକଙ୍କୁ ଡକାଇ ପୂଜା କରନ୍ତି। ସକାଳ ହେଉ ହେଉ ସଧବା ସ୍ତ୍ରୀମାନେ ମଥାରେ ସିନ୍ଦୂର, ହାତରେ ନୂଆ ଚୁଡ଼ି, ରଙ୍ଗ ବେରଙ୍ଗ ଶାଢ଼ିରେ ସଜେଇ ସ୍ୱାମୀଙ୍କର ଦୀର୍ଘ ଆୟୁଷ କାମନା କରି ସାବିତ୍ରୀ ବ୍ରତକୁ ନିଷ୍ଠାର ସହ ପାଳନ କରିଥାନ୍ତି। ବିଶ୍ୱାସ କରାଯାଏ, ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏ ସାବିତ୍ରୀଙ୍କ ନାମ ସ୍ମରଣ କରି ବ୍ରତ କରିବ, ସେ ଜନ୍ମେ ଜନ୍ମେ ସଧବା ରହିବ। ପତିପରାୟଣା ଓ ପୁତ୍ରବତୀ ହୋଇ ଅନ୍ତିମକାଳରେ ବୈକୁଣ୍ଠପୁରକୁ ଯିବ। ପୁଣି କୁହାଯାଏ, ଜ୍ୟେଷ୍ଠ ଅମାବାସ୍ୟା ଦିନ ଉପବାସ ଓ ଉପାସନା କରିଲେ ପିତୃଦୋଷରୁ ମୁକ୍ତି ମିଳିଥାଏ।

+ ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ବାରମ୍ବାର ନିଟ୍ ପ୍ରଶ୍ନପତ୍ର ଲିକ୍: କାଠଗଡ଼ାରେ ଏନଟିଏ ଓ ପରୀକ୍ଷା ବ୍ୟବସ୍ଥା

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକର ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରେ । କିନ୍ତୁ ସାମ୍ପ୍ରତିକ ସମୟରେ ନ୍ୟାସନାଲ୍ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ବା ନିଟ୍ (NEET) ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଏବଂ ଏହାକୁ କେନ୍ଦ୍ର କରି ଉପୁଜିଥିବା ବିବାଦ ଦେଶର ପରୀକ୍ଷା ପରିଚାଳନା ବ୍ୟବସ୍ଥାର ଏକ ନଗ୍ନ ଓ ଭୟାବହ ଚିତ୍ରକୁ ପଦାରେ ପକାଇଛି । ଡାକ୍ତରୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା କେବଳ ଗୋଟିଏ ବର୍ଷର ଘଟଣା ହୋଇ ରହିନାହିଁ, ବରଂ ଏହା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହେବାକୁ ବସିଲାଣି । ୨୦୨୪ ମସିହାରେ ଘଟିଥିବା ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ବିବାଦର ସ୍ମୃତି ଲିଭି ନଥିବା ବେଳେ, ବର୍ତ୍ତମାନ ୨୦୨୬ ମସିହାରେ ପୁଣିଥରେ ସମାନ ଘଟଣାର ପୁନରାବୃତ୍ତି ଏବଂ ପରୀକ୍ଷା ବାତିଲ୍ ହେବା ଘଟଣା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (NTA) ର କାର୍ଯ୍ୟଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି । ଏହି ଘଟଣା କେବଳ କିଛି ଅସାଧୁ ବ୍ୟକ୍ତିଙ୍କ ଅପରାଧ ନୁହେଁ, ବରଂ ଏହା ଆମର ସାଂସ୍ଥାନିକ ବିଫଳତା ଏବଂ ବ୍ୟବସ୍ଥାଗତ ଦୁର୍ବଳତାର ଏକ ଜ୍ୱଳନ୍ତ ଉଦାହରଣ । ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରର ମେରୁଦଣ୍ଡ ସାଜିବାକୁ ଥିବା ଭବିଷ୍ୟତର ଡାକ୍ତରମାନଙ୍କୁ ଚୟନ କରିବା ପ୍ରକ୍ରିୟାରେ ଏଭଳି ଦୁର୍ନୀତି ସମଗ୍ର ସମାଜ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି ।

ପ୍ରତିବର୍ଷ ଦେଶରେ ପ୍ରାୟ ଚବିଶ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଇଥାନ୍ତି । ଏହି ପରୀକ୍ଷା ପାଇଁ ସେମାନେ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିବା ସହ ଅନେକ ଆର୍ଥିକ ତ୍ୟାଗ ମଧ୍ୟ କରିଥାନ୍ତି । ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ୬୭ ଜଣ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ୭୨୦ ରୁ ୭୨୦ ନମ୍ବର ରଖିବା ଏବଂ ଗୋଟିଏ ପରୀକ୍ଷା କେନ୍ଦ୍ରରୁ ଏକାଧିକ ଟପ୍ପର ବାହାରିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଏହାବ୍ୟତୀତ, ସମୟ ନଷ୍ଟ ହେବାର ଆଳ ଦେଖାଇ ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବା ନିଷ୍ପତ୍ତି ଏହି ସନ୍ଦେହକୁ ଆହୁରି ଘନୀଭୂତ କରିଥିଲା । ପରବର୍ତ୍ତୀ ସମୟରେ ବିହାର ଏବଂ ଗୁଜରାଟ ଆଦି ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ପ୍ରମାଣ ମିଳିବା ଏବଂ ସିବିଆଇ ତଦନ୍ତରୁ ଲକ୍ଷ ଲକ୍ଷ ଟଙ୍କାରେ ପ୍ରଶ୍ନପତ୍ର ବିକ୍ରି ହେବାର ରହସ୍ୟ ଉନ୍ମୋଚନ ହେବା ଏକ ସୁସଂଗଠିତ ମାଫିଆ ନେଟୱର୍କର ସକ୍ରିୟତାକୁ ପ୍ରମାଣିତ କରିଥିଲା । ଏହି କଳଙ୍କିତ ଅଧ୍ୟାୟରୁ କୌଣସି ଶିକ୍ଷା ଗ୍ରହଣ ନକରି ଏନଟିଏ ପୁଣିଥରେ ୨୦୨୬ ମସିହାରେ ସମାନ ବିଫଳତାର ଶିକାର ହୋଇଛି । ମେ ମାସ ୨୦୨୬ରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ଏନଟିଏ ବାଧ୍ୟ ହୋଇ ପରୀକ୍ଷାକୁ ବାତିଲ୍ କରିଛି । ସିବିଆଇର ବର୍ତ୍ତମାନର ତଦନ୍ତରୁ ଜଣାପଡିଛି ଯେ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ହରିୟାଣା ଭଳି ରାଜ୍ୟଗୁଡ଼ିକରେ ଏକ ବଡ଼ ଧରଣର ସିଣ୍ଡିକେଟ୍ କାମ କରୁଛି । ଉଦାହରଣସ୍ୱରୂପ, ନାସିକର ଶୁଭମ ଖୈରନାର ନାମକ ଜଣେ ବ୍ୟକ୍ତି ମାତ୍ର ଦଶ ଲକ୍ଷ ଟଙ୍କାରେ ଏକ ସମ୍ଭାବ୍ୟ ପ୍ରଶ୍ନପତ୍ର କିଣି ପନ୍ଦର ଲକ୍ଷ ଟଙ୍କାରେ ଅନ୍ୟ ରାଜ୍ୟର ପରୀକ୍ଷାର୍ଥୀଙ୍କୁ ବିକ୍ରି କରିଥିବା ଘଟଣା ସାମ୍ନାକୁ ଆସିଛି । ସେହିପରି ରାଜସ୍ଥାନର ଜୟପୁରରୁ ଗିରଫ ହୋଇଥିବା ବିୱାଲ ପରିବାରର ଘଟଣା ବ୍ୟବସ୍ଥାରେ ଥିବା ଛିଦ୍ରକୁ ସ୍ପଷ୍ଟ କରୁଛି । ଯେଉଁ ଛାତ୍ରମାନେ ଦଶମ ବା ଦ୍ୱାଦଶ ଶ୍ରେଣୀରେ ସାଧାରଣ ନମ୍ବର ରଖିଥିଲେ ଏବଂ କୋଚିଂ ସେଣ୍ଟରର ମକ୍ ଟେଷ୍ଟରେ ଖୁବ୍ କମ୍ ନମ୍ବର ପାଉଥିଲେ, ସେମାନେ ମୁଖ୍ୟ ପରୀକ୍ଷାରେ ଆଶ୍ଚର୍ଯ୍ୟଜନକ ଭାବେ ଉଚ୍ଚ ନମ୍ବର ରଖି ସରକାରୀ ମେଡିକାଲ କଲେଜରେ ସ୍ଥାନ ପାଇବା କଦାପି ସ୍ୱାଭାବିକ ନୁହେଁ । ଏହିସବୁ ତଥ୍ୟ କେବଳ ପରିସଂଖ୍ୟାନ ନୁହେଁ, ବରଂ ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନର ମୃତ୍ୟୁ ପ୍ରମାଣପତ୍ର ଅଟେ । ପରୀକ୍ଷା ବାତିଲ୍ ହେବା କିମ୍ବା ସ୍ଥଗିତ ରହିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଉପରେ ପଡୁଥିବା ମାନସିକ ଚାପ ଅବର୍ଣ୍ଣନୀୟ । ଗୋଟିଏ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଜଣେ ଛାତ୍ରକୁ ବର୍ଷ ବର୍ଷ ଧରି ସାମାଜିକ ଜୀବନରୁ ଦୂରେଇ ରହିବାକୁ ପଡେ, ରାତିଦିନ ଏକ କରି ପାଠ ପଢିବାକୁ ପଡେ ଏବଂ ଅନେକ କ୍ଷେତ୍ରରେ ଗରିବ ପିତାମାତାମାନେ ଋଣ କରି ପିଲାଙ୍କୁ କୋଚିଂ ସେଣ୍ଟରରେ ପଢାନ୍ତି । ଯେତେବେଳେ ପରୀକ୍ଷା କେନ୍ଦ୍ରରେ ବସିବା ପରେ କିମ୍ବା ପରୀକ୍ଷା ଦେଇସାରିବା ପରେ ଜଣାପଡେ ଯେ ପ୍ରଶ୍ନପତ୍ର ପୂର୍ବରୁ ବିକ୍ରି ହୋଇସାରିଛି ଏବଂ ପରୀକ୍ଷାଟି ବାତିଲ୍ ହେବ, ସେତେବେଳେ ସେହି ଛାତ୍ରଟିର ମାନସିକ ଅବସ୍ଥା କଣ ହେଉଥିବ, ତାହା କେବଳ ଭୋଗିଥିବା ବ୍ୟକ୍ତି ହିଁ ଅନୁଭବ କରିପାରିବ । ବାରମ୍ବାର ପରୀକ୍ଷା ଦେବା ପାଇଁ ଯାତାୟାତ ଖର୍ଚ୍ଚ, ରହିବା ଖର୍ଚ୍ଚ ଏବଂ ସର୍ବୋପରି ମାନସିକ ସନ୍ତୁଳନ ବଜାୟ ରଖିବା ଏକ ମଧ୍ୟବିତ୍ତ ବା ଗରିବ ପରିବାରର ଛାତ୍ର ପାଇଁ ଅତ୍ୟନ୍ତ କଷ୍ଟକର ବ୍ୟାପା ର । ଏହି ପରିସ୍ଥିତି ଛାତ୍ରଛାତ୍ରୀମାନଙ୍କ ମନରେ ସରକାରୀ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଉଛି । ସେମାନେ ଅନୁଭବ କରୁଛନ୍ତି ଯେ ମେଧା ଅପେକ୍ଷା ଅର୍ଥବଳର ପ୍ରାଧାନ୍ୟ ବୃଦ୍ଧି ପାଉଛି ।

ଏହି ସମସ୍ୟାର ମୂଳ କାରଣ ଖୋଜିବାକୁ ଗଲେ ଆମକୁ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସିର ଗଠନମୂଳକ ତ୍ରୁଟି ଏବଂ ପରିଚାଳନାଗତ ବିଫଳତା ଉପରେ ଦୃଷ୍ଟିପାତ କରିବାକୁ ପଡିବ । ଏନଟିଏ ଏକ ସ୍ୱାଧୀନ ଏବଂ ପେସାଦାର ସଂସ୍ଥା ଭାବରେ ଗଠିତ ହୋଇଥିଲେ ମଧ୍ୟ ଏହା ନିଜର ମୂଳ ଲକ୍ଷ୍ୟ ହାସଲ କରିବାରେ ବାରମ୍ବାର ବିଫଳ ହୋଇଛି । ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ଯେଉଁ ଦୀର୍ଘ ପ୍ରକ୍ରିୟା ରହିଛି, ସେଥିରେ ଅନେକ ଦୁର୍ବଳ କଡ଼ି ରହିଛି । ପ୍ରିଣ୍ଟିଂ ପ୍ରେସ୍, ଟ୍ରାନ୍ସପୋର୍ଟ ଏଜେନ୍ସି, ଷ୍ଟ୍ରଙ୍ଗରୁମ୍ ଏବଂ ଶେଷରେ ସ୍ଥାନୀୟ ପରୀକ୍ଷା କେନ୍ଦ୍ରର ପରିଚାଳକ - ଏହି ଶୃଙ୍ଖଳର ଯେକୌଣସି ସ୍ଥାନରେ ସାମାନ୍ୟ ଅସାବଧାନତା ବା ଦୁର୍ନୀତି ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିଦେବା ପାଇଁ ଯଥେଷ୍ଟ । ଏନଟିଏ ଦାବି କରେ ଯେ ସେମାନେ ଜିପିଏସ୍ ଟ୍ରାକିଂ, ସିସିଟିଭି ସର୍ଭେଲାନ୍ସ ଏବଂ ପୋଲିସ୍ ସୁରକ୍ଷା ଭଳି ନୀତି ଆପଣାଉଛନ୍ତି । କିନ୍ତୁ ବାସ୍ତବତା ହେଉଛି, ଏହି ସବୁ ବୈଷୟିକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଅପରାଧୀମାନେ ନୂଆ ନୂଆ ଉପାୟ ଅବଲମ୍ବନ କରି ପ୍ରଶ୍ନପତ୍ର ହାସଲ କରିବାରେ ସଫଳ ହେଉଛନ୍ତି । ଏହା ପ୍ରମାଣ କରୁଛି ଯେ ସମସ୍ୟା କେବଳ ବୈଷୟିକ ଜ୍ଞାନକୌଶଳର ଅଭାବ ନୁହେଁ, ବରଂ ମାନବୀୟ ସ୍ତରରେ ହେଉଥିବା ଦୁର୍ନୀତି ଏବଂ ଦାୟିତ୍ୱହୀନତା । ପରୀକ୍ଷା ପରିଚାଳନା ପାଇଁ ଘରୋଇ ସ୍କୁଲ ଏବଂ କଲେଜଗୁଡ଼ିକୁ କେନ୍ଦ୍ର ଭାବରେ ବାଛିବା ଏବଂ ସେଠାକାର ଅସ୍ଥାୟୀ କର୍ମଚାରୀଙ୍କ ଉପରେ ନିର୍ଭର କରିବା ଏକ ବଡ଼ ଭୁଲ । ଏହି ଘରୋଇ କେନ୍ଦ୍ରଗୁଡ଼ିକରେ କଡ଼ା ନିରୀକ୍ଷଣର ଅଭାବ ରହୁଛି, ଯାହାର ଫାଇଦା ଉଠାଇ ମାଫିଆମାନେ ସହଜରେ ନିଜର କାମ ହାସଲ କରୁଛନ୍ତି ।

ଏହି ପ୍ରଶ୍ନପତ୍ର ଲିକ୍ ଘଟଣା ପଛରେ ଶିକ୍ଷାର ବ୍ୟବସାୟୀକରଣ ଏକ ପ୍ରମୁଖ କାରଣ ଭାବରେ ଉଭା ହୋଇଛି । ଆଜିକାଲି ମେଡିକାଲ୍ ସିଟ୍ ହାସଲ କରିବା କେବଳ ଏକ ଶିକ୍ଷାଗତ ସଫଳତା ନୁହେଁ, ବରଂ ଏହା ଏକ ସାମାଜିକ ପ୍ରତିଷ୍ଠା ଏବଂ ଆର୍ଥିକ ଲାଭର ମାଧ୍ୟମ ପାଲଟିଯାଇଛି । ଘରୋଇ ମେଡିକାଲ୍ କଲେଜଗୁଡ଼ିକରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ, ସରକାରୀ ମେଡିକାଲ୍ କଲେଜରେ ସିଟ୍ ଖଣ୍ଡିଏ ପାଇବା ପାଇଁ ଅନେକ ଅସାଧୁ ଅଭିଭାବକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଛାଉନାହାନ୍ତି । ଏହି ଚାହିଦାକୁ ପୂରଣ କରିବା ପାଇଁ ଦେଶରେ ଏକ ସୁସଂଗଠିତ ଶିକ୍ଷା ମାଫିଆ ଗୋଷ୍ଠୀ ସୃଷ୍ଟି ହୋଇଛି, ଯେଉଁମାନେ କୋଚିଂ ସେଣ୍ଟର, ପରୀକ୍ଷା କେନ୍ଦ୍ରର ଅଧିକାରୀ ଏବଂ ଅସାଧୁ ସରକାରୀ କର୍ମଚାରୀଙ୍କ ସହ ମିଶି ଏହି କଳା କାରବାର ଚଳାଉଛନ୍ତି । ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ, ଏହା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ଏକ ସାଂଘାତିକ ଖେଳ । ଯେଉଁ ଛାତ୍ର ଟଙ୍କା ବଳରେ ପ୍ରଶ୍ନପତ୍ର କିଣି ଡାକ୍ତର ହେବ, ତା'ଠାରୁ ଆମେ କିଭଳି ନୈତିକତା ଏବଂ ସେବା ମନୋଭାବ ଆଶା କରିପାରିବା ? ଭବିଷ୍ୟତରେ ଏହି ଅଯୋଗ୍ୟ ଡାକ୍ତରମାନେ ରୋଗୀମାନଙ୍କ ଜୀବନ ସହ ଖେଳିବେ ନାହିଁ ବୋଲି କିଏ ଗ୍ୟାରେଣ୍ଟି ଦେବ ? ଏହା ଏକ ଜାତୀୟ ସୁରକ୍ଷା ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ । ତେଣୁ ଏହି ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ । ସରକାର ନିକଟରେ ସାର୍ବଜନୀନ ପରୀକ୍ଷାଗୁଡ଼ିକରେ ଅନ୍ୟାୟ ନିବାରଣ ପାଇଁ ଏକ ନୂତନ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିଛି । କିନ୍ତୁ କେବଳ ଆଇନ ପ୍ରଣୟନ କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ, ଏହାର କଠୋର ଅନୁପାଳନ ଏବଂ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ଆବଶ୍ୟକ ।

ପରିଶେଷରେ, ନିଟ୍ ପରୀକ୍ଷାକୁ ନେଇ ଉପୁଜିଥିବା ଏହି ବାରମ୍ବାର ସଙ୍କଟ ଏକ ଗଭୀର ଆତ୍ମସମୀକ୍ଷାର ସମୟ ଆଣିଦେଇଛି । ଏହି ସମସ୍ୟାର ସମାଧାନ ପାଇଁ ଏନଟିଏର ସମ୍ପୂର୍ଣ୍ଣ ପୁନର୍ଗଠନ କରାଯିବା ଆବଶ୍ୟକ ଏବଂ ଏଥିରେ ଉଚ୍ଚକୋଟୀର ବୈଷୟିକ ବିଶେଷଜ୍ଞ ତଥା ସଚ୍ଚୋଟ ପ୍ରଶାସକମାନଙ୍କୁ ନିଯୁକ୍ତ କରାଯିବା ଦରକାର । ଦ୍ୱିତୀୟତଃ, ପେନ୍ ଏବଂ ପେପର ଅର୍ଥାତ୍ ଅଫଲାଇନ୍ ମୋଡ୍ ପରିବର୍ତ୍ତେ ପରୀକ୍ଷାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଭିତ୍ତିକ କରିବା ସହ ଡାଇନାମିକ୍ ପ୍ରଶ୍ନପତ୍ର ପ୍ରସ୍ତୁତି ବ୍ୟବସ୍ଥା ଲାଗୁ କରାଯାଇପାରେ, ଯାହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ହେବାର ଆଶଙ୍କା ପ୍ରାୟତଃ ଶୂନ୍ୟ ହୋଇଯିବ । ତୃତୀୟତଃ, ପରୀକ୍ଷା କେନ୍ଦ୍ରଗୁଡ଼ିକୁ କେବଳ ସରକାରୀ ଶିକ୍ଷାନୁଷ୍ଠାନ ଏବଂ ସୁରକ୍ଷିତ ସ୍ଥାନମାନଙ୍କରେ ସୀମିତ ରଖିବା ଉଚିତ୍ । ଏକ ସୁସ୍ଥ, ସ୍ୱଚ୍ଛ ଏବଂ ନିରପେକ୍ଷ ପରୀକ୍ଷା ବ୍ୟବସ୍ଥା କେବଳ ଛାତ୍ରଛାତ୍ରୀଙ୍କ ଅଧିକାର ନୁହେଁ, ବରଂ ଏହା ଦେଶର ଭବିଷ୍ୟତ ନିର୍ମାଣ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ସରକାର ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷ ଯଦି ଏବେ ମଧ୍ୟ ନିଦ୍ରାରୁ ନ ଜାଗନ୍ତି ଏବଂ ଦୃଢ଼ ପଦକ୍ଷେପ ନ ନିଅନ୍ତି, ତେବେ ଦେଶର ଯୁବପିଢ଼ିଙ୍କ ମନରେ ଥିବା ଅସନ୍ତୋଷର ନିଆଁ ସମଗ୍ର ବ୍ୟବସ୍ଥାକୁ ଧ୍ୱଂସ କରିଦେବ । ମେଧାର ମୂଲ୍ୟାଙ୍କନ କେବଳ ନିରପେକ୍ଷତାର କଷଟି ପଥରରେ ହିଁ ହେବା ଉଚିତ୍, ଅର୍ଥ ବା ଦୁର୍ନୀତିର ତରାଜୁରେ ନୁହେଁ । ଏହି ଘଟଣାକୁ ଏକ ଚେତାବନୀ ଭାବରେ ଗ୍ରହଣ କରି ସମଗ୍ର ପରୀକ୍ଷା ବ୍ୟବସ୍ଥାକୁ ଏକ ନୂତନ ଏବଂ ସୁଦୃଢ଼ ରୂପରେଖ ଦେବାର ସମୟ ଆସିଯାଇଛି ।

# ସାବିତ୍ରୀ ଉପାଖ୍ୟାନ



## ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ମହାଭାରତର ବନ ପର୍ବରେ ସାବିତ୍ରୀ ସତ୍ୟବାନ ଉପାଖ୍ୟାନ ବର୍ଣ୍ଣନା କରାଯାଇଛି । ସ୍କନ୍ଧ ପୁରାଣ, ଭବିଷ୍ୟ ପୁରାଣରେ ଏହି ବ୍ରତର ମହିମା ବର୍ଣ୍ଣିତ । ଏକାଦଶ ଶତାବ୍ଦୀରେ ସ୍ମୃତିକାର ଗଦାଧର ରାଜଗୁରୁଙ୍କ ଗ୍ରନ୍ଥରେ ଏହାର ବର୍ଣ୍ଣନା ଦେଖିବାକୁ ମିଳେ । ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଏହି ବ୍ରତ ପାଳିତ ହୋଇଥାଏ । କୁହାଯାଏ ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ ପ୍ରଥମେ ଏହି ବ୍ରତ ପାଳନ କରିଥିଲେ । ସେ ଏହି ବ୍ରତରେ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀ ଉପାଖ୍ୟାନ ଅନୁସାରେ ଏକଦା ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ - 'ହେ ମାଧବ, ସଂସାରରେ କେଉଁ ବ୍ରତ ନାରୀମାନଙ୍କ ପାଇଁ ଶ୍ରେଷ୍ଠ ? ଭଗବାନ ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - ହେ ଧର୍ମରାଜ, ପତିବ୍ରତା ନାରୀ ପାଇଁ ସାବିତ୍ରୀ ବ୍ରତ ସମ୍ପର୍କରେ ପଚାରିବାରୁ ସେ ତାହାର ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

ମହାଭାରତ ମତେ, ମଦ୍ର ଦେଶରେ ଅଶ୍ୱପତି ନାମରେ ଜଣେ ରାଜ ରାଜତ୍ୱ କରୁଥିଲେ । ସେ ସାବିତ୍ରୀ ଦେବୀଙ୍କୁ କନ୍ୟା ରୂପେ ପାଇବା ପାଇଁ ଏକଦା ଯଜ୍ଞର ଆୟୋଜନ କଲେ । ନିର୍ଦ୍ଦିଷ୍ଟ ସମୟ ଉପନୀତ ଉତ୍ତାରୁ ଦେବୀ ଅଶ୍ୱପତିଙ୍କୁ ଦର୍ଶନ ଦେଇ ବର ମାଗିବାକୁ କହିଲେ । ରାଜା ନିସନ୍ତାନ ଥିବାରୁ ପୁତ୍ର ସନ୍ତାନ ପାଇଁ ଦେବୀଙ୍କ ପାଖରେ ମିନତୀ କଲେ । ଦେବୀ ରାଜାଙ୍କୁ ପୁତ୍ର ସନ୍ତାନ ଲାଭ କରିବା ଯୋଗ ନଥିବା ସୂଚାଇ ଦେଲେ ଏବଂ ଏକ ଉତ୍ତମ କନ୍ୟା ହେବାର ଆଶୀର୍ବାଦ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ । ଉପଯୁକ୍ତ ସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କ କୋଳରେ କନ୍ୟାଟିଏ ଜାତ ହେଲା । ଦେବୀଙ୍କ ନାମ ଅନୁସାରେ ତାଙ୍କ ନାମ ସାବିତ୍ରୀ ରଖାଯାଇଥିଲା । ସାବିତ୍ରୀ କ୍ରମେ ଯୌବନରେ ପାଦ ଦେବା ପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜ ଇଚ୍ଛାରେ ବର ଖୋଜିବାକୁ ସମ୍ମତି ପ୍ରକାଶ କରି ସହଚରୀମାନଙ୍କ ସହ ପତି ଅନ୍ୱେଷଣରେ ବାହାରି ପଡ଼ିଲେ । ଶାଲ୍ୱ ଦେଶର ରାଜା ଦ୍ୟୁମତସେନଙ୍କ ପୁତ୍ର ଥିଲେ ସତ୍ୟବାନ । ଦୈବୀ ଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବସ୍ଥାରେ ଦ୍ୟୁମତସେନ ଅନ୍ଧ ହେବା ସହ ରାଜ୍ୟ ହରାଇ ବନବାସୀ ହୋଇଥିଲେ । ସତ୍ୟବାନ ବଣରେ ଫଳମୂଳ ଖାଇ ମୁନି ବୃତ୍ତି ଅବଲମ୍ବନ କରି ଭକ୍ତି ସହକାରେ ପିତାମାତାଙ୍କ ସେବା କରୁଥିଲେ । ସାବିତ୍ରୀ ଭ୍ରମଣ କରୁ କରୁ ସେହି ବଣରେ ପହଞ୍ଚି ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣତା ଓ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ରାଜକୀୟ ଐଶ୍ୱର୍ଯ୍ୟ ଭୋଗବିଳାସ ତ୍ୟାଗ କରି ତାଙ୍କ ସାଙ୍ଗରେ ଜୀବନ ଅତିବାହିତ କରିବା ପାଇଁ ସଂକଳ୍ପ କଲେ । ସତ୍ୟବାନଙ୍କୁ ପତି ରୂପେ ମନୋନୀତ କରି ସେ ପିତାଙ୍କୁ ଜଣାଇଥିଲେ । ଏହି ସମୟରେ ନାରଦ ଉପସ୍ଥିତ ହୋଇ ସତ୍ୟବାନଙ୍କ ଆୟୁଷ ଆଉ ଏକ ବର୍ଷ ଥିବା ସତର୍କ କରାଇ ଦେଇଥିଲେ । ମାତ୍ର ସାବିତ୍ରୀ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ । ଶେଷରେ ଉଭୟ ପକ୍ଷଙ୍କ ଅନୁମତି କ୍ରମେ ସାବିତ୍ରୀ ଓ ସତ୍ୟବାନଙ୍କ ଯଥାରୀତି ବିବାହ ସମ୍ପନ୍ନ ହେଲା । ବିବାହ ପରେ ସାବିତ୍ରୀ ପିତୃଗୃହର ରାଜ ସମ୍ପଦ, ବିଳାସ ଓ ଦାସଦାସୀ ବର୍ଗଙ୍କୁ ତ୍ୟାଗ କରି ସ୍ୱାମୀଙ୍କ ସହିତ ତପୋବନର କୁଟୀରରେ ରହି ଶାଶୂ ଓ ଶ୍ୱଶୁରଙ୍କ ସେବାରେ ଲାଗିଲେ । ବିବାହର ଏକ ବର୍ଷ ପୂରିବାକୁ ତିନି ଦିନ ପୂର୍ବରୁ ସାବିତ୍ରୀ ତ୍ରିରାତ୍ର ବ୍ରତ ଅବଲମ୍ବନ କଲେ । ଅନ୍ତରେ ଯେଉଁ ଦିନ ଏକ ବର୍ଷ ପୂରଣ ହେବ, ସେ ଦିନ ସତ୍ୟବାନ ଫଳମୂଳ ଓ କାଠ ସଂଗ୍ରହ କରିବାକୁ ବଣକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ବଣରେ ସତ୍ୟବାନ ଅସୁସ୍ଥ ଅନୁଭବ କରିବାରୁ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ନିଦ୍ରା ଗଲେ ଓ ତାହାହିଁ ତାଙ୍କର ମହାନିଦ୍ରା ହେଲା । କିନ୍ତୁ ସାବିତ୍ରୀ ନିଜ ମୃତ ସ୍ୱାମୀଙ୍କ ମସ୍ତକକୁ ନିଜ କୋଳରେ ରଖି ସେଠାରେ ବସି ରହିଲେ । ଯମଦୂତ ଯେତେ ଚେଷ୍ଟା କଲେ ମଧ୍ୟ ସାବିତ୍ରୀଙ୍କ ଠାରୁ ତାଙ୍କ ସ୍ୱାମୀଙ୍କ ପ୍ରାଣ ଛଡ଼ାଇପାରିଲେ ନାହିଁ । ଏହାପରେ ସ୍ୱୟଂ ଯମଦେବ ସେଠାରେ ପହଞ୍ଚି ସତ୍ୟବାନଙ୍କ ଜୀବ ଧରି ବାହାରିଲେ । ସାବିତ୍ରୀ ମଧ୍ୟ ଯମଙ୍କୁ ଅନୁଗମନ କଲେ । ଶେଷରେ ତାଙ୍କର ନିଷ୍ଠା ଆଉ ତ୍ୟାଗ ଆଗରେ ଯମ ହାରିଯାଇଥିଲେ । ଯମରାଜା ତାଙ୍କ ସ୍ୱାମୀଙ୍କ ବଦଳରେ ତାଙ୍କୁ ୧୦୦ ପୁତ୍ର ହେବାର ବରଦାନ କରିଥିଲେ । ମାତ୍ର ସାବିତ୍ରୀ ଚତୁରତାର ସହ କହିଥିଲେ ଯେ, ସ୍ୱାମୀ ନଥାଇ ମୁଁ କିପରି ଶତ ପୁତ୍ରର ଜନନୀ ହେବି । ଏହା ଦ୍ୱାରା କ'ଣ ମୋର ସତୀତ୍ୱ ନଷ୍ଟ ହେବନି । ଶେଷରେ ସାବିତ୍ରୀଙ୍କ ଯୁକ୍ତିରେ ହାରି ଏବଂ ତାଙ୍କ ନିଷ୍ଠାରେ ଖୁସି ହୋଇ ସେ ସତ୍ୟବାନଙ୍କ ଜୀବନ ଦାନ କରିଥିଲେ । ମହାଭାରତରେ ବର୍ଣ୍ଣିତ ସାବିତ୍ରୀଙ୍କ ଏହି ଉପାଖ୍ୟାନକୁ ଆଦର୍ଶ ଭାବି ଓଡ଼ିଶାର ସାଧବା ନାରୀମାନେ ନିଷ୍ଠାର ସହ ଉପବାସ କରି ଏହି ପର୍ବ ପାଳନ କରିଥାନ୍ତି ।

ଜ୍ୟେଷ୍ଠ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ ହୁଏ । ଏହି ଦିନ ପ୍ରତ୍ୟେକ ସଧବା ଭୋରୁ ଉଠି ସ୍ନାନଦି କାମ ସାରିଥାନ୍ତି । ପିତୃଘରୁ ଆସିଥିବା ଶାଢ଼ୀ, ଶଙ୍ଖା, ସିନ୍ଦୁର ପିନ୍ଧି ସ୍ୱାମୀଙ୍କ ଶୁଭକାମନା କରି ଶିଳପୁଅକୁ ସାବିତ୍ରୀ ଭାବି ପୂଜାକରିଥାନ୍ତି । ପୂଜାଘରେ ଶିଳପୁଆକୁ ରଖି ଧୂପ, ଦୀପ ସହ ପଣସ, ଆମ୍ବ, ଲିଚି, କଦଳୀ ଆଦି ଭୋଗ ଦିଆଯାଇ ପୂଜା କରାଯାଏ । ସାବିତ୍ରୀ ଗାଥା ବହିକୁ ମହିଳାମାନେ ଏକତ୍ର ପଢ଼ିଥାନ୍ତି । ପରିବାରର ଅନ୍ୟମାନେ ଏହାକୁ ବସି ଶୁଣିଥାନ୍ତି । ବିବାହିତା ମହିଳାମାନେ ଏହିଦିନ ସୂର୍ଯ୍ୟାସ୍ତ ଯାଏଁ କଠୋର ଉପବାସ କରିଥାନ୍ତି । ତେବେ କେତେକ ଜାଗାରେ ମହିଳାମାନେ ଘରେ ପୂଜା ନକରି ମନ୍ଦିର ଯାଉଥିବାରୁ ମନ୍ଦିରମାନଙ୍କରେ ସେଦିନ ବହୁତ ଭିଡ଼ ପରିଲକ୍ଷିତ ହୋଇଥାଏ । ପୁରାଣରେ ବର୍ଣ୍ଣନା ରହିଛି ଯେ, ସାବିତ୍ରୀଙ୍କ ଭଳି କନ୍ୟା କୌଣସି ଗୃହରେ ଜନ୍ମ ନେଇଥିଲେ ପିତୃକୁଳ, ଶ୍ୱଶୁର, ଶାଶୂ ଓ ସ୍ୱାମୀଙ୍କର କଲ୍ୟାଣ ହୋଇଥାଏ ।


ପ୍ଲଟ ନଂ : ୧୦୮୨/ଡ଼ି,
ସେକ୍ଟର-୬, ସିଡ଼ିଏ, କଟକ,
ମୋ: ୯୮୬୧୩୫୫୬୨୮


# ସାବିତ୍ରୀ ବ୍ରତ : ଭକ୍ତି, ବାସ୍ତବତା ଓ ଦାମ୍ପତ୍ୟର ଗହନ କଥା



## ସୁବ୍ରତ କୁମାର ଦାସ

ଭାରତୀୟ ସଂସ୍କୃତିରେ ନାରୀଙ୍କ ଆଦର୍ଶ, ତ୍ୟାଗ ଓ ପତିବ୍ରତା ଧର୍ମର ପ୍ରତୀକ ଭାବେ "ସାବିତ୍ରୀ" ନାମଟି ଆଜିଯାଏ ସମ୍ମାନର ସହିତ ଉଚ୍ଚାରିତ ହୁଏ । ଜ୍ୟେଷ୍ଠ ଅମାବାସ୍ୟାରେ ପାଳିତ ସାବିତ୍ରୀ ବ୍ରତ କେବଳ ଏକ ପୂଜାପାଠ କିମ୍ବା ପରମ୍ପରା ନୁହେଁ; ଏହା ଜଣେ ନାରୀଙ୍କ ଭଲପାଇବା, ତ୍ୟାଗ, ନିଷ୍ଠା ଓ ସଂସାର ପ୍ରତି ଅଙ୍ଗୀକାରର ଚିତ୍ର । ଗ୍ରାମରୁ ସହର, ଘରରୁ ମନ୍ଦିର ସର୍ବତ୍ର ବିବାହିତା ନାରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ଉପବାସ ରଖି ପୂଜା କରନ୍ତି । କିନ୍ତୁ ସମୟର ପରିବର୍ତ୍ତନ ସହ ଏକ ପ୍ରଶ୍ନ ଆଜି ସମାଜରେ ଉଠୁଛି—ସାବିତ୍ରୀ ବ୍ରତର ପ୍ରକୃତ ଅର୍ଥ କ'ଣ ? କେବଳ ଉପବାସ ଓ ପୂଜାରେ କଣ ସ୍ୱାମୀ-ସ୍ତ୍ରୀର ସମ୍ପର୍କର ସାର୍ଥକତା ରହିଛି, ନା ଏହାର ଅନ୍ତରାଳରେ ରହିଛି ଆହୁରି ଗଭୀର ଜୀବନଦର୍ଶନ ?

ପୁରାଣ କହେ, ରାଜକୁମାରୀ ସାବିତ୍ରୀ ନିଜ ପତି ଭାବେ ସତ୍ୟବାନଙ୍କୁ ବାଛିଥିଲେ । ମାତ୍ର ଋଷି ଭବିଷ୍ୟବାଣୀ ଆଗରୁ କହିଥିଲେ ଯେ, ସତ୍ୟବାନଙ୍କ ଆୟୁ ଅତ୍ୟନ୍ତ ଅଳ୍ପ । ତଥାପି ସାବିତ୍ରୀ ପଛକୁ ଫେରି ନଥିଲେ । ବିବାହ ପରେ ସେ ନିଜ ସ୍ୱାମୀଙ୍କ ସହ ସାଧାରଣ ଜୀବନ ବିତାଇ ଥିଲେ । ଯେଉଁଦିନ ସତ୍ୟବାନଙ୍କ ମୃତ୍ୟୁର ଦିନ ଆସିଲା, ସାବିତ୍ରୀ ଯମରାଜଙ୍କ ପଛେ ପଛେ ଯାଇ ନିଜ ବୁଦ୍ଧି, ଭକ୍ତି ଓ ଧୈର୍ଯ୍ୟରେ ସ୍ୱାମୀଙ୍କୁ ପୁନଃ ଜୀବନ ଫେରାଇ ଆଣିଥିଲେ । ଏହି କାହାଣୀ ଆମ ସଂସ୍କୃତିରେ ପତିବ୍ରତା ନାରୀଙ୍କ ଶ୍ରେଷ୍ଠ ଉଦାହରଣ ଭାବେ ଅମର ହୋଇ ରହିଛି।କିନ୍ତୁ ଏହି କାହାଣୀର ଅନ୍ତର୍ନିହିତ ତତ୍ତ୍ୱକୁ ବୁଝିବା ଆବଶ୍ୟକ।ସାବିତ୍ରୀ କେବଳ ଉପବାସ କରି ସତ୍ୟବାନଙ୍କୁ ଫେରାଇ ଆଣି ନଥିଲେ; ତାଙ୍କର ଭଲ ପାଇବାରେ ଥିଲା ଆତ୍ମସମର୍ପଣ, ଦାୟିତ୍ୱବୋଧ, ଧୈର୍ଯ୍ୟ ଓ ସଂସାର ପ୍ରତି ଅତୁଟ ନିଷ୍ଠା । ଏହି ମୂଲ୍ୟବୋଧ ହିଁ ସାବିତ୍ରୀ ବ୍ରତର ଆତ୍ମା । କେବଳ ଦିନକ ନିର୍ଜଳ ଉପବାସ କଲେ କିମ୍ବା ନୂଆ ଶାଢ଼ୀ ପିନ୍ଧି ବଟବୃକ୍ଷ ପୂଜା କଲେ ସାବିତ୍ରୀର ଆଦର୍ଶ ପୂରଣ ହୁଏନାହିଁ ।

ଆଜିର ସମାଜରେ ଦାମ୍ପତ୍ୟ ଜୀବନର ଚିତ୍ର ବହୁ ପରିବର୍ତ୍ତିତ । ଅନେକ ପରିବାରରେ ସ୍ୱାମୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିବାର ପାଇଁ କଠିନ ପରିଶ୍ରମ କରୁଛନ୍ତି । ନିଜର ଇଚ୍ଛା, ଅନିଚ୍ଛାକୁ ଚାପି ପତ୍ନୀ ଓ ସନ୍ତାନଙ୍କ ସୁଖ ପାଇଁ ସମର୍ପିତ ହେଉଛନ୍ତି । କେହି ବିଦେଶ ରେ ଶ୍ରମିକ ଭାବେ କାମ କରୁଛନ୍ତି, କେହି ଋଣର ଭାର ବୋହି ପରିବାରକୁ ରକ୍ଷା କରୁଛନ୍ତି, କେହି ନିଜ ସ୍ୱାସ୍ଥ୍ୟକୁ ଅବହେଳା କରି ସଂସାରର ଭାର ବହନ କରୁଛନ୍ତି । ସେହି ସ୍ୱାମୀଙ୍କ ତ୍ୟାଗ ଓ ନିରବ କଷ୍ଟକୁ ବୁଝିବା ମଧ୍ୟ ଜଣେ ସ୍ତ୍ରୀଙ୍କ ପ୍ରକୃତ ସାବିତ୍ରୀ ଧର୍ମ ।

ଏକ ସମୟରେ ନାରୀଙ୍କୁ କେବଳ "ପତିବ୍ରତା" ଭାବେ ଦେଖାଯାଉଥିଲା । କିନ୍ତୁ ଆଜିର ଯୁଗରେ ଦାମ୍ପତ୍ୟର ଅର୍ଥ କେବଳ ସ୍ୱାମୀ ପାଇଁ ସ୍ତ୍ରୀର ତ୍ୟାଗ ନୁହେଁ; ବରଂ ଉଭୟଙ୍କର ପରସ୍ପର ସମ୍ମାନ, ବିଶ୍ୱାସ ଓ ସହଯୋଗ । ସାବିତ୍ରୀ ଯେପରି ସତ୍ୟବାନଙ୍କ ପାଇଁ ଯମ ସହ ଲଢ଼ିଥିଲେ, ସେହିପରି ଆଜିର ସ୍ୱାମୀ ମାନେ ମଧ୍ୟ ଜୀବନର ଅନେକ ଯୁଦ୍ଧ ଲଢୁଛନ୍ତି ପରିବାର ପାଇଁ । ତେଣୁ ପ୍ରଶ୍ନ ଉଠେ କେବଳ ସ୍ତ୍ରୀ କାହିଁକି ବ୍ରତ ରଖିବେ ? ସ୍ୱାମୀଙ୍କର କଣ ପରିବାର ପ୍ରତି ସମାନ କର୍ତ୍ତବ୍ୟ ନାହିଁ ? ନିଶ୍ଚୟ ଅଛି । ତେଣୁ ଆଜି ସାବିତ୍ରୀ ବ୍ରତର ନୂତନ ଅର୍ଥ ହେଉଛି, ଦୁଇ ମନର ପରସ୍ପର ସମର୍ପଣ ।

ବର୍ତ୍ତମାନ ସମୟରେ ଅନେକେ ସାବିତ୍ରୀ ବ୍ରତକୁ କେବଳ ସାମାଜିକ ପରମ୍ପରା କିମ୍ବା ଦେଖାଦେଖି ର ଉତ୍ସବ ଭାବେ ପାଳନ କରୁଛନ୍ତି । ସୋସିଆଲ ମିଡିଆରେ ଫଟୋ, ଆଡମ୍ବର, ମହଙ୍ଗା ଶାଢ଼ୀ ଓ ଅଳଙ୍କାରର ଚମକ ମଧ୍ୟରେ କେତେବେଳେ ବ୍ରତର ପ୍ରକୃତ ଆତ୍ମା ହରାଇ ଯାଉଛି । ଯଦି ଘରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିଶ୍ୱାସ ନଥାଏ, ସମ୍ମାନ ନଥାଏ, ଭଲପାଇବା ନଥାଏ, ତେବେ ଦିନକର ଉପବାସ କେତେ ଯଥାର୍ଥ ? ଯଦି ଜଣେ ସ୍ତ୍ରୀ ସ୍ୱାମୀଙ୍କ ମାନସିକ କଷ୍ଟ ବୁଝନ୍ତି ନାହିଁ, କିମ୍ବା ସ୍ୱାମୀ ସ୍ତ୍ରୀଙ୍କ ଭାବନାକୁ ସମ୍ମାନ ଦିଅନ୍ତି ନାହିଁ, ତେବେ ସେହି ଦାମ୍ପତ୍ୟ ରେ ସାବିତ୍ରୀ-ସତ୍ୟବାନଙ୍କ ଆଦର୍ଶ କେଉଁଠି ?

ସାବିତ୍ରୀ ବ୍ରତ ଆମକୁ ଶିଖାଏ ଯେ, ସଂସାର କେବଳ ଅଧିକାରରେ ନୁହେଁ, କର୍ତ୍ତବ୍ୟରେ ବନ୍ଧା । ସ୍ୱାମୀ ଯଦି ସ୍ତ୍ରୀଙ୍କ ସୁଖ ପାଇଁ ଦିନରାତି ପରିଶ୍ରମ କରନ୍ତି, ତେବେ ସ୍ତ୍ରୀଙ୍କର ମଧ୍ୟ କର୍ତ୍ତବ୍ୟ ହେଉଛି ସେହି ତ୍ୟାଗକୁ ବୁଝିବା ଓ ସମ୍ମାନ କରିବା । ସେହିପରି ସ୍ତ୍ରୀ ଯଦି ଘର, ସନ୍ତାନ ଓ ସଂସାର ପାଇଁ ନିଜ ସ୍ୱପ୍ନକୁ ତ୍ୟାଗ କରନ୍ତି, ତେବେ ସ୍ୱାମୀଙ୍କର ମଧ୍ୟ ଉଚିତ ତାଙ୍କ ଭାବନାକୁ ମୂଲ୍ୟ ଦେବା । ଏହି ପରସ୍ପର ବୁଝାବଣା ହିଁ ପ୍ରକୃତ ଦାମ୍ପତ୍ୟ ଜୀବନ ।

ଆଜି ଅନେକ ପରିବାର ଭାଙ୍ଗି ଯାଉଛି କାରଣ ଦାମ୍ପତ୍ୟରେ ଧୈର୍ଯ୍ୟ ଓ ସହନଶୀଳତା କମି ଯାଉଛି । ଛୋଟ ଛୋଟ କଥାରେ ମନମାଳିନ୍ୟ, ଅହଂକାର, ଅବିଶ୍ୱାସ ଓ ସ୍ୱାର୍ଥ ସମ୍ପର୍କକୁ ଦୁର୍ବଳ କରୁଛି । ସାବିତ୍ରୀର କାହାଣୀ ଆମକୁ ଧୈର୍ଯ୍ୟର ଶିକ୍ଷା ଦେଇଥାଏ । କାରଣ, ସାବିତ୍ରୀ ବିପଦ ବା ସମସ୍ୟା ସମୟ ରେ ପଳାଇ ଯାଇ ନଥିଲେ ବରଂ ସାହସର ସହିତ ବିପଦ କୁ ସାମ୍ନା କରିଥିଲେ । ଆଜିର ଦାମ୍ପତ୍ୟରେ ମଧ୍ୟ ଏହି ମନୋଭାବ ଆବଶ୍ୟକ । ପରସ୍ପରକୁ ଦୋଷ ଦେବା ପରିବର୍ତ୍ତେ ଯଦି ଉଭୟେ ଏକାଠି ସମସ୍ୟାର ସମାଧାନ ଖୋଜନ୍ତି, ତେବେ ସଂସାର ସୁନ୍ଦର ହୋଇପାରିବ ।

ସାବିତ୍ରୀ ବ୍ରତର ଆଉ ଏକ ମହତ୍ତ୍ୱ ହେଉଛି ଆଧ୍ୟାତ୍ମିକତା । ଉପବାସ କେବଳ ଶରୀରକୁ କଷ୍ଟ ଦେବା ନୁହେଁ; ଏହା ମନକୁ ନିୟନ୍ତ୍ରଣ କରିବାର ଏକ ପ୍ରୟାସ । ଯେତେବେଳେ ଜଣେ ନାରୀ ନିଜ ସ୍ୱାମୀଙ୍କ ମଙ୍ଗଳ କାମନାରେ ଭକ୍ତି ଭାବରେ ପୂଜା କରନ୍ତି, ସେଠାରେ ନିଷ୍ଠାପର ପ୍ରେମର ଏକ ପବିତ୍ର ରୂପ ଦେଖାଯାଏ । କିନ୍ତୁ ଏହି ଭକ୍ତି କେବଳ ପୂଜା ଘରରେ ସୀମିତ ରହିବା ଉଚିତ ନୁହେଁ । ଦୈନିକ ଜୀବନରେ ସହାନୁଭୂତି, ସମ୍ମାନ ଓ ସତ୍ୟନିଷ୍ଠା ରୂପେ ଏହା ପ୍ରକାଶ ପାଇବା ଦରକାର ।

ସମାଜରେ ଏହା ଦେଖାଯାଏ ଯେ, ଅନେକ ସମୟ ରେ ନାରୀମାନେ ଦୀର୍ଘ ସମୟ ଉପବାସ କରି ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି, ତଥାପି ପରମ୍ପରାର ନାମରେ ନିଜକୁ କଷ୍ଟ ଦେଉଛନ୍ତି । ପ୍ରକୃତ ଧର୍ମ କେବେ ମଣିଷକୁ ଅସୁସ୍ଥ କରିବାକୁ କୁହେ ନାହିଁ । ଧର୍ମର ମୂଳ ହେଉଛି ମାନବିକତା ଓ ସନ୍ତୁଳନ । ତେଣୁ ସାବିତ୍ରୀ ବ୍ରତକୁ ଆଡମ୍ବର କିମ୍ବା ଅନ୍ଧ ବିଶ୍ୱାସରେ ନୁହେଁ, ବରଂ ସଚେତନତା ଓ ଆଧ୍ୟାତ୍ମିକ ଭାବନାରେ ପାଳନ କରିବା ଆବଶ୍ୟକ ।

ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀରେ ଆଉ ଗୋଟିଏ ସତ୍ୟ ଲୁଚି ରହିଛି—ସମ୍ପର୍କର ମୂଲ୍ୟ । ସାବିତ୍ରୀ ସତ୍ୟବାନଙ୍କୁ କେବଳ ସ୍ୱାମୀ ଭାବେ ନୁହେଁ, ଜୀବନସାଥୀ ଭାବେ ଭଲପାଇଥିଲେ । ସେହି ଭଲପାଇବାରେ ନ ଥିଲା ଅହଂକାର, ନ ଥିଲା ସ୍ୱାର୍ଥ । ଆଜିର ଯୁଗରେ ଏହି ପବିତ୍ର ଭାବନା କ୍ରମେ କମି ଯାଉଛି । ସମ୍ପର୍କ ଅନେକ ସମୟରେ ଲାଭ-କ୍ଷତିର ହିସାବରେ ପରିଣତ ହେଉଛି । କିନ୍ତୁ ଦାମ୍ପତ୍ୟର ପ୍ରକୃତ ସୌନ୍ଦର୍ଯ୍ୟ ହେଉଛି ଏକାଠି ରହିବା, ପରସ୍ପରର ଦୁଃଖକୁ ବାଣ୍ଟିନେବା ଓ କଷ୍ଟ ସମୟରେ ହାତ ଛାଡ଼ି ନ ଦେବା ।

ତେଣୁ ସାବିତ୍ରୀ ବ୍ରତର ଯଥାର୍ଥତା କେବଳ ପରମ୍ପରାରେ ନୁହେଁ, ତାହାର ମୂଲ୍ୟବୋଧ ରେ ରହିଛି । ଯଦି ଏହି ବ୍ରତ ମଣିଷକୁ ଦାମ୍ପତ୍ୟର ପବିତ୍ରତା, ପରସ୍ପର ସମ୍ମାନ ଓ ତ୍ୟାଗର ଶିକ୍ଷା ଦେଇପାରେ, ତେବେ ଏହା ସାର୍ଥକ ହେବ । କିନ୍ତୁ ଯଦି ଏହା କେବଳ ଆଡମ୍ବର, ଲୋକ ଦେଖାଣିଆ ପରମ୍ପରା କିମ୍ବା ଏକପକ୍ଷୀୟ କର୍ତ୍ତବ୍ୟରେ ସୀମିତ ରହିଯାଏ, ତେବେ ଏହାର ପ୍ରକୃତ ଉଦ୍ଦେଶ୍ୟ ହରେଇ ଯିବ ।

ଆଜିର ସମୟରେ ପ୍ରକୃତ ସାବିତ୍ରୀ ସେ ନୁହେଁ ଯିଏ କେବଳ ଉପବାସ କରନ୍ତି; ପ୍ରକୃତ ସାବିତ୍ରୀ ସେ, ଯିଏ ନିଜ ସ୍ୱାମୀଙ୍କ ମନକୁ ବୁଝନ୍ତି, ତାଙ୍କ କଷ୍ଟରେ ସାଥି ହୁଅନ୍ତି, ସଂସାରକୁ ଭଲ ପାଇବାରେ ବାନ୍ଧି ରଖନ୍ତି । ସେହିପରି ପ୍ରକୃତ ସତ୍ୟବାନ ସେ, ଯିଏ ନିଜ ସ୍ତ୍ରୀଙ୍କ ସମ୍ମାନ ରକ୍ଷା କରନ୍ତି, ତାଙ୍କ ତ୍ୟାଗକୁ ମୂଲ୍ୟ ଦିଅନ୍ତି ଓ ଜୀବନର ପ୍ରତ୍ୟେକ ସଂଘର୍ଷରେ ତାଙ୍କ ସହ ଦୃଢ଼ ହୋଇ ଠିଆ ହୁଅନ୍ତି ।

ସାବିତ୍ରୀ ବ୍ରତର ମୂଳ ସନ୍ଦେଶ ଏହାହିଁ ଯେ, ଦାମ୍ପତ୍ୟ କେବଳ ଏକ ସାମାଜିକ ବନ୍ଧନ ନୁହେଁ; ଏହା ଦୁଇଟି ହୃଦୟର ଆଧ୍ୟାତ୍ମିକ ସମ୍ପର୍କ । ଯେଉଁଠାରେ ଭଲପାଇବା ଅଛି, ସମ୍ମାନ ଅଛି, ତ୍ୟାଗ ଅଛି ଓ ପରସ୍ପର ପ୍ରତି ସତ୍ୟନିଷ୍ଠା ଅଛି, ସେଇଠି ହିଁ ପ୍ରକୃତ ସାବିତ୍ରୀ ବ୍ରତର ସାର୍ଥକତା ରହିଛି ।


ରାଜେନ୍ଦ୍ରପୁର, ବାରିକପୁର
ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩








## ବଦଳି ଯାଇଥିବା ଆଦତ

### ସଦାଶିବ ବିଶ୍ୱାଳ

କାଲି ପର୍ଯ୍ୟନ୍ତ ଆମେ ବି
ବର୍ଷାରେ ଛମ ଛମ ନାଚୁଥିଲୁ
ଆଜି ଏଇ ବର୍ଷାରେ
କୀଟାଣୁ ଦେଖିବା ଶିଖି ଗଲୁ

ମାଆ କ'ଣ କହିବ ?
କାଲି ପର୍ଯ୍ୟନ୍ତ ଆମେ ବେଫିକର ଥିଲେ
ଆଜି ବର୍ଷାଠାରୁ
ମୋବାଇଲ ବଞ୍ଚାଇବା ଶିଖିଗଲେ

ମୂଷଳଧାର ବର୍ଷା ଯୋଗୁଁ ଛୁଟି ପାଇଁ
କାଲି ପର୍ଯ୍ୟନ୍ତ ଦୁଆ କରୁଥିଲେ
ଏବେ ଡରୁଛନ୍ତି, ବର୍ଷା ହେବା ଯୋଗୁଁ
ଅସୁବିଧା, ଅଫିସ ବନ୍ଦ ହୋଇଗଲେ

କେହି ଏବେ ସତ କହିଲେ
ଏବେ ଆଉ ଆସେ ନାହିଁ
ଛୁଆବେଳ ବର୍ଷା
ଗାଁ ଦାଣ୍ଡରେ ରଣପାର ଜରୁରୀ ନାହିଁ

ଆମେ ନିଜେ ଏବେ,
କାଗଜ ଡ଼ଙ୍ଗା ତିଆରି ଭୁଲିଗଲେ
ବର୍ଷା ଏବେ ବି ବର୍ଷା ହୋଇରହିଛି
ଆମେ ଆମର
ଯୁଗ/ଆଦତ ଭୁଲିଗଲେ ।


କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ମୋହନଦାସ ଏନ କ୍ଲେଭ
ଖଣ୍ଡଗିରି, ଭୁବନେଶ୍ୱର


## ସାବିତ୍ରୀ ବ୍ରତ

### ଡଃ ତାନଶ୍ରୀ ପାଣିଗ୍ରାହୀ



ସାବିତ୍ରୀ ବ୍ରତଟି ସଧବା ନାରୀର
ଅଟେ ପ୍ରିୟ ଶ୍ରେଷ୍ଠ ବ୍ରତ
ସ୍ୱାମୀ ପରିବାର ମଙ୍ଗଳ କାମନା
ତା ପାଇଁ ଅଟେ ମହତ...
ଶଙ୍ଖା ସିନ୍ଦୁର ନାରୀର ଭୂଷଣ
ସବୁଠାରୁ ମୂଲ୍ୟବାନ
ସ୍ୱାମୀ ହିଁ ଦେବତା ଗତି ମୁକ୍ତି ଦାତା
ସ୍ୱାମୀ ହିଁ ପ୍ରାଣ ସ୍ପନ୍ଦନ...
ପୁରାଣ ବନ୍ଦିତ କିମ୍ବଦନ୍ତୀ କହେ
ସତୀ ସାବିତ୍ରୀଙ୍କ କଥା
ସତ୍ୟବାନଙ୍କୁ ଫେରାଇବା ପାଇଁ
ପାଇଥିଲେ ସବୁବ୍ୟଥା...
ଅନ୍ଧ ଶାଶୁ ଆଉ ଶଶୁରଙ୍କ ପାଇଁ
ମାଗିଥିଲେ ସେ ବର
ବିସ୍ମିତ ହେଲେ ଯମରାଜ ଦେଖି
ତାଙ୍କ ତ୍ୟାଗ ସତୀତ୍ୱର...
ଧନ୍ୟ ତାଙ୍କ ନିଷ୍ଠା ସେବା ସମର୍ପଣ
ଏ ଧରାରେ ମହାସତୀ
ପତି ପରାୟଣା ନାରୀଟିଏ ହୁଏ
ସଂସାରେ ସୌଭାଗ୍ୟବତୀ...
ସଂସାରରେ ନାରୀ ଏହି ବ୍ରତ କରି
କରେ ପୁଣ୍ୟ ଅରଜନ
ସାବିତ୍ରୀଙ୍କ ଭକ୍ତି ସାବିତ୍ରୀଙ୍କ ନୀତି
କରିବା ଆମେ ପାଳନ ।


ଅବାଲେଶ୍ୱର ଅ
ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋ -୯୩୩୭୩୦୪୨୯୫

# ଗଧିଆ ନାତିର ଭୋଜି ଓ ବିଲୁଆ

## ରମେଶ ଚନ୍ଦ୍ର ଦାଶ

ବିଲୁଆ ସଦାବେଳେ ନିଜେ ଭାରି ଗରିବ ବୋଲି ସମସ୍ତଙ୍କୁ କହେ। ତେଣୁ ସେ କାହାରିକୁ କିଛି ଦିଏ ନାହିଁ। କିନ୍ତୁ ସମସ୍ତଙ୍କଠାରୁ ଖାଇବା ବେଳକୁ ଆଗ ପତ୍ର ପକାଇ ବସିପଡ଼େ। ତାର ଏ ପ୍ରକୃତି ଦେଖି ଦିନେ ଗଧିଆ ବିଲୁଆକୁ ପାନେ ଦେବ ବୋଲି ଚିନ୍ତାକଲା।

ଦିନେ ସକାଳୁ ସକାଳୁ ବିଲୁଆ ଯିବାବେଳ ଦେଖି ଗଧିଆ ଜଣଙ୍କ ବାଡ଼ିର ପଶି କଦଳୀପତ୍ର କାଟିବାର ଅଭିନୟ କଲା। ତାକୁ ଦେଖି ବିଲୁଆର ମନ ଭାରି ଖୁସି। ସେ କହିଲା, "ଗଧିଆ ଭାଇ, ଆଜି ଏତେ ସକାଳୁ କଦଳୀ କିଆରିରେ ପଶି କ'ଣ କରୁଛ?" ତାର ପ୍ରଶ୍ନ ଶୁଣି ଗଧିଆ କହିଲା, "ଆଜି ମୋ ନାତିର ଜନ୍ମଦିନ ସେଥିପାଇଁ କିଛି ପତ୍ର କାଟୁଛି।" ବିଲୁଆ କହିଲା, "ମୁଁ ଟିକେ ସାହାଯ୍ୟ କରିଦେବି କି?" ଗଧିଆ ଅସଲ କଥାଟା ଲୁଚାଇ କହିଲା, "ନାଇଁରେ ବିଲୁଆ, ତୁମ ଭଳି ପ୍ରାଣୀ ମୋ ପାଇଁ ପତ୍ର କାଟିଲେ ତୁମର ଅସମ୍ମାନ ହେବ। ତୁମକୁ ସିନା ମୁଁ ଭୋଜିକି ଡାକିବି, ଏଥିପାଇଁ କାମ କରାଇବାକୁ ମୁଁ ଉଚିତ୍ ଭାବୁନି।" ଏହା ଶୁଣି ବିଲୁଆ କହିଲା, "ତୁମର ନାତି ହେଲେ କ'ଣ ମୋର ନାତି ନୁହେଁ। ତୁମର ତ ଅନ୍ୟ କାମ ନିଶ୍ଚୟ ଥିବ। ତୁମେ ସିଆଡ଼େ ଯାଅ, ମୁଁ ପତ୍ର କାଟିଦେଉଛି।" ଗଧିଆ ଏହି ସୁଯୋଗକୁ ଅପେକ୍ଷା କରିଥିଲା। ସେ ଆଉ କାଳ ବିଳମ୍ବ ନକରି କହିଲା, "ବାଧ କରୁଛ ଯେତେବେଳେ ପତ୍ର ଦି'ଟା କାଟିଦିଅ। ମୁଁ ତେଣେ ଯାଉଛି ସମସ୍ତଙ୍କୁ ନିମନ୍ତ୍ରଣ ଜଣାଇ ଦେଇ ଆସୁଛି। ଆଉ ତୁମେ ତ ଜାଣିଲ। ସଞ୍ଜ ବେଳକୁ ବେଗାବେଗି ଆସିଯିବ।"

ଏହା କହି ସେ ଘରେ ଖାଇପିଇ ଶୋଇଲା। ବିଲୁଆ ପତ୍ର କାଟିବାକୁ ଆରମ୍ଭ କରିବା



ମାତ୍ରେ ବାଡ଼ି ମାଲିକ ଆସି ଗୋଟିଏ ତଡ଼ାରେ ଦେଲା ପାହାରେ। ସେ ଛୋଟେଇ ଛୋଟେଇ ଖସି ଚାଲିଗଲା। ଗଧିଆ ବି ସବୁ ଖବର ରଖିଥାଏ। ସଂଧ୍ୟାବେଳକୁ ସେ ପହଞ୍ଚିଲା ବିଲୁଆ ଦୁଆରେ। ଗଧିଆ ତାର ଦୁଃଖ ଖବର ପାଇ ତା' ନିମନ୍ତେ ଖାଦ୍ୟ ଧରି ଆସିବ ବୋଲି ବିଲୁଆ ଭାବିଥିଲା। ଗଧିଆ କିନ୍ତୁ ତା' ପାଖରେ ପହଞ୍ଚି କହିଲା, "ବୁଝିଲୁ ବିଲୁଆ। ତୁ ପତ୍ର ନପଠାଇବାରୁ ମୁଁ ଭୋଜି ବନ୍ଦ କରିଦେଲି। କେମିତି କରିଥାନ୍ତି କହିଲୁ, ଏଣେ ଶୁଣିଲି ଯେ ତୋର ଦେହ ଖରାପ ତା ସାଥିକୁ ଯେଉଁଟା ମୁଖ୍ୟ କାମ ତାହା ହୋଇପାରିନି। ମୁଁ ବିଧିରକ୍ଷା କରି ମୋର ନାତିର ଜନ୍ମଦିନ କରିଦେଲି।" ଜନ୍ମଦିନ ବନ୍ଦ ହୋଇଯାଇଛି ଶୁଣି ବିଲୁଆ ଖୁସିହେଲା। ପଛରେ ତା ଗୋଡ଼ ଭଲ ହେବା ପରେ ହେଲେ ସେ ଯିବ।

ସେଦିନ ଗଧିଆ ଫେରିଆସିଲା। ଏକଥା ସେ କାହାକୁ କହିନଥାଏ। ପରଦିନ ବିଲୁଆ ଦୁଆର ମୁହଁ ଦେଇ ଭାଲୁ ଗଲାବେଳେ ବିଲୁଆର ଚିତ୍କାର ଶୁଣି ତା ପାଖକୁ ଆସି ଖବର ପଚାରିଲା। ବିଲୁଆ ସେଦିନ ଘଟିଥିବା ଘଟଣା କହିବା ସହିତ ତା ପାଇଁ ଗଧିଆ ନାତିର ଜନ୍ମଦିନ ବନ୍ଦ ହୋଇଥିବା କଥା କହିଲା। ତାର କଥା ଶୁଣି ଭାଲୁ ଖୁବ୍ ଜୋର୍‌ରେ ହସିଲା। ସେ କହିଲା, "ଗଧିଆ ନାତିର ଭୋଜି ପାଇଁ ତୋର ଏପରି ଅବସ୍ଥା ହୋଇଛି।" ତାପରେ ସେ ଜଙ୍ଗଲସାରା ବୁଲି ଏକଥା ସମସ୍ତଙ୍କୁ କହିଲା। ସମସ୍ତେ ତାକୁ ଦେଖିବାକୁ ଆସି ଥଟ୍ଟାକଲେ। ବିଚରା ବିଲୁଆ ଆଉ କରିବ କ'ଣ? ତାକୁ ଲାଜ ଲାଗିଲା।

ସେହିଦିନ ଠାରୁ ବିଲୁଆ ଆଉ କେଉଁଆଡ଼େ ଭୋଜି ଖାଇବାକୁ ଗଲାନାହିଁ।


ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨


# ଧିର ପବନ

## ଧ୍ରୁବ ଚରଣ ଘିବେଲା

ଖାଲି ଆଖିକୁ ଦିଶେନି ସିନା
ବହିଲେ ଜାଣି ହୁଏ
ଗଛର ଡାଳ ଉପର ତଳ
ପବନ ବହି ହୁଏ ।
ଧିର ପବନ ଧିରେ ବହିକି
ଦେହକୁ ଛୁଇଁ ଗଲେ
ପବନ ଛୁଆଁ ଲାଗେ ବଢ଼ିଆ
କୁତୁକୁତିଆ ଥିଲେ ।
ଖରାଦିନିଆ ଝାଞ୍ଜି ପବନ
ଦିଏ ଅସୁଖ ଭାବ
ଶୀତଳ ବାଆ ସିନା ବଢ଼ିଆ
ଖରାଦିନେ ଅଭାବ ।
ଶୀତଦିନର ହେମାଳ ବାଆ
ଥରେଇ ଦିଏ ହିଆ
ଶୀତପୋଷାକ ଲାଗେ ଉଷୁମ
ମଜା ଉଷୁମୁଷିଆ ।
ଖରାକୁ ସିନା ସେ ଜମାଣିଆ
ଥଣ୍ଡା ଶୀତଳ ବାଆ
ଦେହରେ ବାଜି ବହିଗଲେକି
ସେ ବାଆ ମଜାଳିଆ ।
ଲୋମ ଟାଙ୍କୁରଓ ଶୀତଳ ବାଆ
ଥରେଇ ଦିଏ ଦେହ
ଖରାଦିନର ପବନ ଧିର
ସୁଖଦ ଲାଗେ ଜହ୍ନ ।
ଧିର ପବନ ଛୁଆଁ ଆରାମ
କେତେବେଳେ କେମିତି
ଖରାକୁ ଥଣ୍ଡା ଶୀତକୁ ଭଲ
ଉଷୁମ ସେଇମିତି ।


ବଉଦରାଜ -୭୬୨୦୧୪,
ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬


# ଶୁଭୁ ନାହିଁ 'କା' 'କା'

## କୀର୍ତ୍ତନ ସାହୁ



ଶୁଭୁ ନାହିଁ ଆଉ କା ' କା ' ସ୍ୱର
କାଉ ଆଉ ରାବୁ ନାହିଁ
କାଉ ସଂଖ୍ୟା ଦିନୁ ଦିନ କମୁଅଛି
ଦୁଃଖ ତାଙ୍କ ସେଥି ପାଇଁ।

ପୁଅ ଝିଅ ଏବେ ସକାଳୁ ଉଠନ୍ତି
ଆଲାରାମ ଶବ୍ଦ ଶୁଣି
ଚୁପ୍ କରିବାକୁ ମୋବାଇଲ ଖୋଲି
ଧରେଇ ଦିଅନ୍ତି ପୁଣି ।

କାଉ ଖାଇ ଦେଲେ ମଇଳା ଜିନିଷ
ପରିବେଶ ହୁଏ ସଫା
ଆଉ କାଉ ଏବେ ଦିଶୁତ ନାହାନ୍ତି
ମାଆ ହୋଇଯାନ୍ତି ଖପା ।

ମେସିନ ଲଗାଇ ମଇଳାକୁ ସଫା
କରା ଯାଉ ଅଛି ଏବେ
ଦୂର ଦୂର କରି ତଡ଼ି ଦେଉଛନ୍ତି
କାଉ ଯଦି ଆସେ କେବେ ।

କାଉ ସ୍ୱର ଆଉ ଭଲ ଲାଗୁ ନାହିଁ
ପିଲାଙ୍କୁ ଶୁଣିବା ପାଇଁ
ମୋବାଇଲ ଭିତରେ ପଶିଗଲେ ଥରେ
ମନ ତାଙ୍କ ଛାଡେ ନାହିଁ ।

ପ୍ରକୃତି ସହିତ ସମ୍ପର୍କ ଆମର
ପିଲା ମାନଙ୍କର ନାହିଁ
ମୋବାଇଲ ,ଟି ଭି ଦେଖି ସେ ବାଇଆ
ଅବାଟରେ ଯାଇ ଥାଇ ।

ଧୀରେ ଧୀରେ ସବୁ ବଦଳି ଯାଉଛି
କେମିତି ଚଳିବା କୁହ
ପରିବେଶ ପ୍ରତି ସଚେତନ ହେବା
କଥାଟି କି ସତ ନୁହଁ !


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


# ପାଠ ପଢା ନୁହଁଇ ବୋଝ

## ମମତା ବଗର୍ତ୍ତୀ



ପିଲା ମାନେ ଶୁଣ ମନଦେଇ
ପାଠ ପଢା ନୁହଁଇ ବୋଝ,
ପାଠ ନ ପଢି ମୁର୍ଖ ହେଲେ
ତୁମକୁ ଲାଗିବ ଭାରି ଲାଜ ।

ନିଦ ଖରାପ ହେଉଛି କହୁଛ
ସକାଳୁ ବାଜିଲେ ଆଲାରାମ,
ପାଠ ପଢାକୁ ବୋଝ କହି
ଭାବୁଛ ଡାକୁଛି ମୋତେ ଯମ ।

ଭାବୁଛ ପୁଣି କେମିତି କରିବି
ଏତେ ସବୁଯାକ ଗୃହକାର୍ଯ୍ୟ,
ନିଶ୍ଚିନ୍ତ ହୋଇ ଶୋଇବି
ଯଦି ପାଇବି ଟିକିଏ ସମୟ ।

ପାଠ କଥା କହିଲେ ବାପା ମାଁ
ତୁମକୁ ଲାଗୁଛି ଭାରି ରାଗ,
କହୁଛ ଟିକିଏ ଖେଳିକି ଆସୁଛି
ଡାକିଲାଣି ମୋର ସାଙ୍ଗ ।

ସକାଳୁ ସଅଳ ଉଠି ଖୁସି ମନେ
ତୁମେ ପଢିବ ଯଦି ପାଠ,
ପରିଶ୍ରମ ବଳେ ସଫଳ ହୋଇବ
ତୁମ ଆଗାମୀ ଜୀବନର ବାଟ ।

ପିଲା ମାନେ ଶୁଣ ମନଦେଇ
ପାଠ ପଢା ନୁହଁଇ ବୋଝ,
ପାଠ ପଢି ବଡ ମଣିଷ ହେବ
ଏଇ କଥାଟିକୁ ତୁମେ ବୁଝ ।


+ବଲାଙ୍ଗୀର




# ଖରା ମାରୁଛି ଟାଇଁ ଟାଇଁ

## ସୁନୀଲ କୁମାର ପ୍ରଧାନ



ଖରା ମାରୁଛି ଟାଇଁ ଟାଇଁ
ବାହାରକୁ ଜମା ଯିବା ନାହିଁ
କଳା ଚଷମା ପିନ୍ଧିବା ରହି ।

ଖରା ମାରୁଛି ଟାଇଁ ଟାଇଁ
ପାଦରେ ଜୋତା ମୁଣ୍ଡରେ ଛତା
ପାଣି ବୋତଲ ସାଥୀରେ ରହି ।

ଖରା ମାରୁଛି ଟାଇଁ ଟାଇଁ
ଖରା ପ୍ରକୋପ ବଢ଼ିଲେ ଭାଇ
ବସି ପଡିବ ଦେଖିକି ଛାଇ ।

ଖରା ମାରୁଛି ଟାଇଁ ଟାଇଁ
ଅଂଶୁଘାତରେ ଜୀବନ ପାଇଁ
ବୃକ୍ଷ ରୋପଣ କରିବା ନେଇ ।

ଖରା ମାରୁଛି ଟାଇଁ ଟାଇଁ
ପକ୍ଷୀ ମାନଙ୍କ ସୁରକ୍ଷା ପାଇଁ
ଗଛରେ ରଖିବା ପାଣି ନେଇ ।

ଖରା ମାରୁଛି ଟାଇଁ ଟାଇଁ
ଏହା ମହାନ କାମ ଅଟଇ
ଆନନ୍ଦ ହେବେ ଜଗତ ସାଇଁ ।


+ଝାଟିପଦର, ପାଲୁର ,ଗଂଜାମ
ମୋ - ୭୬୦୯୯୩୪୩୬୬


ବିଜ୍ଞାନ ଗବାକ୍ଷ-୨

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ଫାଷ୍ଟ ବ୍ରିଡର ରିଆକ୍ଟର ବିଦ୍ୟୁତ୍ ଶକ୍ତି ଉତ୍ପାଦନର ଏକ ଅନନ୍ୟ ଉପଲବ୍ଧି

ଏପ୍ରିଲ ମାସ ୬ ତାରିଖ, ୨୦୨୭ ପରମାଣୁ ଶକ୍ତି କ୍ଷେତ୍ରରେ ଭାରତ ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ହାସଲ କଲା। ତାମିଲନାଡୁର କଲ୍ପକମ୍‌ଠାରେ ଅବସ୍ଥିତ ପରିମାଣୁ ଶକ୍ତି ଗବେଷଣା କେନ୍ଦ୍ରରେ ଭାରତର ପ୍ରଥମ ଫାଷ୍ଟ ବ୍ରିଡର ରିଆକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥାରେ ପହଂଚିଥିଲା ଯାହା ଭାରତୀୟ ଶକ୍ତି ଗବେଷଣା ଓ ଉତ୍ପାଦନ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ସଫଳତା।



ଏହି ସଫଳତା ସଂପର୍କରେ ଆଲୋଚନା କରିବା ପୂର୍ବରୁ ଭାରତରେ ପରମାଣୁ ଶକ୍ତି ଗବେଷଣାର ପୃଷ୍ଠଭୂମି ଉପରେ ଆଲୋକପାତ କରାଯାଉ। ପରାଧୀନ ଭାରତରେ ମୌଳିକ ଗବେଷଣାର ଉନ୍ନତି ଯଥେଷ୍ଟ ହୋଇପାରିନଥିଲା। ଭାରତର ସ୍ୱାଧୀନତା ପରେ ବି ଦେଶର ଆର୍ଥିକ ପରିସ୍ଥିତି ଦେଶରେ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଲାଗି ଯଥେଷ୍ଟ ସୁଯୋଗ ସୃଷ୍ଟି କରିନଥିଲା। ସେହି ସମୟରେ କିନ୍ତୁ ଭାରତର ଦୁଇ ଜଣ ଯୋଗଜନ୍ମା ବୈଜ୍ଞାନିକ ଏପରି ଦୁଇଟି କ୍ଷେତ୍ରରେ ଧ୍ୟାନ କେନ୍ଦ୍ରିତ କରିଥିଲେ ଯାହା ସେ ସମୟରେ ବିଶ୍ୱ ବିଜ୍ଞାନ ଗବେଷଣାର ଚହଳ ପକାଇଥିଲା। ପ୍ରଥମଟି ଥିଲା ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ ଓ ଅନ୍ୟଟି ନିଶ୍ଚିତ ମହାକାଶ ଗବେଷଣା। ସେମାନେ ଥିଲେ ଡକ୍ଟର ହୋମି ଭାବା ଓ ଡକ୍ଟର ବିକ୍ରମ ସରାଭାଇ।

ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଣିଷକୁ ଦେଇଥିଲା ଦୁଇଟି ବରଦାନ ଯାହାର ବ୍ୟବହାର ଧ୍ୱଂସ ଓ ମଣିଷର ଉନ୍ନତି ଲାଗି କରାଯାଇପାରିବ। ଜର୍ମାନୀର ଭି-୨ ରକେଟ କେବଳ ବୋମା ବହିବାର କ୍ଷମତା ରଖିନଥିଲା। ଏହା ମଣିଷକୁ ମହାକାଶକୁ ନେବାର କ୍ଷମତା ରଖିଥିଲା। ସେହିପରି ଓଟୋ ହାନ୍, ଫିଜ୍ ଷ୍ଟ୍ରାସମାନ ଓ ଲିସେ ମୈତନରଙ୍କ ନାଭିକୀୟ ବିଖଣ୍ଡନ ଆବିଷ୍କାର ମଣିଷ ହାତରେ ଭୟଙ୍କର ପରମାଣୁ ବୋମା ଦେବା ସାଥେ ସାଥେ ଏ କଥା ବି ସୁନିଶ୍ଚିତ କରିଥିଲା ଯେ ନ୍ୟୁକ୍ଲୀୟ ବିଖଣ୍ଡନ ଓ ସଂଲୟନ ଭବିଷ୍ୟତରେ ମଣିଷକୁ ଶକ୍ତି ସଂକଟରୁ ବଂଚାଇପାରିବ।

ଭାରତୀୟ ବରପୁତ୍ର ବୈଜ୍ଞାନିକ ହୋମି ଜାହାଙ୍ଗୀର ଭାଭା ପରମାଣୁରେ ଲୁକ୍କାୟିତ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କରି ଭବିଷ୍ୟତରେ ଦେଶକୁ ଶକ୍ତି ସଂକଟରୁ ବଂଚାଇବାର କାମ ୧୯୫୪ ମସିହାରେ ଆରମ୍ଭ କରିଥିଲେ। ସୁଖର କଥା ଆଜି ଶାନ୍ତିପ୍ରିୟ ଭାରତ ହାତରେ ଶତ୍ରୁକୁ ଡରାଇବାକୁ ପରମାଣୁ ବୋମା ଅଛି ଓ ଶକ୍ତି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନାଭିକୀୟ ଶକ୍ତି କେନ୍ଦ୍ର ଅଛି।

ମେ ମାସ ୨୦୨୬ ମସିହା ସୁଦ୍ଧା ଭାରତରେ ସାତଟି ନ୍ୟୁକ୍ଲୀୟ ଶକ୍ତି କେନ୍ଦ୍ର ଅଛି ଯେଉଁଠି ୨୪ଟି ନ୍ୟୁକ୍ଲୀୟ ରିଆକ୍ଟର କାମ କରୁଛନ୍ତି। ତେବେ ଏ ଫାଷ୍ଟ ବ୍ରିଡର ରିଆକ୍ଟରର ବିଶେଷତ୍ୱ କ'ଣ? ଫାଷ୍ଟ ବ୍ରିଡର ରିଆକ୍ଟର ଯେତିକି ଇନ୍ଧନ (ୟୁରାନିୟମ- ୨୩୮) ବ୍ୟବହାର କରେ ତାଠାରୁ ଅଧିକ ଇନ୍ଧନ (ପ୍ଲୁଟୋନିୟମ-୨୩୯) ସୃଷ୍ଟି କରେ। ଏହାର ଅର୍ଥ ଗୋଟିଏ ରିଆକ୍ଟରକୁ ଅଧିକ ଇନ୍ଧନ ସୃଷ୍ଟିକରି ଅନ୍ୟ ରିଆକ୍ଟରଙ୍କୁ କାର୍ଯ୍ୟକ୍ଷମ କରିପାରିବ।

ଭାରତରେ ଯଥେଷ୍ଟ ଥୋରିୟମ୍ ଖଣିଜ ପଦାର୍ଥ ଉପଲବ୍ଧ। ଏହାକୁ ଏକ ନ୍ୟୁକ୍ଲୀୟ ରିଆକ୍ଟରର 'କୋର୍' ବା କେନ୍ଦ୍ରଭାଗର ଘୋଡ଼ଣି ଭାବରେ ରଖାଯାଇପାରିବ। ରିଆକ୍ଟରରେ ନ୍ୟୁକ୍ଲୀୟ ବିଖଣ୍ଡନ ପ୍ରକ୍ରିୟା ଆରମ୍ଭ ହେଲେ ଏଥିରୁ ନିର୍ଗତ ହେଉଥିବ ଦ୍ରୁତବେଗର ନ୍ୟୁଟ୍ରନ ଥୋରିୟମ - (୨୩୨) ନ୍ୟୁକ୍ଲୀୟ ସହିତ ପ୍ରତିକ୍ରିୟା କରି ୟୁରାନିୟମ- ୨୩୩ ପ୍ରସ୍ତୁତ କରିବ ଯାହା ଅନ୍ୟ ରିଆକ୍ଟରରେ ଇନ୍ଧନରୂପେ କାମ କରିବ। ତା ଅର୍ଥ ଗୋଟିଏ ରିଆକ୍ଟର ଭବିଷ୍ୟତରେ ବ୍ୟବହାର ହେବାକୁ ଥିବା ଇନ୍ଧନର ସୃଷ୍ଟି କରିବ।

ଭାରତକୁ ଅନେକ ବର୍ଷ ଲାଗିଛି ଫାଷ୍ଟ ବ୍ରିଡିଙ୍ଗ କୌଶଳକୁ ଆୟତ କରିବାକୁ। ଭାରତକୁ ଛାଡ଼ିଦେଲେ ପୃଥିବୀରେ ଋଷିଆ ହେଉଛି ଗୋଟିଏ ଦେଶ ଯାହା ପାଖରେ ଏହି କୌଶଳ ଉପଲବ୍ଧ। ଆଶା କରିବା, ଭାରତୀୟ ବୈଜ୍ଞାନିକମାନେ ଏହି ପ୍ରକ୍ରିୟାକୁ ଆଗକୁ ନେବେ ଓ ଶକ୍ତି କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବେ।


+ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮


# ବୁଦ୍ଧିମାନ ପିଲା କରେ ପୂର୍ବପ୍ରସ୍ତୁତି

## ଶୁଭନାରାୟଣ ଶତପଥୀ



ଅମିତ ଏକ କୁଇଜ ପ୍ରତିଯୋଗିତାରେ ଭାଗ ନେଇ ଫେଲ ହେବାପରେ ତାର ଜେଜେବାପା ତାକୁ ପାଖକୁ ଡାକି କହିଲେ । ଆରେ ଅମିତ ପୂର୍ବରୁ ପ୍ରସ୍ତୁତି ନଥିଲେ ଏମିତି ହୁଏ । ମୁଁ ତୋତେ ଆମ ଗାଁର ସନ୍ଦିପ ବିଷୟରେ କହୁଛି ଶୁଣ ।

ଭାରି ଗରିବ ପିଲାଟିଏ ସନ୍ଦିପ । ବାପା ମୂଲ ଲାଗି ତାକୁ ପାଠ ପଢାନ୍ତି । ପାଠ ଭଲ ପଢେ ସେ । ଏଥର ସନ୍ଦିପ ଭଲ ନମ୍ବର ରଖି ମ୍ୟାଟ୍ରିକ ପାଶ କରିଛି । ସବୁ ପିଲାମାନେ ଆଡମିଶନ ପ୍ରକ୍ରିୟା ପାଇଁ ସଜବାଜ ହେଲେଣି । ସନ୍ଦିପ ତାର ଆଡମିଶନ ପାଇଁ ପଞ୍ଜିକରଣ କରିବାକୁ ଗଲା । ଆଜିକାଲି ତ ସବୁ ଅନଲାଇନ୍ ହେଲାଣି । ସନ୍ଦିପ ତାର ପଞ୍ଜିକରଣ ଆରମ୍ଭ କଲାବେଳକୁ ଆଧାର କାର୍ଡରେ ଥିବା ମୋବାଇଲ ନମ୍ବରକୁ ଓଟିପିଟିଏ ଗଲା । ଓଟିପି ଦେଲେ ପଞ୍ଜିକରଣ ସଂପୂର୍ଣ୍ଣ ହେବ । କିନ୍ତୁ ଦେଖିଲା ବେଳକୁ ଆଧାର କାର୍ଡରେ ଯେଉଁ ମୋବାଇଲ ନମ୍ବର ଆଛି ତାହା ବହୁତଦିନଠାରୁ ଆଉ କାମ କରୁନି । ତେଣୁ ବର୍ତ୍ତମାନ ସନ୍ଦିପର ଆଧିର କାର୍ଡରେ ନୂଆ ମୋବାଇଲ ନମ୍ବର ସଂଯୁକ୍ତ ହେଲେ ଯାଇ ଆଡମିଶନ ପାଇଁ ପଞ୍ଜିକରଣ ସଂପୂର୍ଣ୍ଣର୍ ହେବ । ସେଥିପାଇଁ ସନ୍ଦିପ ତାର ବାପାଙ୍କୁ ଧରି ଆଧାରକେନ୍ଦ୍ର ଗଲା । ସେଠାରେ ମୋବାଇଲ ନମ୍ବରକୁ ଆଧାର କାର୍ଡରେ ଯୋଗ କରିବାକୁ ପ୍ରାୟ ପନ୍ଦରଦିନ ଲାଗିଗଲା । ତାପରେ ଯାଇ ଆଡମିଶନ ପାଇଁ ଅନଲାଇନ ପଞ୍ଜିକରଣ ସରିଲା । ପଞ୍ଜିକରଣ ସରିବାପରେ ଏବେ ଆଡମିଶନ ପାଇଁ ଆବେଦନ ଆରମ୍ଭ କଲା ସନ୍ଦିପ । ନିଜେ ଅନଲାଇନ୍ ଆବେଦନ ବିଷୟରେ ଏତେ ଭଲାଭାବରେ ଜାଣି ନଥିବାରୁ ବା ଆଗରୁ କେବେ କରିନଥିବାରୁ ଅନ୍ୟ ଜଣଙ୍କର ସାହାଯ୍ୟ ନେଉଥାଏ । ଅନ୍ୟଜଣେ ତାକୁ ସିନା ଆବେଦନରେ ସାହାଯ୍ୟ କଲେ, କିନ୍ତୁ ସନ୍ଦିପ ପାଖରେ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଆଦି ନଥାଏ । କେଉଁ କଲେଜ ବା କେଉଁ ବିଷୟଗୁଡିକ ଆବେଦନ କରିବ ତାହା ବିଷୟରେ ଜାଣିନଥାଏ କି ଏଥିପାଇଁ ପୂର୍ବପ୍ରସ୍ତୁତି କରିନଥାଏ । ତେଣୁ ଆବେଦନ ବେଳେ ସନ୍ଦିପ ଭାରି ହାଇରାଣ ହରକତ ହେଲା । ଆବେଦନ ସଂପୂର୍ଣ୍ଣ କରିବାପାଇଁ ବାରମ୍ବାର ଦୌଡିବାକୁ ପଡିଲା । ସବୁ କାଗଜପତ୍ର ଯୋଗାଡ କରି ଆବେଦନ ଶେଷ କଲା । କିନ୍ତୁ ପରେ ବିଷୟ ଚଏସ ଲକିଂ, ସ୍ଲାଇଡିଂ ଅପ ଆଦି ଅନଲାଇନ ଅପଡେଟସ୍ ସବୁ ସମସ୍ୟା ଆସିଲା । ଯେହେତୁ ଏ ପ୍ରକ୍ରିୟା ସନ୍ଦିପ ଭଳି ପିଲାମାନଙ୍କ ପାଇଁ ନୂଆ, ସେମାନେ ସମସ୍ତେ ଏମିତି ହଇରାଣ ହରକତ ହେଲେ । ବାରମ୍ବାର କଣ କରିବେ ବୋଲି ଦ୍ୱନ୍ଦରେ ପଡୁଥିଲେ । କଲେଜ, କଟଅଫ୍,



ପସନ୍ଦର ବିଷୟ ଆଦି ସମ୍ବନ୍ଧରେ ଜ୍ଞାନ ରଖିନଥିବାରୁ ସେ କମ୍ପ୍ୟୁଟର ଅପରେଟର ଯାହା କହୁଥିଲେ ସେମିତି କଲେ । ବଡ କଷ୍ଟରେ ଏସବୁ ସରିଲା । ଶେଷରେ ସନ୍ଦିପର ଗୋଟିଏ କଲେଜରେ ଆଡମିଶନ ହେଲା । ଜଣାପଡିଲା ଆବେଦନ ସଠିକ ଭାବରେ କରିପାରିନଥିବାରୁ ସନ୍ଦିପ ତାର ପସନ୍ଦ ମୁତାବକ କଲେଜ ପାଇପାରିନଥିଲା । ସନ୍ଦିପ ଓ ତାର ସାଙ୍ଗମାନେ କହୁଥିଲେ ଆମେମାନେ ଯଦି ପୂର୍ବପ୍ରସ୍ତୁତି କରିଥାନ୍ତୁ ବା ଫରୀକ୍ଷା ଫଳ ବାହାରିବା ପୁର୍ବରୁ ଆବେଦନ ପ୍ରକ୍ରିୟା ବିଷୟରେ ସବୁ ଟିକନିଖ ବୁଝିଥାନ୍ତୁ, ତେବେ ଏମିତି ଅସୁବିଧାର ସାମ୍ନା କରିନଥାନ୍ତୁ ।

ଏବେ ଜେଜେ କହିଲେ ବୁଝିଲୁ ଆମିତ । ସନ୍ଦିପ ବି ତୋ ଭଳି ପୂର୍ବପ୍ରସ୍ତୁତି କରିପାରିନଥିବାରୁ ହାଇରାଣ ହେଲା । ଏଣୁ ସବୁ କାମ ପୁର୍ବରୁ ପୂର୍ବପ୍ରସ୍ତୁତି କରିବା ହେଉଛି ବୁଦ୍ଧିମାନ ପିଲାର କାମ ।


+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୩୮୪୩୨୦୨୩

# ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ



ରେମୁଣା, ୧୫/୦୫ (ନି.ପ୍ର): ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଅଛି । ମଣ୍ଡଳ ସଭାପତି ଉମାକାନ୍ତ ଜେନା ଏବଂ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ଉପସଭାପତି ସୁକୁମାର ଦାସ, ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରି ମା' ମାନଙ୍କ ଅଧିକାରରେ କଣ୍ଟା ସାଜିଥିବା ଉଭୟ ବିରୋଧୀ ଦଳ ବିଜେଡ଼ି ଓ କଂଗ୍ରେସ ଙ୍କୁ ବିରୋଧ ଉଦ୍ଦେଶ୍ୟରେ ଆୟୋଜିତ ଏହି ପଦଯାତ୍ରା ସରସ୍ୱତୀପୁର ପଞ୍ଚାୟତର ସମଲପୁର ଶିବ ମନ୍ଦିର ଠାରୁ ଆରମ୍ଭ ହୋଇ ନୂଆସାହି ଛକ ବାସନ୍ତୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିରୋଧୀ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ, ବିଜେଡିର ନବୀନ ପଟ୍ଟନାୟକଙ୍କ ସମେତ ମମତା ବାନାର୍ଜୀ ଙ୍କ କୋଷପୋଉଳିକା ଦାହ କରାଯାଇଥିଲା।

ଆମ ସମାଜରେ ସର୍ବଦା ନାରୀ ପୂଜନ ଓ ନାରୀ ବନ୍ଦନର ବାର୍ତ୍ତା ଦେବା, ପ୍ରକୃତିକୁ ମା'ର ସ୍ଥାନ ଦେବା ଏବଂ ରାଷ୍ଟ୍ରକୁ ମାତା ବୋଲି ସମ୍ବୋଧନ କରାଯାଉଥିବା ବେଳେ ଦେଶର ସରକାର ବିରୋଧୀ ରାଜନୈତିକ ଦଳ ମାନଙ୍କ ମାତୃ ବିରୋଧୀ ଆଚରଣ ଅତ୍ୟନ୍ତ ନିନ୍ଦନୀୟ। ଆଜି ସେହି ନାରୀବିରୋଧୀ ଦଳ ବିରୁଦ୍ଧରେ ସାରା ଦେଶର ନାରୀଶକ୍ତି ଜାଗ୍ରତ ହୋଇଛନ୍ତି । ସେମାନଙ୍କ ଏହି ମହିଳା ବିରୋଧୀ ଆଚରଣ ପାଇଁ ରାଜ୍ୟ ତଥା ଦେଶର ମା-ଭଉଣୀମାନେ ସେମାନଙ୍କୁ କେବେ ବି କ୍ଷମା ଦେବେ ନାହିଁ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସାଧାରଣ ସମ୍ପାଦକ କମଳ ଲୋଚନ ପ୍ରଧାନ, ବିପିନ ମାରାଣ୍ଡି, ସରପଞ୍ଚ ଝରଣା ମହାନ୍ତି, ରମା ମଣୀ ସେନାପତି, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ମିନାକ୍ଷୀ ମହାପାତ୍ର, ଅଜୟ ଦାସ, ଗଜେନ୍ଦ୍ର ସେଠୀ, କାର୍ତ୍ତିକ ମହାନ୍ତି, ବିଜୟ କୁମାର ପଲେଇ, ରଶ୍ମି ରଞ୍ଜନ ରାଉତ, ମାନସ କୁମାର ପଣ୍ଡା, ବାସନ୍ତୀ ଦାସ, ଚନ୍ଦ୍ରମଣି ମହାପାତ୍ର ଇତ୍ୟାଦି ଉପସ୍ଥିତ ଥିଲେ।

# ଧାମନଗରକୁ ଜବରଦଖଲ ମୁକ୍ତ କରିବାକୁ ନୂଆ ତହସିଲଦାରଙ୍କ ପ୍ରତିଶ୍ରୁତି: ଯାତାୟାତରେ ହେବନି ଅସୁବିଧା

ଭଦ୍ରକ, ୧୫/୦୫ (ନି.ପ୍ର): ଏହି ଜିଲାର ଧାମନଗର ତହସିଲ ଅଂଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଆଇନ ଜବରଦଖଲ ଏବେ ସାଧାରଣ ଜନତାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଜନସଂଖ୍ୟା ଏବଂ ଗାଡ଼ି ମଟର ସଂଖ୍ୟା ବଢୁଥିବା ବେଳେ ଜବରଦଖଲ ଯୋଗୁଁ ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଏହି ଗମ୍ଭୀର ସମସ୍ୟାକୁ ନେଇ ଗୁରୁବାର ଦିନ ଧାମନଗର ଅଂଚଳର କାର୍ଯ୍ୟରତ ସାମ୍ବାଦିକମାନେ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।ସୂଚନା ଅନୁଯାୟୀ, ଧାମନଗର ତହସିଲ ଅନ୍ତର୍ଗତ ଧାମନଗର, ଦୋବଲ, ଧୁଷୁରୀ ଓ ଅଶୁରାଳୀ ଜୋନ ସମେତ ଭଗବାନପୁର, ମୁସ୍ତାଫାପୁର, ଖଡ଼ିପଦା, ଶୋହଡ଼ା, ନଦିଗାଁ ଏବଂ ଭଟଶାହି ପରି ପଂଚାୟତଗୁଡ଼ିକରେ ପାଖାପାଖି ୫ ଶହ ଏକର ସରକାରୀ ଗୋଚର ଓ ଅନାବାଦୀ ଜମି ଜବରଦଖଲକାରୀଙ୍କ କବଜାରେ ରହିଛି। ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହି ସରକାରୀ ଜାଗାରେ ଦୋକାନ ଗୃହ ଓ ଘର ନିର୍ମାଣ କରି ଭଡ଼ାରେ ଲଗାଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି ।ବିଶେଷ କରି ଧାମନଗର ବଡ଼ ବଜାର ଓ ଦୋବଲ ବଜାରରେ ଜବରଦଖଲ ଏତେ ମାତ୍ରାରେ ବଢିଛି ଯେ ରାସ୍ତାରେ ଯିବା ଆସିବା କରିବା ସାଧାରଣ ଲୋକଙ୍କ ପାଇଁ ଦୁର୍ବିସହ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ସୁଧାକର ଦାଶ, ପ୍ରଦୀପ କୁମାର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ସଞ୍ଜିବ କୁମାର ମହାନ୍ତି, ସୁଦୀପ୍ତ ଖଟୁଆ ଓ ଗୌରାଙ୍ଗ ଦାସ ପ୍ରମୁଖ ତହସିଲଦାର ଜ୍ଞାନରଞ୍ଜନ ଦାସଙ୍କୁ ଭେଟି ଏହି ସମସ୍ୟା ବାବଦରେ ଅବଗତ କରାଇଥିଲେ। ଅଂଚଳକୁ ଜବରଦଖଲ ମୁକ୍ତ କରିବା ସହ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ସାମ୍ବାଦିକମାନେ ଦାବି କରିଛନ୍ତି। ତହସିଲଦାର ଶ୍ରୀ ଦାସ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଖୁବଶୀଘ୍ର ଧାମନଗର ଅଂଚଳକୁ ଜବରଦଖଲ ମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ,ଏଥିରେ ସାଧାରଣ ଲୋକଙ୍କ ସହ ଯୋଗ ରହିବା ଦରକାର ବୋଲି ତହସିଲଦାର ଶ୍ରୀ ଦାସ କହିଛନ୍ତି ।ପ୍ରଶାସନର ଏହି ଆଶ୍ୱାସନା ପରେ ଅଂଚଳବାସୀଙ୍କ ମଧ୍ୟରେ ସରକାରୀ ଜମି ଉଦ୍ଧାର ନେଇ ଆଶା ସଂଚାର ହୋଇଛି।

# ଡେଲାଙ୍ଗରେ ବୋମାମାଡ଼, ଫୁଟିଲା ଗୁଳି : ୩ ଆହତ

ପୁରୀ/ପିପିଲି, ୧୫/୦୫ (ନି.ପ୍ର): ପୁରୀ ଜିଲ୍ଲା ଡେଲାଙ୍ଗରେ ବେଆଇନ ପଥର ଖଣି ବିବାଦକୁ କେନ୍ଦ୍ର କରି ଗୁଳି ଫୁଟିବା ସହ ବୋମା ମାଡ଼ ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି । ଡେଲାଙ୍ଗ ଥାନା ଅନ୍ତର୍ଗତ ହରିପୁର କଲେଜ ନିକଟ ଏକ ଫାର୍ମ ହାଉସ ଆଗରେ ବୋମାମାଡ଼ ସହ ଗାଡି ଭଙ୍ଗାରୁଜା ହୋଇଛି । ଗତକାଲି ବିଳମ୍ବିତ ରାତିରେ ଏହି ଘଟିଛି ଘଟଣା । ବୋମାମାଡ଼ରେ ୩ ଜଣ ଆହତ ହୋଇଛନ୍ତି । ବେଆଇନ ଖଣି ଖୋଳା ଏବଂ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଫାର୍ମ ହାଉସରେ କିଛି ଯୁବକ ରୋଷେଇ କରୁଥିବା ବେଳେ ଗତକାଲି ରାତି ପ୍ରାୟ ୧୧ଟା ୩୦ ମିନିଟ ସମୟରେ କେତେକ ଦୁର୍ବୃତ୍ତ ଆସି ଫାର୍ମ ହାଉସ ଆଗରେ ୩ଟି ବୋମାମାଡ଼ କରିବା ସହ ଗୁଳି ଫୁଟାଇଥିଲେ । ଗୋଟିଏ ବୋମା ଫୁଟିଥିବା ବେଳେ ଦୁଇଟି ଫୁଟି ନଥିଲା । ଅଫୁଟା ବୋମା ଘଟଣାସ୍ଥଳରେ ପଡ଼ିଛି ।

# ଦେଶି ମଦ ଚାଲାଣ ବେଳେ ଚଢଉ: ୩ ଗିରଫ

ଜୟପୁର, ୧୫/୦୫ (ନି.ପ୍ର): ଦେଶି ଓ ଭାଟି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାଯ୍ୟାଳୟ ତରଫରୁ ଆଜି ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ତିନି ଅଭିଯୁକ୍ତ ହେଲେ ତେଲିପୁଟ ଗ୍ରାମର ରାଜୁ ରନ୍ଧାରି, ମୁଳାସର ଗ୍ରାମର ଧବି ହରିଜନ ବୋରିଗୁମ୍ମାର ଉପେନ୍ଦ୍ର ପ୍ରସାଦ । ସୂଚନା ଅନୁଯାୟୀ ଦେଶି ଓ ଭାଟି ମଦ ବାଇକରେ ଚାଲାଣ ବେଳେ ଜୟପୁର ଅବକାରି ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ କୁମୁଲିପୁଟ, ଟାଙ୍କୁଗୁଡା ଓ ପୁଟ୍ରା ରେ ଚଢଉ କରିଛି । ଚଢଉ କରି ୩ଟି ବାଇକ, ୪୨ ଲିଟର ଦେଶି ମଦ ଓ ୧୬ ଲିଟର ଭାଟି ମଦ ଜବତ କରିଛି । ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଅଜୟ କୁମାର ନାୟକ, ଅବକାରି ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି ।

# ନୀଳଗିରି ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ



ନୀଳଗିରି, ୧୫/୦୫ (ନି.ପ୍ର): ଶୁକ୍ରବାର ପୂର୍ବାହ୍ନ ଘ.୧୦ଟାକା ସମୟରେ ସ୍ଥାନୀୟ ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ନୀଳଗିରି ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ନିର୍ବାଚନ ମଣ୍ଡଳୀର ୩ଗୋଟି ବ୍ଲକରେ ସରକାରଙ୍କ ବିଭିନ୍ନବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି, ଅଗ୍ରଗତି, ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ସ୍ଥିତିଉପରେ ସମୀକ୍ଷା କରିଥିଲେ। ନୀଳଗିରି ସମେତ ଅନ୍ୟ ଦୁଇ ବ୍ଲକ୍ ଔପଦା,ବାହାନଗା ଠାରେ ଜନସ୍ୱାସ୍ଥ୍ୟ ବିଭାଗପକ୍ଷରୁ ରୋଗୀମାନଙ୍କ ଚିକିତ୍ସାପାଇଁ ଡାକ୍ତର ନିଯୁକ୍ତି ସମେତ ବିଭିନ୍ନ ଅଭାବ ,ଅସୁବିଧା ଏବଂ ସମସ୍ୟା ଉପରେ ବିହିତ ପଦକ୍ଷେପ ସହିତ ଗ୍ରାମ୍ୟଉନ୍ନୟନ ବିଭାଗ ଏବଂ ରାସ୍ତା ଓ ଗୃହନିର୍ମାଣ ବିଭାଗ ଦ୍ୱାରା ରାସ୍ତା, ଘାଟ, ପୋଲ, କୋଠାବାଡ଼ି ଏବଂ ନୂତନ ଭାବେ ନିର୍ମାଣହେବାକୁ ଥିବା ବିଭିନ୍ନ କାର୍ଯ୍ୟ, କ୍ଷୁଦ୍ର ଜଳସେଚନ ବିଭାଗ,ଡ୍ରେନେଜ ବ୍ୟବସ୍ଥା, ପାନୀୟ ଜଳ ପ୍ରକଳ୍ପ ଗୁଡିକର ସ୍ଥିତାବସ୍ଥା, ଟି ପି ଏନ୍ ଓ ଡି ଏଲ୍ ଦ୍ୱାରା ନୂତନ ଗ୍ରିଡ୍ ନିମନ୍ତେ ପ୍ରସ୍ତାବ,ସୋଲାର ପମ୍ପ ଜରିଆରେ ଟ୍ୟୁବୱେଲ ପରିଚାଳନା ପ୍ରସ୍ତାବ ସହ ସରକାରଙ୍କ ପକ୍ଷରୁ ସୋଲାର ପାୱାର ରିହାତି ସଂପର୍କରେ ଜନସଚେତନତା ସୃଷ୍ଟିପାଇଁ ପ୍ରଚାର କରାଯିବା ,ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମକରିବା ସହିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ବିଭିନ୍ନ ଯୋଜନା,ଶିକ୍ଷା, ସାମାଜିକ ସଶକ୍ତି କରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ,ଖଣିଜପଦାର୍ଥ ଏବଂ ଜଙ୍ଗଲ ସୁରକ୍ଷା,ଖାଉଟି ସୁରକ୍ଷା କ୍ଷେତ୍ରରେ ୫୦୦୦ ହିତାଧିକାରୀଙ୍କର ଇ- କେୱାଇସି ହୋଇନଥିବା ଉପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ଉଦବେଗ ପ୍ରକାଶ କରିଥିବା ବେଳେ ନୂତନଭାବେ କେତେ ସଂଖ୍ୟକ ହିତାଧିକାରୀ ଜାତୀୟ ଖାଦ୍ୟସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ସେ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏତଦଭିନ୍ନ କୃଷି ଓ ଉଦ୍ୟାନକୃଷି କ୍ଷେତ୍ରରେ ଧନିଚା ଏବଂ ଭର୍ମି କମ୍ପୋଷ୍ଟ ପାଇଁ ଉଭୟ ପାଇଲଟ ପ୍ରୋଜେକ୍ଟ ହାତକୁନେଇ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ ।ଏହି ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ସହିତ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ଉପାଧକ୍ଷା ଶ୍ରୀଯୁକ୍ତ ଜ୍ୟୋତିର୍ମୟ ପୋଥାଳ,ବାହାନଗା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଯୁକ୍ତ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ଶ୍ରୀମତୀ ସୋନମ ଦାସ, ଏନ୍. ଏ.ସି.ଭାରପ୍ରାପ୍ତ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା,ଏସ.ଡି. ସି. ଉପାଧକ୍ଷା ଶ୍ରୀମତୀ ଝରଣା ସିଂ, ଜିଲ୍ଲାପରିଷଦ ସଦସ୍ୟ ଶ୍ରୀଯୁକ୍ତ ଗତିକୃଷ୍ଣ ନନ୍ଦ,ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଏବଂ ଗଣମାଧମ ପ୍ରତିନିଧି ଯୋଗଦେଇଥିଲେ।


# ଆହତ ବିଦ୍ୟୁତ ବିଭାଗର ଠିକା ଶ୍ରମିକଙ୍କୁ ନେଇ ତେଜିଲା ଆନ୍ଦୋଳନ

ଭଦ୍ରକ, ୧୫/୦୫ (ନି.ପ୍ର): ଓଡ଼ିଆ ର ଶକ୍ତି ବିଭାଗ କୁ ନିଜ ଅଧିନ ରେ ଟାଟା ପାୱାର ନେବା ପରେ ବଢିଛି ତାର ମନମାନି ।କିଛି ବଡ଼ ବଡିଆ ଅଧିକାରୀ ଙ୍କୁ ନିଯୁକ୍ତି ଦେଇ ଟାଟା ପାୱାର ସବୁ କିଛି ଟେକି ଦେଇଛି ଠିକା ସଂସ୍ଥା ଉପରେ। କିଏ ମଲେ କେତେ ଗଲେ କେତେ ତାର ହିସାବ ନାହିଁ ଓଡ଼ିଶା ବିଦ୍ୟୁତ ବିଭାଗ ର ହର୍ତାକର୍ତା ବୋଲାଉ ଥିବା ଟିପିଏନଓଡିଏଲ୍ ପାଖରେ । ସ୍ଥାୟୀ କର୍ମଚାରୀ ନିଯୁକ୍ତି ପରିବର୍ତେ ଅସ୍ଥାୟୀ କର୍ମଚାରୀ ଙ୍କୁ ଏଜେନ୍ସି ମାଧ୍ୟମରେ ରଖି ଟାଟା ପାୱାର ମାଲେମାଲ୍ ହେଉଥିବା ବେଳେ କିପରି ବଳି ପଡୁଛନ୍ତି ଠିକା କର୍ମଚାରୀ ତାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ଧାମରା ଗ୍ରୀଡ୍ ଅଧିନ ରେ ଥିବା ବିଦେଇପୁର ସବ୍ ଷ୍ଟେସନ ରେ। ସୂଚନା ମୁତାବକ ଏପ୍ରିଲ ମାସ କୋଡ଼ିଏ ତାରିଖ ରାତି ଏଗାର ଟା ସମୟରେ ବାସୁଦେବ ପୁର ବ୍ଲକ୍ କରଞ୍ଜ ଆଡିଆ ଗ୍ରାମ ର ଜୈନିକ ଯୁବକ ସହଦେବ ତରାଇ ଯିଏ କି ଜଣେ ଠିକା କର୍ମଚାରୀ ଙ୍କୁ ୧୧ କେଭିରେ ତୃଟି ଥିବାରୁ ବିଦେଇପୁର ସବ୍ ଷ୍ଟେସନ ର ସୁପର ଭାଇଜର ଅଜୟ କୁମାର ପୁହାଣ ଫୋନ୍ କରି ତାଙ୍କୁ ଖୁଣ୍ଟି ଉପରକୁ ଚଢ଼ାଇବା ପାଇଁ ବାଧ କରାଇଥିଲେ। ବିଦ୍ୟୁତ୍ ବିଭାଗ ର ସ୍ଥାୟୀ କର୍ମଚାରୀ ମାନେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟ ରେ ନିଜକୁ ଅନୁପସ୍ଥିତ ରଖି ଠିକା କର୍ମଚାରୀ ଙ୍କୁ ଖୁଂଟି ଉପରକୁ ଚଢାଇବା ବେଳେ ବେପରୁଆ ଭାବେ ସଟ ଡାଉନ୍ ମଧ ନେଇ ନଥିଲେ। ଫଳରେ ଖୁଣ୍ଟି ଉପରେ ଚଢି ବିଦ୍ୟୁତ ତାର ସଜାଡ଼ିବାକୁ ଯାଇଥିବା ସହଦେବ ତରାଇ ଆସିଥିଲେ ବିଦ୍ୟୁତ ସଂସ୍ପର୍ଶରେ। ବିଦ୍ୟୁତ୍ ଆଘାତ ପାଇବା ସହ ତାଙ୍କ ବାମ ହାତ ସମ୍ପୁର୍ଣ୍ଣ ଜଳିଯାଇଥିଲା। ଏବେସେ ମରଣ ମୁହଁରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ହାତ ବାନ୍ଧି ବସିଛି ଟାଟା ପାୱାର ଅଧିନ ରେ ଥିବା ବିଦ୍ୟୁତ ବିଭାଗ। ଘଟଣା ଘଟିବାର ଦୀର୍ଘ ଛବିଶ ଦିନ ଘଟିଯାଇଥିଲେ ମଧ ସହାୟତା ତ ଦୂରର କଥା ସାଧାରଣ ସମବେଦନା ଉଚିତ୍ ମନେ କରିନାହିଁ ଟାଟା ପାୱାର କର୍ତୃପକ୍ଷ ।ଏ ନେଇ ସ୍ଥାନୀୟ ଅଂଚଳରେ ତିବ୍ର ଉତେଜନା ସହ ଧାରଣା ବସିଛନ୍ତି ବିଦେଇପୁର ସବ୍ ଷ୍ଟେସନ ଆଗରେ ଗ୍ରାମବାସୀ। ଏବେ ଦେଖିବାକୁ ବାକି ରହିଲା ଅଭାବି ପରିବାର ର ଠିକା କର୍ମଚାରୀ ସହଦେବ ତରାଇ ଙ୍କୁ ଆର୍ଥିକ ସହାୟତା ସହ ରାତି ଏଗାର ଟା ବେଳେ ତାଙ୍କୁ ବିପଦ ପୂର୍ଣ୍ଣ ବିଦ୍ୟୁତ ଖୁଂଟ ରେ ଚଢ଼ାଇଥିବା ଅଧିକାରୀ ମାନଙ୍କ ଉପରେ ଦଣ୍ଡ ମିଳିବ କେବେ।

# ଠିଡିକାଯୋର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ, ୧୪ ମେ (ହି.ସ.) ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ସ୍ଥିତ ଠିଡିକାଯୋର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥ ମହୋତ୍ସବ କମିଟି ସଭାପତି ତହସିଲଦାର ତଥା ଦେବୋତର ଅଧିକାରୀ ବଳଦେବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଗ୍ନିଶମ କର୍ମଚାରୀ ଚିତରଞ୍ଜନ ମାହାର, କନିଷ୍ଠ ଯନ୍ତ୍ରୀ ବିଦ୍ୟୁତବିଭାଗ ସ୍ୱାସ୍ତିକ ପଲେଇ,ଜିପିଡିଓ ଜିତେନ୍ଦ୍ର କୁମାର ମିଶ୍ର, ପୁରୁଣାକଟକ ଫରେଷ୍ଟର ସୁଶାନ୍ତ କୁମାର ସାହୁ, ବାଣୀଭୂଷଣପୁର ସରପଂଚ ସୌଦାମିନି ମଲ୍ଲିକ , ୱାର୍ଡମେମ୍ୱର ମାନଙ୍କ ସହିତ ଡ୍ରାଇଭର ମହାସଂଘ ,ଗ୍ରାମକମିଟି ର ସଭ୍ୟ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ରଥଯାତ୍ରା କମିଟି ସମ୍ପାଦକ ବାମଦେବ ଦାଶ ଗତବର୍ଷର ଆୟବ୍ୟୟ ହିସାବପ୍ରଦାନ ସହ ଚଳିତବର୍ଷ ପାଇଁ ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ଏସଏମଏସ -୨ ବିଭାଗରେ କନଭର୍ଟର ଲାଇନିଂ ଲାଇଫ୍‌ରେ ନୂତନ ରେକର୍ଡ



ରାଉରକେଲା, ୧୫/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ୍- ୨ (ଏସଏମଏସ -୨) ମଇ ୧୨ ତାରିଖରେ ଏକ ପ୍ରମୁଖ ରେକର୍ଡ ହାସଲ କରିଛି। ବିଭାଗର କନଭର୍ଟର 'ବି' , ୭,୮୯୦ ହିଟ୍ସ ର ଲାଇନିଂ ଲାଇଫ୍ ହାସଲ କରି ମଇ ୨୦୨୫ରେ ହାସଲ ହୋଇଥିବା ପୂର୍ବ ସର୍ବୋତ୍ତମ ୭,୬୮୫ ହିଟ୍ସକୁ ଅତିକ୍ରମ କରିଛି। ଆର .ଏଚ.ଆଇ ମାଗ୍ନେସିଆ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ରି-ଲାଇନ୍ ଏବଂ ରକ୍ଷଣାବେକ୍ଷଣ କରାଯାଇଥିବା ଏହି କନଭର୍ଟରଟି ୧୯ ମଇ, ୨୦୨୫ ରୁ ଲଗାତାର ୩୫୮ ଦିନ ଧରି କାର୍ଯ୍ୟକ୍ଷମ ରହିଥିଲା। କନଭର୍ଟର ଲାଇନିଂ ଲାଇଫ୍‌ରେ ଏହି ଉଲ୍ଲେଖନୀୟ ଉନ୍ନତି କଠୋର ପ୍ରକ୍ରିୟା ନିୟନ୍ତ୍ରଣ, ବୈଜ୍ଞାନିକ ରିଫ୍ରାକ୍ଟୋରୀ ପରିଚାଳନା ପଦ୍ଧତି ଏବଂ କନଭର୍ଟର କାର୍ଯ୍ୟ ସମୟରେ ମାନକ ପରିଚାଳନା ପ୍ରଣାଳୀର ନିରନ୍ତର ଅନୁପାଳନ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ସଫଳତା ସମଗ୍ର ଏସଏମଏସ -୨ ସମୂହର କାର୍ଯ୍ୟ ଉତ୍କର୍ଷତା, ବୈଷୟିକ ଦକ୍ଷତା ଏବଂ ସମର୍ପିତ ଦଳଗତ କାର୍ଯ୍ୟକୁ ଦର୍ଶାଏ, ଯେଉଁଥିରେ ଅପରେଟିଂ କ୍ରୁ, ବ୍ଲୋଅର୍ସ, ଲାନ୍ସ ଅପରେଟର ଏବଂ ସିଫ୍ଟ କର୍ମଚାରୀମାନେ ଅନ୍ତର୍ଭୁକ୍ତ। ଏହି ସଫଳତା ପାଇଁ ଅନେକ ପ୍ରମୁଖ କାର୍ଯ୍ୟ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି, ଯେଉଁଥିରେ ଅପ୍ଟିମାଇଜଡ ବ୍ଲୋଇଂ ଅଭ୍ୟାସ, ଲେଜର ସ୍କାନର ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର, ଉନ୍ନତ ସ୍ଲାଗ୍ ରେଜିମ୍ ମ୍ୟାନେଜମେଣ୍ଟ, ସଠିକ୍ ଏଣ୍ଡ-ପଏଣ୍ଟ କଣ୍ଟ୍ରୋଲ୍ ଏବଂ ରିଫ୍ରାକ୍ଟୋରୀ ଲାଇନିଂର ସମୟାନୁବର୍ତ୍ତୀ ଗନିଂ ଓ ପ୍ୟାଚିଂ ଅନ୍ତର୍ଭୁକ୍ତ। ଏରିଆ ଇନଚାର୍ଜ ଏବଂ ସିଫ୍ଟ ଇନଚାର୍ଜଙ୍କ ଦ୍ୱାରା ଥର୍ମାଲ ଲୋଡ୍, ବାଥ୍ ଏଜିଟେସନ ଏବଂ ସ୍ଲାଗ୍ କେମିଷ୍ଟ୍ରିର ନିରନ୍ତର ନିରୀକ୍ଷଣ ସହିତ ହଟ୍ ମେଟାଲ୍ ଏବଂ ସ୍କ୍ରାପ୍ ଗୁଣବତ୍ତା ଉପରେ ଶୃଙ୍ଖଳିତ ନିୟନ୍ତ୍ରଣ, ସ୍ଥାନୀୟ କ୍ଷୟ କୁ କମ କରିବାରେ ଏବଂ କନଭର୍ଟରର କାର୍ଯ୍ୟକାଳ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସଫଳତା ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ବିଭାଗ ଏବଂ ଅପରେସନ୍ସ, ମେକାନିକାଲ୍ ମେଣ୍ଟେନାନ୍ସ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଏବଂ ଏସଏମଏସ -୨ ର ଆର.ସି.ଏଲ. ଟିମ୍ ମଧ୍ୟରେ ନିବିଡ଼ ସମନ୍ୱୟ ଏବଂ ମିଳିତ ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରେ, ଯାହା ସମଗ୍ର ଅଭିଯାନ ଅବଧିରେ ସ୍ଥିର ଏବଂ ନିରନ୍ତର କନଭର୍ଟର ପ୍ରଦର୍ଶନକୁ ସୁନିଶ୍ଚିତ କରିଛି। ସିଜିଏମ (ଫ୍ଲକ୍ସ ଏବଂ ରିଫ୍ରାକ୍ଟୋରୀ) ଶ୍ରୀ ଏସ୍. ଏସ୍. ପଣ୍ଡା ଏବଂ ସିଜିଏମ (ଏସଏମଏସ -୨) ଶ୍ରୀ ଏମ୍. ଜି. ଶ୍ରୀକାନ୍ତଙ୍କ ସାମଗ୍ରିକ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରାଯାଇଛି। ହାସଲ ହୋଇଥିବା ଏହି କନଭର୍ଟର, ଲାଇନିଂ ଲାଇଫ୍ ୬,୦୦୦ ହିଟ୍ସର ଗ୍ୟାରେଣ୍ଟି ଦିଆଯାଇଥିବା ଲାଇନିଂ ଲାଇଫ୍‌କୁ ଯଥେଷ୍ଟ ଅତିକ୍ରମ କରିଛି, ଯାହା ଫଳରେ ପ୍ରାୟ ୧.୫ କୋଟି ଟଙ୍କାର ସିଧାସଳଖ ସଞ୍ଚୟ ଆକଳନ କରାଯାଇଛି। କନଭର୍ଟର 'ବି' ର ଏହି ସମ୍ପ୍ରସାରିତ କାର୍ଯ୍ୟକାଳ ଏସଏମଏସ -୨ ର କନଭର୍ଟର ଉପଲବ୍ଧତା, ଉଚ୍ଚ ଉତ୍ପାଦନ କ୍ଷମତା ଏବଂ ସାମଗ୍ରିକ ବ୍ୟୟ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଛି।

**AFFIDAVIT**

By virtue of an affidavit before the executive Magistrate Betonoti, I, Pravakara Sing formely called Praha Singh S/o late Sukura SIng premanent resident of At-Sribatsapur, Po- Balka, P.s.- Baisinga, Dist-Mayurbhanj, Pin-757082, Odisha currently residing At-Sribatsapur, Po- Balka, P.s.- Baisinga, Dist-Mayurbhanj, Pin-757082 declare that I wholly renounce relinquish and abandon the use of my former name of Praha SIngh and in place thereof assume the name of Pravakara SIng. Hereafter, I will be known as Pravakara Sing and known, called, distinguished not by my former name of Praha singh but by my assumed name of Pravakara Sing.

Pravakara Sing

# ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହେବ



ରାଉରକେଲା, ୧୫/୦୫ (ନି.ପ୍ର): ଯୁଗ ପ୍ରବର୍ତ୍ତକ ସାହିତ୍ୟିକ ମହାନାୟକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ ଅବସରରେ, ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ରାଉରକେଲା ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.) ପକ୍ଷରୁ ମଇ ୧୭ ତାରିଖ ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ଭଞ୍ଜ ଭବନ ପ୍ରେକ୍ଷାଳୟଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏହି ଅବସରରେ ଆର.ଏସ.ପି.ର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଭଞ୍ଜ ସାହିତ୍ୟର ବିଶିଷ୍ଟ ପଣ୍ଡିତ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟିକ ସମ୍ପଦ ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିବେ। ଏହି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ହେଉଛି ପ୍ରତିଷ୍ଠିତ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା କବି ସମ୍ରାଟଙ୍କ ରଚିତ ସଙ୍ଗୀତ ଗାନ। ଏଥିସହ ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ତାଙ୍କ କବିତା ଉପରେ ଆଧାରିତ ଏକ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଏହି ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ଏବଂ ଆବୃତ୍ତି ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ, ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ୧୭ ତାରିଖ ସକାଳେ ଅନୁଷ୍ଠିତ ହେବ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ବଡ଼ ବିକ୍ଷୋଭ

## ■କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ
## ■ଏନଟିଏର ପରୀକ୍ଷା ପରିଚାଳନାକୁ ଜୋରଦାର ଧିକ୍କାର




ବାଲେଶ୍ୱର, ୧୫/୫ (ନି.ପ୍ର): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟେସନ ଛକ ରୁ ଏକ ବିଶାଳ ରାଲି ରେ ଆସି ଫାଣ୍ଡି ଛକ ଠାରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକ୍କାର ଓ ନାରାବାଜି କରିଛନ୍ତି । ଏହି କୁଶ ପୁତୁଳା ଦାହ କାର୍ଯ୍ୟ କ୍ରମ ରେ ଜିଲ୍ଲା ଯୁବକଂଗ୍ରେସ ସଭାପତି ଇଂ ରଞ୍ଜନ ଦାସ ଛାତ୍ରଜିଲ୍ଲା କଂଗ୍ରେସ ସଭାପତି ଗୌତମ ସାହୁ, ସମେତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଉପଭାପତି ଗୋପୀନାଥ ପାଢ଼ୀ କେଶବ, ନାୟକ ଜିଲ୍ଲାସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜୋସ୍ନା ସେନାପତି ହେମଲତା ଦାସ ଅଜଗର ଅଲ୍ଲୀ, ସେକ କାଲାମ ପ୍ରମୁଖ ଉପସ୍ଥିତ ରହି ସରକାର ଙ୍କର ବିଫଳତା ଉପରେ ବର୍ଷି ଥିଲେ । ଏହି କାର୍ଯ୍ୟକ୍ରମ ରେ ନବ ପ୍ରସାଦ ଭୂୟାଁ,ଜୀବନ ମହାପାତ୍ର ସୁମିତ ସାଗର ଦାସ ସୌରଭ ପଟ୍ଟନାୟକ ସୁଧାକର ରାଉତ, ପତିତ ପାବନ ଦାସ ଜୟଦୀପ ସାହା ପ୍ରମୁଖ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ ର କର୍ମୀ ଉପସ୍ଥିତ ଥିଲେ । ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର କୁଶ ପୁତୁଳା ଦାହ କରିବା ସହ ନାରାବାଜି କରିବା ସହ କୁଶ ପୁତ୍ତଳିକା ଦାହ କରିଥିଲେ ।

# ମହାତ୍ମାଗାନ୍ଧି ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇନ୍ଦ୍ରମଣୀ ମହାପାତ୍ରଙ୍କ ପରଲୋକ

ବୈଶିଙ୍ଗା, ୧୫/୫ (ନି.ପ୍ର): ବୈଶିଙ୍ଗା ଅଞ୍ଚଳ ଆଜି ଜଣେ ଉଜ୍ଜଳ ତାରକାଙ୍କୁ ହରାଇଲା। ଜଣେ ବିଶିଷ୍ଟ ଶିକ୍ଷାବିତ୍, ବରିଷ୍ଠ ରାଜନୀତିଜ୍ଞ, ବିଶିଷ୍ଟ ସମାଜସେବୀ ତଥା ବୈଶିଙ୍ଗା ସ୍ଥିତ ମହାସାଗାନ୍ଧି ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର ଙ୍କ ର ଗୁରୁବାର ରାତ୍ରି ୧୦ . ୧୫ ମିନିଟ ସମୟରେ ୭୮ ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଉତ୍କଳ ହସ୍ପିଟାଲରେ ପରଲୋକ ହୋଇଥିବା ଜଣାଯାଇଛି । ଆଜି ସକାଳେ ତାଙ୍କର ମର ଶରୀର ବୈଶିଙ୍ଗା ସ୍ଥିତ ବାସ ଭବନରେ ପହଞ୍ଚିବା ପରେ ତାଙ୍କର ଶବାଧାର ରେ ଶହ ଶହ ଲୋକଙ୍କୁ ଦେଖି ତାଙ୍କ ପ୍ରତି ଥିବା ଭଲପାଇବାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା । ସ୍ୱର୍ଗତ ଇନ୍ଦ୍ରମଣି ମହାପାତ୍ର ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଗ୍ରାମର ପିତା ସ୍ୱର୍ଗତ ହରେକୃଷ୍ଣ ମହାପାତ୍ର ଓ ମାତା ନିଶାମଣି ମହାପାତ୍ର ଙ୍କର ମଧ୍ୟମ ପୁତ୍ର ଭାବେ ତା ୧୨.୧୦.୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ଗ୍ରାମରେ ପ୍ରାଥମିକ ଶିକ୍ଷା ପରେ ରାଜବରହମପୁର ଠାରେ ମ୍ୟାଟ୍ରିକ ପାସ କରି କଟକ ଠାରେ ଡି ଫାର୍ମ ରେ ଉତ୍ତିର୍ଣ୍ଣ ହୋଇ ଗଞ୍ଜାମ ଜିଲ୍ଲାର ପାତ୍ରପୁର ମେଡ଼ିକାଲରେ ଫାର୍ମାସିଷ୍ଟ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପରେ ବୈଶିଙ୍ଗା ଡାକ୍ତରଖାନାରେ ଦୀର୍ଘ ୫ ବର୍ଷ ଧରି ଚାକିରୀ ସମୟରେ ଡାକ୍ତରଖାନାର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ । ତାପରେ ଚାକିରୀ ଛାଡି ରାଜନୀତିରେ ଯୋଗ ଦେଇଥିଲେ । ତାଙ୍କ ରାଜନୀତି କାଳରେ ସ୍ୱର୍ଗତ କୁଆଁରିଆ ମାଝୀ , ଅନନ୍ତ ମାଝୀ , ପଦ୍ମାବତୀ ମୁର୍ମୁ, କଲ୍ୟାଣ ରାୟ ମହାଶୟ, ମହାମେଘବାହନ ଐର ଖାରବେଳ ସ୍ୱାଇଁ ପ୍ରଭୃତି ରାଜନେତା ଙ୍କ ମଙ୍ଗ ଧରିଥିଲେ । ସେହି ସମୟରେ ବୈଶିଙ୍ଗା ଠାରେ ଏକ ମହାବିଦ୍ୟାଳୟ ସ୍ଥାପନ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା । ତାଙ୍କ ପ୍ରଚେଷ୍ଟାରେ ୧୯୮୮ ମସିହାରେ ତତ୍କାଳୀନ ଡିଆଇଜି ଇନ୍ଦ୍ରଜିତ ଯାଚକ ଙ୍କ କରକମଳରେ ଉଦଘାଟନ କରିଥିଲେ । ଏହାକ ୫ ବର୍ଷ ପରେ ଡିଗ୍ରୀ କଲେଜ ମଧ ଆରମ୍ଭ କରାଯାଇଥିଲା । ତାଙ୍କ ପ୍ରଚେଷ୍ଟାରେ ସ୍ଥାପିତି କଲେଜ ଆଜି ପ୍ରତିଷ୍ଠା ଲାଭ କରି ପାରିଛି । ସ୍ୱର୍ଗତ ମହାପାତ୍ର ଙ୍କର ବଧବା ପତ୍ନୀ ଶିପ୍ରା ମହାପାତ୍ର, ଦୁଇ ପୁତ୍ର ସିତିକଣ୍ଠ ଓ ସୀତାକାନ୍ତ ଏବଂ ପୁତ୍ର ବଧୂ ଓ ନାତି ନାତୁଣୀ ଉପସ୍ଥିତ ରହିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବୈଶିଙ୍ଗା ତଥା ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ଶୁଭେଚ୍ଛୁ ଶେଷ ଦର୍ଶନ କରିଥିଲେ । ତାଙ୍କର ମର ଶରୀରକୁ ସ୍ୱଗରଥ ରେ ଶୋଭାଯାତ୍ରାରେ ନେଇ ବୈଶିଙ୍ଗା ବିଇଟି ,ଓଡ଼ିଶା କମ୍ପୁଟର ଏକାଡେମୀ, ମହାତ୍ମା ଗାନ୍ଧି ମହାବିଦ୍ୟାଳୟ ହୋଇ ମହୁରୀ ଛକ, ବୈଶିଙ୍ଗ ବଜାର, କେନ୍ଦୁଆ ଗ୍ରାମ ପରିକ୍ରମା କରି ବୈଶିଙ୍ଗା ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆଙ୍କ କନ୍ୟା 'ବାଲି'



ଉଦଳା, ୧୫/୫ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଘୁଂଟିବିଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ରାମ ସୋରେନଙ୍କର ୧୨ ବର୍ଷ ବୟସର କନ୍ୟା ବାଲି ସୋରେନ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଯାଇଛି । ଫଳରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ସେ ପାଇପାରୁ ନାହାଁନ୍ତି । ବାଲି ସୋରେନଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ତାଙ୍କର ନାମ ଯୋଡ଼ାଯାଇପାରୁ ନାହିଁ । ଆଧାର କାର୍ଡ଼ ପାଇଁ ବାଲି ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ଦିନ ମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ରାମ ସୋରେନ ତାଙ୍କର ଝିଅକୁ ଚାଉଳ ଯୋଗାଇ ଦେବାକୁ ଅନୁରୋଧ ଜଣାଇଛନ୍ତି । ବିଭାଗିୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# କଲରାପତରିଆ ବାଘମୃତ୍ୟୁ ଘଟଣାର ଦୁଇଦିନରେ ଶିକାରୀ ଗିରଫ



ନୀଳଗିରି , ୧୫/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ ପାଟଣାବିଟ କାଠଗୋଛି ଜଙ୍ଗଲରେ ଗତ ୧୨ତାରିଖ ଏକ କଲରାପତରିଆ ବାଘ ଏକ ଫାଶରେ ପଡ଼ି ମୃତ୍ୟୁଘଟଣାର ୨ଦିନ ମଧ୍ୟରେ ଶିକାରୀକୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ପାଟଣା ଫରେଷ୍ଟବିଟ କାଠଗୋଛି ଜଙ୍ଗଲରେ ଏକ ଅଣ୍ଡିରା କଲରାପତରିଆ ବାଘ ପଥରଚଟାଣ ନିକଟରେ ଥିବା ଛୋଟ ଶିମିଳିଗଛରେ ବସାଯାଇଥିବା ମଟରସାଇକେଲ କ୍ଲଚତାର ଫାଶରେ ପଡ଼ି ମୃତ୍ୟୁବରଣ କରିଥିବାର ଦେଖି ସ୍ଥାନୀୟଲୋକ ବନବିଭାଗକୁ ଖବର ଦେଇଥିଲେ। ନୀଳଗିରି ବନବିଭାଗ ରେଞ୍ଜର ମନୱର୍ ଖାଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତବାଘକୁ ଦେଖି ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଅବଗତ କରିଥିଲେ। ତେବେ ପ୍ରଥମଥର ପାଇଁ ନୀଳଗିରି ଅଞ୍ଚଳରେ ବାଘ ଦେଖାଯାଇଥିବା ବାଘଟି କୁଳଡିହା ଜଙ୍ଗଲ କିମ୍ବା ଶିମିଳିପାଳ ଅଭୟାରଣ୍ୟରୁ ଖାଦ୍ୟ,ପାନୀୟ ଅନ୍ୱେଷଣରେ ଖସିଆସିଥିବା ବେଳେ ବାରହା ଫାଶରେ ପଡ଼ି ଜୀବନ ହରାଇଥିବା ବନବିଭାଗ ଅନୁମାନ କରିଥିଲା। ବାଘମୃତ୍ୟୁର କାରଣ ଖୋଜିବାପାଇଁ ଭୁବନେଶ୍ୱରରୁ ଜଏଣ୍ଟ ଟ୍ୟାକ୍ସ ଫୋର୍ସର ଅଧିକାରୀ ବଟକୃଷ୍ଣ ମିଶ୍ର ଏବଂ ଅନ୍ୟ ଦୁଇଜଣ ସହକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତକରି ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ଆଜି ତଦନ୍ତକାରୀ ଅଧିକାରିଣୀ ଏସିଏଫ୍ ତଟିନୀ ସେଠୀଙ୍କ ନେତୃତ୍ୱରେ ତଦନ୍ତଚାଲିଥିବା ବେଳେ ବିଶେଷସୂତ୍ରରୁ ଖବରପାଇ କାଠଗୋଛି ଗ୍ରାମର ଗୁମାନ ସିଂ ନାମକ ଶିକାରୀକୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ଗୁମାନ ସିଂ ଜଙ୍ଗଲରେ ଫାଶବସାଇଥିବା ତଦନ୍ତକାରୀ ଅଧିକାରୀଙ୍କ ଠାରେ ସ୍ୱୀକାର କରିଥିବା ବେଳେ ଏହି ଘଟଣାରେ ଅନ୍ୟ ଶିକାରୀଙ୍କ ସଂପୃକ୍ତି ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସୂଚନା ଦେଇଛନ୍ତି ।ଏନେଇ ଓଆର - ୦୩ଏନ -୨୬/୨୭ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶିକାରୀଙ୍କୁ କୋର୍ଟଚାଲାଣ କରାଯାଇଛି। ବାଘମୃତ୍ୟୁର ଦୁଇଦିନ ନପୁରୁଣୁ ଶିକାରୀକୁ ଗିରଫ କରିବାରେ ବନବିଭାଗ ସଫଳ ହୋଇଥିବାରୁ ପରିବେଶପ୍ରେମୀ ଆଶ୍ୱସ୍ତ ଥିବା ପରିଲକ୍ଷିତ ହୋଇଛି।

# ସିକିମ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୫/୫ : ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକ୍ରିଷ୍ଣନ ସିକିମ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ପାଇଁ ୧୬ ମଇ (ଶନିବାର) ରେ ଗ୍ୟାଙ୍ଗଟକ୍ ଗସ୍ତ କରିବେ। ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ରାଜ୍ୟ ଗସ୍ତ ହେବ। ଏହା ଉଲ୍ଲେଖନୀୟ ଯେ ସିକିମ୍ ପ୍ରତିଷ୍ଠା ଦିବସ ପ୍ରତିବର୍ଷ ୧୬ ମଇରେ ପାଳନ କରାଯାଏ । ଏହି ଦିନ ସିକିମ ଭାରତର ୨୨ ତମ ରାଜ୍ୟ ହେବା ସମୟରେ ଘଟିଥିବା ଐତିହାସିକ ଘଟଣାକୁ ସ୍ମରଣ କରେ । ଏହି ଦିନ କେବଳ ରାଜନୈତିକ ପରିବର୍ତନର ପ୍ରତୀକ ନୁହେଁ ବରଂ ସିକିମର ସଂସ୍କୃତି, ଐତିହ୍ୟ ଏବଂ ଏକତାର ଉତ୍ସବ ମଧ। ଭାରତର ସ୍ୱାଧୀନତା ପରେ, ସିକିମ ଏକ ସ୍ୱାଧୀନ ଦେଶୀୟ ରାଜ୍ୟ ହୋଇ ରହିଲା। ୧୯୪୭ ମସିହାରେ ଭାରତର ସ୍ୱାଧୀନତା ପରେ, ସିକିମ ଭାରତ ସହିତ ଏକ ସ୍ୱତନ୍ତ୍ର ଚୁକ୍ତି କରିଥିଲା । ଯାହା ଅଧୀନରେ ଏହା ଏକ ସଂରକ୍ଷିତ ରାଜ୍ୟରେ ପରିଣତ ହୋଇଥିଲା। ଏହି ସ୍ଥିତି ୧୯୭୫ ମସିହା ପର୍ଯ୍ୟନ୍ତ ଜାରି ରହିଥିଲା।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ ଅନୁଷ୍ଠିତ




ଖୋର୍ଦ୍ଧା , ୧୫/୫ (ନି.ପ୍ର): ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକରେ ଅଧ୍ୟକ୍ଷତା କରି ମାନ୍ୟବର ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବ୍ଲକ୍ ଏବଂ ଗ୍ରାମାଞ୍ଚଳରେ ଲାଇବ୍ରେରୀ ଖୋଲିବା ଏବଂ ବ୍ଲକ୍ ପ୍ରଶାସନ ଦ୍ୱାରା ନିରନ୍ତର କାର୍ଯ୍ୟକ୍ଷମ କରାଇବା ସହ ପ୍ରତ୍ୟେକ ବ୍ଲକରେ ଅମୃତସରୋବର ଯୋଜନାରେ ସାଂସଦ ଓ ବିଧାୟକଙ୍କ ପାଣ୍ଠି କୁ ନେଇ ସମ୍ମିଳିତ ପାଣ୍ଠିରେ ପାଞ୍ଚଗୋଟି ଆଦର୍ଶ ପୁଷ୍କରିଣୀ/ପୋଖରୀ କାର୍ଯ୍ୟକ୍ଷମ କରିବାକୁ ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେବାସହ ଅଗ୍ରାଧିକାର ଭିତ୍ତିରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଯୁବକ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ନିମନ୍ତେ ଲାଇବ୍ରେରୀ ଓ ପାଠାଗାର ସେବା ଯୋଗାଇବା ସହ ଅମୃତ ସରୋବର ଯୋଜନାରେ ପ୍ରତ୍ୟେକ ବ୍ଲକରେ ଅନ୍ୟୁନ ପାଞ୍ଚଗୋଟି ଆଦର୍ଶ ପୁଷ୍କରିଣୀ ଯେଉଁଠାରେ ବସିବା , ଆଲୋକି କରଣ ଓ ବୃକ୍ଷ ରୋପଣ କାର୍ଯ୍ୟ କରାଯିବାକୁ ମାନ୍ୟବର ସାଂସଦ ଆଜି କେନ୍ଦ୍ର ସରକାରଙ୍କ ୩୭ ଗୋଟି ବିଭାଗ ଅଧୀନ ୧୦୧ ଗୋଟି କେନ୍ଦ୍ରୀୟ ଯୋଜନା ଅଧୀନ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ସାଂସଦ କହିଛନ୍ତି ପ୍ରତିନିଧି ଲୋକଙ୍କ ସମସ୍ୟା ଉତ୍ଥାପନ କରିବେ ଏବଂ ପ୍ରଶାସନ ଲୋକଙ୍କ ପାଖରେ ସେବା ପହଞ୍ଚାଇବେ। ଏଣୁ ସମସ୍ତ ଙ୍କୁ ନେଇ କାମ କରିବା ମନ୍ତ୍ରରେ ଅଧିକାରୀ ମାନେ ସାକାରାତ୍ମକ ଚିନ୍ତାଧାରା ନେଇ ସରକାରଙ୍କ ଯୋଜନାକୁ ସାମ୍ବିଧାନିକ ପ୍ରାବଧାନତା ଅନୁଯାୟୀ ଖୋର୍ଦ୍ଧା। ଜିଲ୍ଲାକୁ ରାଜ୍ୟରେ ସର୍ବୋତ୍ତମ ଜିଲ୍ଲା ଗଢି ତୋଳିବାକୁ ନିଷ୍ଠାପର ଭାବେ ଲୋକମାନଙ୍କୁ ସେବା ପ୍ରଦାନ କରି ନିଜର ପାରଦର୍ଶିତା କୁ ପ୍ରମାଣିତ କରି ଦେଶ ସେବାରେ ବ୍ରତୀ ହୁଅନ୍ତୁ ବୋଲି ଉଦବୋଧନ ଦେଇ ଜିଲ୍ଲାପାଳଙ୍କ ଜି ପି ଡି ପି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ବୈଠକରେ ମାନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମାନ୍ୟବର ବିଧାୟକ, ଜଟଣୀ, ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ ଜୟଦେବ ଶ୍ରୀଯୁକ୍ତ ନବ କିଶୋର ମଲ୍ଲିକ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ,ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ଙ୍କ ପ୍ରତିନିଧି ଶ୍ରୀ ଦୁଷ୍ମନ୍ତ ହରିଚନ୍ଦନ ଯୋଗଦେଇ ନିଜ ନିଜ ଅଭିଭାଷଣ ଓ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ସାଂସଦ ସମସ୍ତ ଅଧିକାରୀ ମାନେ ସେମାନଙ୍କର କାର୍ଯ୍ୟ ତାଲିକା ଦେଖି ତାଙ୍କ ପରିଧି ମଧ୍ୟରେ ଥିବା ଜନ ପ୍ରତିନିଧି ମାନଙ୍କୁ ସାମିଲ କରି କାର୍ଯ୍ୟ କରି ବାକୁ ପରାମର୍ଶ ଦେଇଥିଲେ କ୍ଷ ପରେ ମାନ୍ୟବର ସାଂସଦ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୨୫-୨୬ ବର୍ଷରେ ୨୭ ପ୍ରକଳ୍ପ ଟେଣ୍ଡର ହେବାକୁ ଥିବାବେଳେ ଏଥିପାଇଁ ୭୧ କୋଟି ବ୍ୟୟ ଅଟକଳ ର ମଞ୍ଜୁରୀ ମିଳିଛି । ରାସ୍ତା ଓ କୋଠାବାଡ଼ି ବିଭାଗ ପକ୍ଷରୁ ତାପଙ୍ଗ ଏବଂ ନିରାକାରପୁର ହାଓ୍ୱଡା - ଚେନାଇ ମେନ ଲାଇନ୍ ବାଇପାସ୍ କାର୍ଯ୍ୟ ନିମନ୍ତେ ଅତିକମ୍ ଜମି ଅଧିଗ୍ରହଣ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ୨୦୨୬-୨୭ ବର୍ଷରେ ଚିଲିକା, ଖୋର୍ଦ୍ଧା ଓ ଜଟଣୀ ବ୍ଲକ୍ ପାଇଁ ୧୫ ଗୋଟି ନୂଆ ଓ ପୁନଃ ଉଦ୍ଧାର ସଡ଼କ କାର୍ଯ୍ୟ ସହ ସରଦେଇପୁରରୁ ନିମାପଡ଼ା ନିମ୍ନମାନର ରାସ୍ତା କାର୍ଯ୍ୟ ଅଭିଯୋଗକୁ ସମୀକ୍ଷା କରିଥିଲେ । ପ୍ରଧାନ ମନ୍ତ୍ରୀ ଆବାସ (ଗ୍ରାମୀଣ) ଗୃହ ଯୋଜନା ରେ ଜିଲ୍ଲାରେ୭୩୬ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ୫୮୧ ଗୃହ କାର୍ଯ୍ୟ ଶେଷ ଓ ୧୫୫ ଗୋଟି ଗୃହର କାର୍ଯ୍ୟ ଚାଲୁ ରହିଛି ବୋଲି ସମୀକ୍ଷାରୁ ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପ୍ରତିରକ୍ଷା, ଗ୍ୟାସ...

ଏହା ଭାରତର ସାମୁଦ୍ରିକ ଭିତ୍ତିଭୂମି ଇକୋସିଷ୍ଟମକୁ ସୁଦୃଢ଼ କରିବ ଏବଂ ଜାହାଜ ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସପୋର୍ଟ କରିବ ବୋଲି ଆଶା କରାଯାଉଛି। ଆବୁଧାବିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗାର୍ଡ଼ ଅଫ୍ ଅର୍ନରରେ ସ୍ୱାଗତ କରାଯାଇଥିଲା। ମୋଦୀଙ୍କ ବିମାନ ୟୁଏଇର ବାୟୁ ସୀମାରେ ପ୍ରବେଶ କରିବା ପରେ ୟୁଏଇର ଏଫ୍ ୧୬ ଜେଟ୍ ପ୍ରଧାନମନ୍ତ୍ରୀଙ୍କୁ ଏସକର୍ଟ କରି ନେଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଏହି ଗସ୍ତ ଅବସରରେ ୟୁଏଇରେ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନଙ୍କୁ ଭେଟିବା ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଥିଲେ ।

## ଜୁନ ୨୧ରେ...

ଏହି ବୈଠକରେ ସଚିବ (ଉଚ୍ଚ ଶିକ୍ଷା), ସଚିବ (ବିଦ୍ୟାଳୟ ଶିକ୍ଷା), ଡିଜି, ଏନଟିଏ, ଚେୟାରମ୍ୟାନ୍, ସିବିଏସ୍ଇ, କମିଶନର, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତି ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ପରୀକ୍ଷାର ତାରିଖ ଚୂଡ଼ାନ୍ତ କରାଯାଇଥିଲା।

## ଓଡ଼ିଶାରେ ଏସଆଇଆର...

ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ।ପରେ ୦୫ ଜୁଲାଇ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ।୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ,୦୫ ଜୁଲାଇ୨୦୨୬ ରୁ ୦୨ ସେପଟ୍ମେର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ ଦାବି ଓ ଆପତିର ସମାଧାନ ଓ ୦୬ ସେପଟ୍ମେର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସଆଇଆର ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସଆଇଆର ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ ଝଓଜ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସ ଆଇ ଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନ କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୨୭ହଜାର ୭୨୩ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ । ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-୪) ପ୍ରଦାନ କରିବେ । ଏହି ପରିଗଣନା ସମୟରେ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦଲିଲପତ୍ର (ଡକ୍ୟୁମେଂଟ) ସଂଗ୍ରହ କରିବାର ଆବଶ୍ୟକତା ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ନିର୍ବାଚକଙ୍କଠାରୁ ମିଳିଥିବା ସଠିକ୍ ଫର୍ମ ଆଧାରରେ ହିଁ ନିର୍ବାଚକ ପଞ୍ଜିକରଣ ଅଧିକାରୀ (ଇଆରଓ)ଚିଠା ଭୋଟର ତାଲିକା ପ୍ରସ୍ତୁତ କରିବେ । ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର,ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ,ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତେଲ ପାଇଁ ସାରା ରାଜ୍ୟରେ...

ତେଲ ଦିଆଯିବାକୁ ନେଇ ଅସନ୍ତୋଷ ବଢିଛି । ସାରା ରାଜ୍ୟରେ ତେଲ ସଂକଟର ତମାମ ଦୃଶ୍ୟ ଓ ଅଭିଯୋଗ ଭିତରେ କିନ୍ତୁ ସବୁକୁ ଖଣ୍ଡନ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କହିଛନ୍ତି, ରାଜ୍ୟରେ ପେଟ୍ରୋଲ, ଡିଜେଲର ଅଭାବ ନାହିଁ । ୧୩ ଦିନ ପାଇଁ ଓଡ଼ିଶାରେ ତେଲ ଷ୍ଟକ୍ ରହିଛି । ନିର୍ଦ୍ଦିଷ୍ଟ ପରିମାଣର ତେଲ ଦେବାକୁ ସରକାରଙ୍କ ପକ୍ଷରୁ କୌଣସି ନିୟମ କରାଯାଇନି । ଭିଡ଼ ବଢ଼ିଯିବାରୁ ଟାଙ୍କି ମାଲିକ ଅଳ୍ପ ଅଳ୍ପ ପେଟ୍ରୋଲ୍-ଡିଜେଲ୍ ଦେଉଛନ୍ତି । ଏଣୁ ଆତଙ୍କିତ ହୋଇ ତେଲ ନ କିଣିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ। ତୈଳ ଅଭାବର ଉତ୍କଟ ରୂପ ଭିତରେ ଆକ୍ସନ ମୋଡକୁ ଆସିଛି ପ୍ରଶାସନ । ଇନ୍ଧନ ସଂକଟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗଠିତ ଜିଲ୍ଲାସ୍ତରୀୟ ଟିମ୍ ବିଭିନ୍ନ ସ୍ଥାନରେ ଧରପଗଡ଼ ଆରମ୍ଭ କରିଛି। କଟକର ପେଟ୍ରୋଲ୍ ଟାଙ୍କି ଉପରେ ଚଢାଉ କରି ଷ୍ଟକ୍ ଯାଞ୍ଚ ସହିତ ଗୁଜବ ନ କରିବାକୁ କଡ଼ା ତାଗିଦ କରାଯାଇଛି । ଜଗତସିଂହପୁର ଏବଂ ଭଦ୍ରକରେ ବି ପମ୍ପ ଉପରେ ରେଡ୍ କରି ଟାଙ୍କି କର୍ତ୍ତୃପକ୍ଷ ଜାରି କରିଥିବା କଟକଣା ହଟାଇଛି ଜିଲ୍ଲା ପ୍ରଶାସନ। ଏଥିସହିତ ଗ୍ରାହକଙ୍କ ସହ ଆଲୋଚନା କରି ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି। ସେପଟେ ସର୍ବନିମ୍ନ ଡିଜେଲ୍ ଓ ପେଟ୍ରୋଲ ରିଜର୍ଭ ଷ୍ଟକ୍ ରଖିବାକୁ ଟାଙ୍କି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦୁଝର ଜିଲ୍ଲାପାଳ। ରାଷ୍ଟ୍ରାୟତ୍ତ କ୍ଷେତ୍ରର ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀମାନେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଛନ୍ତି। ସି. ଏନ୍. ଜି. ମୂଲ୍ୟ ମଧ କିଲୋଗ୍ରାମ ପିଛା ଦୁଇ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଆଜିଠାରୁ ଲାଗୁ ହୋଇଛି। ପ୍ରାୟ ଚାରି ବର୍ଷ ପରେ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି। ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଏବେ ଲିଟର ପିଛା ୯୪.୭୭ ଟଙ୍କାରୁ ୯୭.୭୭ ଟଙ୍କାକୁ ଏବଂ ଡିଜେଲ ଲିଟର ପିଛା ୮୭.୭୭ ଟଙ୍କାରୁ ୯୦.୭୭ ଟଙ୍କାକୁ ବୃଦ୍ଧି ପାଇଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ମହାନଗରରେ ମଧ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇଛି।କୋଲକାତାରେ ପେଟ୍ରୋଲ ଲିଟର ପିଛା ୩.୨୯ ଟଙ୍କା ବୃଦ୍ଧି ପାଇ ୧୦୮.୭୪ ଟଙ୍କାରେ ପହଞ୍ଚିଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୩.୧୪ ଟଙ୍କା ବୃଦ୍ଧି ପାଇ ୧୦୬.୬୮ ଟଙ୍କାରେ ବିକ୍ରି ହେଉଛି। ଦକ୍ଷିଣ ଭାରତର ସର୍ବବୃହତ୍ ସହର ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨.୮୩ ଟଙ୍କା ବୃଦ୍ଧି ପାଇ ୧୦୩.୭୭ ଟଙ୍କାରେ ପହଞ୍ଚିଛି। କୋଲକାତାରେ ଡିଜେଲର ମୂଲ୍ୟ ଶହେ ଟଙ୍କା ବୃଦ୍ଧି ପାଇଛି। ସେଠାରେ ଲିଟର ପିଛା ଡିଜେଲର ମୂଲ୍ୟ ୯୫.୧୩ ଟଙ୍କା ରହିଛି। ମୁମ୍ବାଇରେ ମଧ ଡିଜେଲ ଲିଟର ପିଛା ୩.୧୧ ଟଙ୍କା ବୃଦ୍ଧି ପାଇ ୯୩.୧୪ ଟଙ୍କାରେ ପହଞ୍ଚିଛି। ଚେନ୍ନାଇରେ ଡିଜେଲର ମୂଲ୍ୟ ଲିଟର ପିଛା ୨.୮୬ ଟଙ୍କା ବୃଦ୍ଧି ପାଇଛି। ସେଠାରେ ଏବେ ଡିଜେଲ ଲିଟର ପିଛା ୯୫.୨୫ ଟଙ୍କାରେ ଉପଲବ୍ଧ ହେଉଛି। ତୈଳ ଦର ବୃଦ୍ଧି ସହିତ ରାଜ୍ୟରେ ଘରୋଇ ବସ୍ ଭଡା ମଧ୍ୟ ବଢିଛି। ସାଧାରଣ ବସ୍ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୪ ପଇସା ବୃଦ୍ଧି ହୋଇଛି। ସେହିପରି ସୁପର୍ ଡିଲକ୍ସ ପ୍ରିମିୟମ ବସ୍ ଭଡା କିଲୋମିଟର ପିଛା ୬ ପଇସା ବୃଦ୍ଧି ପାଇଛି। ସାଧାରଣ ବସ୍ ଭଡା ୨ ପଇସା ବଢି ୮୮ ପଇସାରୁ ଏବେ ୯୦ ପଇସାରେ ପହଂଚିଛି। ଏକ୍ସପ୍ରେସ ବସ୍ ଭଡା ଭଡ଼ା ୯୨ ପଇସା ଥିଲା ବେଳେ ୯୪ ପଇସା ହୋଇଛି। ସେହିପରି ଡିଲକ୍ସ ବସ୍ ଭଡା ୧ ଟଙ୍କା ୨୭ ପଇସାରୁ ୧ ଟଙ୍କା ୩୧ ପଇସା , ଏସି ଡିଲକ୍ସ ବସ୍ ଭଡା୧ ଟଙ୍କା ୫୫ ପଇସାରୁ ୧ ଟଙ୍କା ୫୯ ପଇସା ଏବଂ ସୁପର୍ ଡିଲକ୍ସ ପ୍ରିମିୟମ ୨ ଟଙ୍କା ୪୧ ପଇସାରୁ ୨ ଟଙ୍କା ୪୭ ପଇସାକୁ ବଢିଛି। ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି।

## ସିବିଆଇ...

ସହାୟତାରେ ପ୍ରଶ୍ନପତ୍ର ଲିକ କରିଥିଲେ ଓ ପ୍ରକୃତ ଉତ୍ତରକୁ ନିଟ ୟୁଜି ଆଶାୟୀଙ୍କୁ ପୁଣେରେ ଆୟୋଜିତ ଗୁପ୍ତ ଟ୍ୟୁସନ ସେସନ୍ସରେ ବୁଝାଇଥିଲେ। ଏପ୍ରିଲ ଶେଷ ସପ୍ତାହରେ ଏହି ଟ୍ୟୁସନ ସେସନ୍ସ ଆୟୋଜନ ହୋଇଥିଲା। କୁଲକର୍ଣ୍ଣଙ୍କ ସହଯୋଗୀ ମନୀଷ ୱାଘମାରେଙ୍କୁ ସିବିଆଇ ଗୁରୁବାର ଗିରଫ କରିଥିଲା। ସିବିଆଇ ଗୋଟିଏ ବିବୃତିରେ କହିଛନ୍ତି ଯେ କେମେଷ୍ଟ୍ରୀ ଶିକ୍ଷକ କୁଲକର୍ଣ୍ଣି ସ୍ପେଶାଲ କୋଚିଂ କ୍ଲାସ ବେଳେ ପିଲାମାନଙ୍କୁ ପ୍ରଶ୍ନ ସହିତ ଉତ୍ତର ଖାତାରେ ଲେଖିବାକୁ କହିଥିଲେ। ପିଲାମାନେ ଏହାକୁ ନିଜ ଖାତାରେ ଟିପି ରଖିଥିଲେ। ନିଟ ୟୁଜି ୨୦୨୬ ପରୀକ୍ଷାରେ ଆସିଥିବା ପ୍ରଶ୍ନ ସହ ଏହାର ପୂରା ମେଳ ଖାଇଥିଲା। ଘଟଣାର ତଦନ୍ତ ସମୟରେ ସିବିଆଇ ୭ ଜଣଙ୍କୁ ଏଯାଏ ଗିରଫ କରିଛି।

## ଉନ୍ନାଓ ଦୁଷ୍କର୍ମ ମାମଲାରେ ...

ତାଙ୍କ ଆଜୀବନ ସଜାକୁ ସ୍ଥଗିତ ରଖିଥିଲେ, ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିବାଦ ହୋଇଥିଲା। ପୀଡ଼ିତାଙ୍କ ପରିବାର ଏବଂ ସିବିଆଇ ଏହି ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ, ଗତ ୨୯ ଡିସେମ୍ବର ୨୦୨୫ରେ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ଆଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ରୋକ ଲଗାଇ ସେଙ୍ଗରଙ୍କ ମୁକ୍ତି ଉପରେ କଟକଣା ଜାରି କରିଥିଲେ। ଆଜିର ଶୁଣାଣି ସମୟରେ ପ୍ରଧାନ ବିଚାରପତି ସ୍ପଷ୍ଟ କରିଛନ୍ତି ଯେ ସୁପ୍ରିମକୋର୍ଟ ମାମଲାର ଗୁଣବତ୍ତା ଉପରେ କୌଣସି ମତାମତ ଦେଇନାହାନ୍ତି, ତେଣୁ ହାଇକୋର୍ଟ ସ୍ୱାଧୀନ ଭାବେ ଏହି ଆବେଦନର ଶୁଣାଣି କରିପାରିବେ। ସୁପ୍ରିମକୋର୍ଟଙ୍କ ଆଜିର ରାୟ ପରେ କୁଲଦୀପ ସିଂହ ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ କାଏମ ରହିବ ଏବଂ ସେ ଜେଲ୍ ?ରେ ରହିବେ। ଏହି ଆଦେଶ ପୀଡ଼ିତାଙ୍କ ପାଇଁ ଏକ ବଡ଼ ଆଇନଗତ ବିଜୟ ବୋଲି ବିବେଚନା କରାଯାଉଛି।

ଶନିବାର, ମଇ ୧୬, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଦରମାରେ ଅହେତୁକ ବିଳମ୍ବ ପ୍ରତିବାଦରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାମୁହିକ ଧାରଣା




ବାଲେଶ୍ୱର, ୧୫/୫ (ନି.ପ୍ର): ଏପ୍ରିଲ ମାସର ଦରମା ପ୍ରଦାନରେ ପ୍ରାୟ ୧୫ ଦିନର ଅହେତୁକ ବିଳମ୍ବ ଘଟିଥିବା ପ୍ରତିବାଦରେ ଆଜି ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ସାମୁହିକ ଧାରଣାରେ ବସିଥିଲେ। ଧାରଣାରେ ଯୋଗଦେଇଥିବା ସମସ୍ତ କର୍ମଚାରୀମାନେ ଦାବି କରିଥିଲେ ଯେ, ନିୟମିତ ଓ ଠିକ ସମୟରେ ଦରମା ପ୍ରଦାନ କରାଯାଉ ଏବଂ ଏହା ସମ୍ବନ୍ଧୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ଆର୍ଥିକ ଓ ପ୍ରଶାସନିକ ଅଧିକାର ପୁନର୍ବାର ପ୍ରଦାନ କରାଯାଉ। ସେମାନଙ୍କ କହିବା ଅନୁସାରେ, ଦରମାରେ ଏପରି ବିଳମ୍ବ କର୍ମଚାରୀମାନଙ୍କ ଦୈନିକ ଜୀବନ ଓ ପରିବାରିକ ଆର୍ଥିକ ପରିଚାଳନାରେ ଗୁରୁତର ପ୍ରଭାବ ପକାଉଛି। ଧାରଣାକାରୀ ମାନେ ସଚେତନ କରାଇଥିଲେ ଯେ, ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହି ଧାରଣାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ବ୍ୟାପକ ଭାବେ ସାମିଲ ହୋଇଥିଲେ।

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ ଉଦଳାରେ ସାମ୍ବାଦିକ ସମ୍ମିଳନୀ




ଉଦଳା, ୧୫/୫ (ନି.ପ୍ର): ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ ଉଦଳା ସହରର ଜଗନ୍ନାଥସ୍ଥିତ ହୋଟେଲ ବାବର୍ଚି ପରିସରରେ ଆଜି ମଇ ୧୫ ତାରିଖ ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇ ଯାଇଛି । ଆଗକୁ ପଂଚାୟତ ନିର୍ବାଚନ ଆସୁଥିବାରୁ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଏଭଳି ଏକ ସମ୍ମିଳନି ଉଦଳା ରାଜନୀତି ପାଣିପାଗକୁ ବେଶ ଭଲ ପ୍ରଭାବିତ କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ଦାସ ଆଜିର ଏହି ସମ୍ମିଳନିରେ ଅଧକ୍ଷତା କରିବା ସହ ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ଏକମାତ୍ର ରାଜ୍ୟ ରାଜପଥ-୧୯ର ଅବସ୍ଥା ବିଷୟରେ ଅବଗତ କରାଇ ତୁରନ୍ତ ଏହାର ମରାମତି ପାଇଁ ଦାବି ଜଣାଇଥିଲେ । ଉଦଳା ଏନ୍.ଏ.ସି.ର ବିଭିନ୍ନ ସମସ୍ୟା ଯଥା- ଡ୍ରେନ, ପାଣି, ଆବର୍ଜନା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ଡ଼ାକ୍ତରଙ୍କ ଅଭାବ ଉତ୍କଟ ରୂପ ନେଇଛି । ଡ଼ବଲ ଇଂଜିନ ସରକାର କ୍ଷମତାରେ ଥିବା ବେଳେ ଏପରି ସମସ୍ୟା ଦେଖାଯିବ ବୋଲି ଆଶା କରାଯାଇନଥିଲା ବ୍ୟକ୍ତ କରିଥିଲେ । ସେହିପରି ଉଦଳା ନିର୍ବାଚନ ମଣ୍ଡଳି ମଧ୍ୟରେ ଏବେ ମଧ୍ୟ ବହୁ ସଂଖ୍ୟାରେ ଯୋଗ୍ୟ ହିତାଧିକାରୀ ବସବାସ କରୁଛନ୍ତି ଯେଉଁମାନେ କି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି । କାମଧନ୍ଦା ନପାଇ ବହୁ ଲୋକ ଦାଦନ ଖଟିବା ପାଇଁ ବାହାରକୁ ଯିବାକୁ ବାଧ ହେଉଛନ୍ତି । ଏହା ଆମ ପାଇଁ ଯେତିକି ଦୁଃଖଦାୟକ ସେତିକି ସମ୍ବେଦନଶିଳ ପ୍ରସଙ୍ଗ ଭାବରେ ଆଜି ଛିଡ଼ା ହୋଇଛି ବୋଲି ସଭାପତି ଶ୍ରୀଯୁକ୍ତ ଦାସ କହିଛନ୍ତି । ଏହି ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ନହେଲେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ଚେତାବନି ଦେଇଛନ୍ତି । ଉପସଭାପତି ରାଜା ହେମ୍ବ୍ରମ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିମ୍ନମାନର ଖଇରା ବଜାର ଡ୍ରେନ କାମକୁ ବନ୍ଦ କଲେ ଗ୍ରାମବାସୀ



ଖଇରା, ୧୫/୫ (ନି.ପ୍ର): ବାଲେଶ୍ୱର ଜିଲାର ପ୍ରମୁଖ ରାସ୍ତା ଭାବେ ଅନନ୍ତପୁର-କୁପାରୀ ଭାୟା ସୋର ରାଜ୍ୟ ରାଜପଥ ନିର୍ମାଣ ଆରମ୍ଭରୁ ଏହାର ମାନ କୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ପୂର୍ତ୍ତ ବିଭାଗ ଅଧିନର ଏହି ରାସ୍ତା କାମ ନସରୁଣୁ ରାସ୍ତାର ବଟେଶ୍ୱର,ଗଣ୍ଡିବେଡ ଭଳି ଯାଗା ମାନଙ୍କରେ ବିରାଟ ଫାଟ ସୃଷ୍ଟି ହେବା ଦୋଷ ଲୁଚାଇବାକୁ ଏବେ ଏହାର ମରାମତି କରାଯିବାରେ ପୁର୍ବର ଅଭିଯୋଗ ସତରେ ପରିଣତ ହୋଇଛି । ରାସ୍ତା ସରିବା ପରେ ଏବେ ବଜାର ମାନଙ୍କରେ ଡ୍ରେନ କାମ ଆରମ୍ଭ ହୋଇଛି ।ଏବେ ଖଇରା ବଜାର ସଂଲଗ୍ନ କୋଚିଆକୋଇଲି ଗ୍ରାମରୁ ଆଳଦା ଛକ ପର୍ଯ୍ୟନ୍ତ ଏହି କାମ ଚାଲିଥିବା ବେଳେ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉନଥିବା କାରଣରୁ ବଜାରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ବିଶେଷ କରି ପଳସା-ଡୁଙ୍ଗୁରା ରାସ୍ତା ଆରମ୍ଭ ଆଳଦା ଛକ ନିକଟରେ ବିଭାଗର ଅପରିଣାମଦର୍ଶିତା ଯୋଗୁଁ ଦୁର୍ବଳ କଂକ୍ରିଟ ଢଳେଇ ଓ ପତଳା ରଡ ବ୍ୟବହାରକୁ ନେଇ ଜନସାଧାରଣଙ୍କ ଆକ୍ରୋଶ ଦେଖିବାକୁ ମିଳିଛି । ୩ଦିନ ତଳେ ନୟାଖଣ୍ଡି ସରପଞ୍ଚ ପ୍ରତିନିଧି ହୃଦୟ ବେହେରା ଓ ଆଳଦା ଗ୍ରାମର ଜୟନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏହି ନିମ୍ନମାନର କାମକୁ ବନ୍ଦ ରଖିଛନ୍ତି । ଖଇରା ବଜାରକୁ ସଂଯୋଗ କରୁଥିବା ଏହି ପଳସା -ଡୁଙ୍ଗୁରା ସଡକପଥରେ ଦୈନିକ ଶହ ଶହ ସଂଖ୍ୟାର ଭାରିଯାନ ଯାତାୟାତ କରୁଥିବାରୁ ଏହାର ସିମେଣ୍ଟଓ ରଡ ଭାଗ ବଢାଇ ସୁଦୃଢ କରିବାକୁ ଗ୍ରାମବାସୀ ମାନେ ଦାବି କରି ଏହି କାର୍ଯ୍ୟକୁ ଅଟକାଇ ରଖିଥିବା ଜଣାଯାଇଛି । ଆରମ୍ଭରୁ ଏହିକାମରେ ସିମେଣ୍ଟ କମ ବାଲି ଅଧିକ ଦିଆଯାଇ କାମ କରାଯାଉଥିବା ନେ ଆଳଦା ଓ କୋଚିଆକୋଇଲି ଗ୍ରାମର ଅଧିବାସୀ ମାନେ କହିଆସୁଛନ୍ତି । ଜନସାଧାରଣଙ୍କ ଦାବି ଅନୁଯାୟୀ ବିଭାଗ କାମ ନକଲେ କାମ ଅଟକାଇ ରଖାଯିବ ବୋଲି ସରପଞ୍ଚ ପ୍ରତିନିଧି ହୃଦୟ ବେହେରା କହିଛନ୍ତି ।ଏ ସମ୍ପର୍କରେ ଡ୍ରେନ ତଦାରଖ କରୁଥିବା ଯନ୍ତ୍ରୀ ଜିତେନ୍ଦ୍ର ମହାଳିକଙ୍କ ପ୍ରତିକ୍ରିୟା ନିଆଯିବାରେ ଲୋକମାନେ ଯାହା ଦାବି କରୁଛନ୍ତି ସେହି ଦାବି ଅନୁଯାୟୀ କାର୍ଯ୍ୟ ହେବ ବୋଲି କହିଛନ୍ତି । ବିଭାଗକୁ ପିସି ପରେ ୱାର୍ଡ ସ୍ତରରୁ ନିର୍ବାଚନ ମଣ୍ଡଳୀ ସ୍ତରର ନେତାକୁ ମଧ୍ୟରେ ପ୍ରତି ସପ୍ତାହରେ ଗୁଞ୍ଜା ଦେବାକୁ ପଡୁଥିବାରୁ ଏଷ୍ଟିମେଟ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଡ୍ରେନ ଓ ରାସ୍ତାକାମ ଦେଖୁଥିବା ଜଣେ ତଳସ୍ତରର କର୍ମଚାରୀ ନାମ ଗୋପନ ରଖି କହିଛନ୍ତି ।

## ଫେଲୋସିପ୍ ଅଫିସରେ ହାଜୀ ଅବୁଲ କାଶିମଙ୍କ ଶ୍ରଦ୍ଧାଞ୍ଜଳି ସଭା




ଭଦ୍ରକ , ୧୫/୫ (ନି.ପ୍ର): ଭଦ୍ରକ ସହରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫେଲୋସିପ୍ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ହାଜୀ ଅବୁଲ କାଶିମ ଖାଁଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଫେସର ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ ଏବଂ ବିଶିଷ୍ଟ ବୁଦ୍ଧିଜିବୀ ଏବଂ ଫେଲୋସିପ୍‌ର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ହାଜି ଅବଦୁଲ ମୁକିଦ ଖାଁ, ହରିପ୍ରସାଦ ନନ୍ଦ, କୈଳାସ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ପବନ ଶର୍ମା, ଅସରଫ ଅଲ୍ଲି, ସାନ୍ତନୁ ରାଉତ, ଅବଦୁଲଦୟାନ ଯିଆ, ମଦନ ମହାନ୍ତି, ପୁଷ୍ପାଞ୍ଜଳୀ ବେହେରା, ଲଲାଟେନ୍ଦୁ ମହାନ୍ତି, ବିଦ୍ୟାଧର ସାହୁ, ସେଖ ନିୟାଜ, ରାଜେନ୍ଦ୍ର ଜେନା, ମିର୍ଜା ଏଦାଜ୍ ବେଗ ଓ ଫେଲୋସିପ୍ ଅନୁଷ୍ଠାନର ସଂପାଦକ ଏସ୍.ଏମ୍.ଫାରୁକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଏବଂ ଉକ୍ତ ସଭାରେ ମୁସ୍ତାକ ଗୌହର ସଂଯୋଜନା କରିଥିଲେ ।

## ବର୍ଷୀୟାନ ସାମ୍ୟବାଦୀନେତ୍ରୀ ବାୟାଣୀ ନାୟକଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ




ନୀଳଗିରି , ୧୫/୫ (ନି.ପ୍ର): ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଞ୍ଚଳକମିଟି ତରଫରୁ ବର୍ଷୀଆନ ସାମ୍ୟବାଦୀନେତ୍ରୀ ବାୟାଣୀ ନାୟକ ଙ୍କ ଉଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଶୋକସଭାରେ ରାଜ୍ୟକାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଭାଗନେଇ ପ୍ରକାଶ କଲେ କି ବାୟାଣୀ ନାୟକ ବ୍ରିଟିଶଶାସନ ଅଧିନସ୍ଥ ମୋଗଲବନ୍ଦୀ ଅଞ୍ଚଳରେ ଜନ୍ମଗ୍ରହଣ କରି ନୀଳଗିରି ଗଡଜାତ ରାଜ୍ୟରେ ଏକ ସର୍ବରକ୍ଷକାର ପରିବାରରେ ବିବାହ କରିଥିଲେ। ସେ ଏକାଧାରରେ ସୁ ଗୃହିଣୀର କାର୍ଯ୍ୟ ତୁଲାଇବା ସହିତ ସମାଜସେବାରେ ଅଗ୍ରଣୀଭାବେ ନିଜକୁ ନିୟୋଜିତ କରିଥିଲେ । ବାମପନ୍ଥୀ ଚିନ୍ତାଧାରା ରେ ଅନୁପ୍ରାଣିତ ହୋଇ ସାମ୍ପ୍ରଦାୟିକ ଭିଡ଼ ହତ୍ୟାକୁ ବିରୋଧ କରି ପୋଲିସ ର ଆକ୍ରୋଶ ର ଶିକାର ହୋଇ ବିଚାର ବନ୍ଦୀ ଭାବରେ ୩ ମାସ ଧରି ନୀଳଗିରି ଜେଲ ରେ ରହିବା ଓ ଜେଲ ରୁ ବାହାରିବା ପରେ ନିଜେ ସମାଜ ସେବା ସହିତ ଜଡିତ ହେବା ସହିତ ନିଜର ପୁତ୍ର ଓ ପୁତ୍ରବଧୂମାନଙ୍କୁ ସେହି ମାର୍ଗ ଅବଲମ୍ବନ କରିବା ପାଇଁ ଉତ୍ସାହିତ କରିଥିଲେ । ସେହି ମହିୟସୀ ନାରୀ ଗତ ମେ ମାସ ୯ତାରିଖ ୧୦୩ ବର୍ଷ ବୟସ ରେ ତାଙ୍କ ବାସଭବନ ଗୁହାଳିଆ ଗ୍ରାମ ରେ ହୃଦ ଯନ୍ତ୍ରଣା ଅନୁଭବ କରି ସ୍ୱର୍ଗଗାମୀ ହୋଇଥିଲେ । ତାଙ୍କ ର ଅମର ଆତ୍ମା ର ସଦ୍ଗତି କାମନା କରି ଏକ ଶୋକ ସଭା ନୀଳଗିରି ର ବନମାଳୀ ଭବନ ରେ ଅନୁଷ୍ଠିତ ହୋଇଥିଲା । ଏହି ଶୋକ ସଭା ରେ ସଭାପତିତ୍ୱ କରିଥିଲେ ୮୮ ବର୍ଷୀୟ ବୟୋଜ୍ୟେଷ୍ଠ ସାଥି ସୀତାରାମ ଦାସ, ଏହି ଶୋକ ସଭା ରେ ଜୋନ ସମ୍ପାଦକ ବିଜୟ ସ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଉପସ୍ଥିତ କର୍ମୀ ବନ୍ଧୁ ସହଯୋଗି ମାନଙ୍କୁ ତାଙ୍କର ବକ୍ତବ୍ୟ ଉପସ୍ଥାପନା ସମୟରେ ପ୍ରକାଶ କଲେ କି ବାୟାଣୀ ନାୟକ ଙ୍କ ସହଯୋଗ ରେ ଗଢି ଉଠିଥିବା ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଆନ୍ଦୋଳନ କୁ କ୍ରିୟାଶୀଳ କରି ପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କମ୍ୟୁନିଷ୍ଟ ନେତା ବିକ୍ରମକେଶରୀ ମିଶ୍ର, ରବୀନ୍ଦ୍ର ନାୟକ, ଆଦିବାସୀ ନେତା ଭାସ୍କର ଦାସ, ନାଗେନ୍ଦ୍ର ଦଳେଇ, ଲମ୍ବୋଦର ବେହେରା, ଚାଷୀନେତା ସୁରେନ୍ଦ୍ର ମହାପାତ୍ର ଙ୍କ ସମେତ ବହୁ କର୍ମୀ ସମର୍ଥକ ମକ୍ଷନେ ଏହି ଶୋକ ସଭା ରେ ଭାଗ ନେଇଥିଲେ । ସର୍ବ ଶେଷ ରେ ମେ ମାସ ଆସନ୍ତା ୨୯ତାରିଖ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଦାବି ରେ ଔପଦା ବ୍ଲକସମ୍ମୁଖରେ ଗଣ ବିକ୍ଷୋଭରେ ଯୋଗଦେବାକୁ ସମ୍ପାଦକ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

## ତେଲ ସଙ୍କଟ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ତାରା ବାହିନୀପତି

ଭୁବନେଶ୍ୱର, ୧୫/୫ (ନି.ପ୍ର): ରାଜ୍ୟରେ ୧୩ଶହରୁ ଅଧିକ ପେଟ୍ରୋଲ ପମ୍ପ ବନ୍ଦ ହୋଇଗଲାଣି। ୨ ହଜାରରୁ ଅଧିକ ବସ ଅଚଳ ହେବାକୁ ବସିଲାଣି। ତେଲ ପାଇଁ ସାରା ରାଜ୍ୟରେ ହାହାକାର ପରିସ୍ଥିତି ଉପୁଜିଲାଣି। ଶହେ ଟଙ୍କାର ତେଲ ଦେଉଛନ୍ତି କଂଟା ଉପରକୁ ଉଠୁନି। କିନ୍ତୁ ସରକାର ବାହା ବାହା ମାରୁଛନ୍ତି ରାଜ୍ୟରେ ତେଲ ମହଜୁଦ୍ ଅଛି। ଏମିତି କହି ସରକାରଙ୍କ ଉପରେ ବର୍ଷିଛନ୍ତି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି। ସେ କହିଛନ୍ତି କୋରାପୁଟ ଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପ ଆଗରେ ଶହ ଶହ ଗାଡି ଧାଡି ବାନ୍ଧିଛନ୍ତି। ୫୦୦ ଟଙ୍କାର ତେଲ ମାଗିଲେ ୧୦୦ ଟଙ୍କାର ଦେଉଛନ୍ତି। ତେଲ ନଥିବାରୁ ୨ ହଜାର ବସ୍ ଅଚଳ। ଶତାଧିକ ପେଟ୍ରୋଲ ପମ୍ପ୍ ବନ୍ଦ। ରାଜ୍ୟରେ ହାହାକାର ପରିସ୍ଥିତି ଭିତରେ ସରକାର କହୁଛନ୍ତି ରାଜ୍ୟରେ ତେଲର ଅଭାବ ନାହିଁ।

## ପଟ୍ରୋଲ ପକାଇବାକୁ ନେଇ ମହିଳାଙ୍କ ମଧ୍ୟରେ କଥା କଟାକଟି ଓ ଥାନାକୁ ଗଲା ମାମଲା

ଖୋର୍ଦ୍ଧା, ୧୫/୫ (ନି.ପ୍ର): ସାରା ରାଜ୍ୟରେ ତୈଳ ସଙ୍କଟ ଦେଖା ଦେଇଥିବା ବେଳେ ତେଲଟାଙ୍କି ମାନଙ୍କରେ ତେଲ ପକାଇବାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ଦେଖିବକୁ ମିଳୁଥିବା ବେଳେ ଗତ ଗୁରୁବାର ସନ୍ଧ୍ୟା ସମୟରେ ଖୋର୍ଦ୍ଧା ପିତାପଲ୍ଲୀ ପେଟ୍ରୋଲ ଟାଙ୍କିରେ ଜଣେ ଯୁବତୀ ସହିତ ତିନିଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଦୁଇଟି ମଟର ସାଇକେଲରେ ଆସି ଧାଡ଼ିର୍ ନରହି ପେଟ୍ରୋଲ ପକାଇବାକୁ ଚେଷ୍ଟା କରିଥିଲେ । ଏପରିକି ଯୁବତୀ ଜଣଙ୍କ ପେଟ୍ରୋଲ ଟାଙ୍କିରେ ନିଜକୁ ଏକ ପ୍ରତିଷ୍ଠିତ ସମ୍ବାଦପତ୍ର ର ସାମ୍ବାଦିକା କହି ତାଙ୍କ ଗାଡ଼ିରେ ପ୍ରଥମେ ପେଟ୍ରୋଲ ପକାଇବାକୁ ଧମକ ଦେଇଥିଲେ। ତେବେ ସେଠାରେ ସ୍ମିତିପ୍ରଜ୍ଞା ବଳିୟାର ସିଂହ ନାମ୍ନୀ ଜଣେ ସ୍ଥାନୀୟ ଯୁବତୀ ଉକ୍ତ ମହିଳା ସାମ୍ବାଦିକାଙ୍କୁ ବିରୋଧ କରିବାରୁ ସେ ଏବଂ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ମିଶି ଆକ୍ରମଣ କରିବାକୁ ମଧ ପଛାଇ ନଥିଲେ ଏବଂ ଭିଡ଼ିଓ ଉତ୍ତୋଳନ କରି ଭାଇରାଲ କରିବାକୁ ଧମକ ଦେଇଥିଲେ । ଘଟଣା ଉଗ୍ରରୂପ ଧାରଣ କରୁଥିବା ଦେଖି ସ୍ଥାନୀୟ ଜନସାଧାରଣଙ୍କ ହସ୍ତକ୍ଷେପ ପରେ ନିଜକୁ ସାମ୍ବାଦିକ ବୋଲାଉଥିବା ଯୁବତୀ ଏବଂ ତାଙ୍କର ପୁରୁଷ ବନ୍ଧୁ ସେଠାରୁ ଖସି ପଳାଇ ଯାଇଥିଲେ। କିନ୍ତୁ ବିଳମ୍ବିତ ରାତିରେ ସ୍ମିତିପ୍ରଜ୍ଞା ସହିତ ଯୁକ୍ତିତର୍କ ସମୟର ଭିଡ଼ିଓକୁ ଉକ୍ତ ମହିଳା ସାମ୍ବାଦିକା ଓଡ଼ିଶା ପୋଷ୍ଟ ନାମକ ଏକ ସାମାଜିକ ଗଣ ମାଧ୍ୟମରେ ପୋଷ୍ଟ କରି ଭାଇରାଲ କରିଥିଲେ । ଏ ନେଇ ସ୍ମିତିପ୍ରଜ୍ଞା ଉକ୍ତ ସଂସ୍ଥାର ମୁଖ୍ୟ ସମ୍ପାଦକଙ୍କୁ ଘଟଣା ସଂମ୍ପର୍କରେ ଅବଗତ କରାଇବା ସହିତ ଖୋରଧା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣା ସମ୍ପର୍କରେ ଯାଞ୍ଚ କରୁଛି ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର, ୧୫/୫ (ନି.ପ୍ର): ବାସୁଦେବପୁର ଜୀବନ ବୀମା ନିଗମ କାର୍ଯ୍ୟାଳୟ ପରିସରରେ ଶାଖା ପରିଚାଳକ ତପନ କୁମାର ସାହୁଙ୍କ ପଦୋନ୍ନତି ହୋଇ ଥିବାରୁ ଏହି ଅବସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀ ସାହୁ ଅତିରିକ୍ତ ମଣ୍ଡଳ ସଭାପତି ଭାବେ ପଦୋନ୍ନତି ପାଇ ଭଦ୍ରକ ଶାଖାକୁ ଯାଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ସହାୟକ ଶାଖା ପ୍ରବନ୍ଧକ ହେମନ୍ତ କୁମାର ନାୟକ, ଶାଖା ପରିଚାଳକ ଲୋଚନ କୁମାର ମହା ନନ୍ଦିଆ, ଉନ୍ନୟନ ଅଧିକାରୀ ପ୍ରକାଶ କୁମାର ନାୟକ, ଏଜେଣ୍ଟ ୟୁନିଅନ ପ୍ରେସିଡେଣ୍ଟ ସତ୍ୟ ସୁନ୍ଦର ରାଉତ,ସେକ୍ରେଟାରୀ ସୁବାସ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା, ମନୋଜ କୁମାର ବେହେରା, ସଞ୍ଜୟ କୁମାର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ସତ୍ୟ ସୁନ୍ଦର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପ୍ରଫୁଲ୍ଲ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଷାଫଳ ପଂଚାୟତରେ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ରାସ୍ତାର ଶିଳାନ୍ୟାସ ଅନୁଷ୍ଠିତ

### ବିଗତ ୨ବର୍ଷ ମଧ୍ୟରେ ସଦର ନିର୍ବାଚନ ମଣ୍ଡଳୀରେ ୧୫୦କିଲୋମିଟର ରାସ୍ତା ପାଇଁ ଖର୍ଚ୍ଚ ହୋଇଛି ୨୦୦କୋଟି : ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୫/୫ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର କଷାଫଳ ପଂଚାୟତରେ ତିନୋଟି ରାସ୍ତାର ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ୫କୋଟି ୫୯ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସାର୍ଥା ଠାରୁ କଷାଫଳ ପର୍ଯ୍ୟନ୍ତ ସାହୁ ଫେରିଘାଟରୁ ସାର୍ଥାବିନ୍ଧା ରାସ୍ତା, ୩କୋଟି ୧୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସାହୁ ମାର୍କେଟ ଅଙ୍ଗନବାଡି କେନ୍ଦ୍ର ଠାରୁ ଡିଗିରି ପାହି ପର୍ଯ୍ୟନ୍ତ ରାସ୍ତା ଏବଂ ୧କୋଟି ୮୮ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସତ୍ୟ ନାରାୟଣ ଘର ଛକ ଠାରୁ ଚାଳତି ଭାୟା ବାରମାନିଆ, ଗିମାଗଡିଆ ରାସ୍ତା ପ୍ରଭୃତିର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପାଇଁ ଶିଳାନ୍ୟାସ କରିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ଭୁସୁଡି ପଡିଥିବା ଗମନାଗମନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଗତ ୨ବର୍ଷ ମଧ୍ୟରେ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ୧୫୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ନିର୍ମାଣ ପାଇଁ ୨୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇ ସାରିଛି ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ସଠିକ ମାନଦଣ୍ଡ ଓ ଗୁଣବତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ପ୍ରକଳ୍ପଗୁଡିକର ସଫଳ ରୂପାୟନ ପାଇଁ ଗ୍ରାମବାସୀଙ୍କ ସହଯୋଗ କାମନା ସହ ଯୋଜନାବଦ୍ଧ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ପ୍ରକଳ୍ପଗୁଡିକର ନିର୍ମାଣ କାର୍ଯ୍ୟ ଲୋକଙ୍କ ଆଶା ମୁତାବକ ଶେଷ ହେବ ବୋଲି ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । କଷାଫଳ ପଂଚାୟତର ସରପଂଚ ଜୟନ୍ତୀ ଆଦିକ ଓ ସମିତି ସଭ୍ୟା ପ୍ରିୟଙ୍କା ଜେନାଙ୍କ ସହ ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୃଷ୍ଟି, ଲୋକନାଥ ଭୂୟାଁ, ମୁକୁନ୍ଦ ଆଦିକ, ମନ୍ମଥ ବେହେରା, ସତ୍ୟଜିତ ଜେନା, ମନୋରଞ୍ଜନ ନନ୍ଦି, ପବନ କମିଲା, ଅଶୋକ ରଣା, ହରେକୃଷ୍ଣ ଖଣ୍ଡା, ଶମ୍ଭୁନାଥ ଶାବଳ, ଆଶିଷ ସାହୁ, ଆଶିଷ ରାୟ, ସୁଶାନ୍ତ ପରିଡା, ହେମନ୍ତ ପରିଡା, ହରିଶ୍ଚନ୍ଦ୍ର ଦଳାଇ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida